# ସାମାଜିକ ସୁରକ୍ଷା

ଡ଼.ଲକ୍ଷ୍ମୀଧର ମିଶ୍ର



# ସାମାଜିକ ସୁରକ୍ଷା

## ଅଣସଂଗଠିତ ଶ୍ରମିକ : ସାଂପ୍ରତିକ ସ୍ଥିତି ଓ ସମସ୍ୟାବଳୀ

(ଜଗତୀକରଣ ପେକ୍ଷାପଟ୍ଟରେ ଶ୍ରମଜୀବୀମାନଙ୍କର ମାନବିକ ଅଧିକାର ସମୂହର ସୁରକ୍ଷା ଉପରେ ପ୍ରସ୍ତୁତ ଏକ ତଥ୍ୟ ସମ୍ବଳିତ ଆଲେଖ୍ୟ)

ମୂଳଲେଖା

**ଡ଼ଃ ଲକ୍ଷ୍ମୀଧର ମିଶ୍ର**

# ସାମାଜିକ ସୁରକ୍ଷା

**ଅଣସଂଗଠିତ ଶ୍ରମିକ : ସାଂପ୍ରତିକ ସ୍ଥିତି ଓ ସମସ୍ୟାବଳୀ**
(ଜଗତୀକରଣ ପୃଷ୍ଠପଟରେ ଶ୍ରମଜୀବୀମାନଙ୍କର ମାନବିକ ଅଧିକାର ସମୂହର ସୁରକ୍ଷା ଉପରେ ପ୍ରସ୍ତୁତ ଏକ ତଥ୍ୟ ସମ୍ବଳିତ ଆଲେଖ୍ୟ)


ମୂଳ ଇଂରାଜୀ : **ଡ଼କ୍ଟର ଲକ୍ଷ୍ମୀଧର ମିଶ୍ର**
ଓଡ଼ିଆ ଅନୁସୃଜନ : **ଚିତ୍ତ ବେହେରା**
ପ୍ରକାଶକ : ପ୍ରଗତିଶୀଳ ପ୍ରକାଶନୀ
ପ୍ଲଟ୍ ନଂ.: ୨୫, ମଧୁସୂଦନ ନଗର,
ୟୁନିଟ୍-୪, ଭୁବନେଶ୍ୱର, ଓଡ଼ିଶା
ପ୍ରଥମ ସଂସ୍କରଣ : ୨୦୧୬
ସହଯୋଗ ରାଶି : ଟ.୨୦/- (କୋଡିଏ ଟଙ୍କା) ମାତ୍ର


## SOCIAL PROTECTION


**Dr. Lakshmidhar Mishra**

Translation:
**Chitta Behera**

Publisher:
Pragatisila Prakasani
Plot No.:25, Madhusudan Nagar,
Unit-4, Bhubaneswar, Odisha
E-mail: psm.odisha@gmail.com

First Edition: 2016

Price: Rs.20/- (Twenty Rupees) only

# ପ୍ରକାଶନିଷ୍ଠ ଅଭିବ୍ୟକ୍ତି

**ସା**ମାଜିକ ସୁରକ୍ଷା ଓ ନିରାପତ୍ତା ପ୍ରତି ମଣିଷର ଜନ୍ମଗତ ଅଧିକାର, ସେତକ ନ ରହିଲେ କୌଣସି ମଣିଷ ନିରାପଦ ଭାବେ ଓ ପୂର୍ଣ୍ଣାଙ୍ଗ ରୂପେ ବିକଶିତ ହୋଇପାରିବ ନାହିଁ । ସେଥିପାଇଁ ପ୍ରତି ଜନମଙ୍ଗଳ ରାଷ୍ଟ୍ରର ତାହା ପ୍ରାଥମିକ କର୍ତ୍ତବ୍ୟ ଯେ ସେ ତା'ର ପ୍ରତି ନାଗରିକଙ୍କୁ ସୁରକ୍ଷିତ ଓ ନିରାପଦ ରହିବାର ଅଧିକାର ଯୋଗାଇ ଦେବ । ଏତକର ଅଭାବ ଥିବା ରାଷ୍ଟ୍ର ନିଜେ ଆଗେଇ ପାରେନାହିଁ କି ତା'ର ନାଗରିକ ଗଣ । ସେ ରାଷ୍ଟ୍ର ଧୀରେ ଧୀରେ ଦୁର୍ବଳ ହୋଇପଡ଼େ ଏବଂ ତା'ର ସାମଗ୍ରିକ ଅର୍ଥନୀତି ସବୁ ଦିଗରୁ ବିପଦପନ୍ନ ହୁଏ । ନାଗରିକଟିଏ ସୁରକ୍ଷିତ ନ ରହିଲେ ସେ ସୃଜନଶୀଳ ଭାବେ କର୍ମ କରିପାରିବ ନାହିଁ । ସୃଜନଶୀଳ କର୍ମ ନ ରହିଲେ ରାଷ୍ଟ୍ରର ସୃଜନଶୀଳ ବିକାଶ ବ୍ୟାହତ ହେବ ଏବଂ ଉତ୍ପାଦନ ହ୍ରାସ ପାଇବ । ଏହା ହିଁ ଆଜି ହୋଇଛି ଗଣତାନ୍ତ୍ରିକ ବୋଲାଉଥିବା ଭାରତବର୍ଷର ଆଭ୍ୟନ୍ତରୀଣ ଅବସ୍ଥା । ସବୁକଥା ବଜାରଭିତ୍ତିକ ଅର୍ଥନୀତିରେ ମୂଳଚାଲରେ ହିସାବ ହେଲେ, ଯେଉଁଠି ଲାଭ ଓ ଲୋଭ ପ୍ରାଧାନ୍ୟ ବିସ୍ତାର କରିଥାଏ, ସେଠାରେ ରକ୍ତ ମାଂସର ମଣିଷ ସାମଗ୍ରୀ ସଦୃଶ ତଉଲ ହେବାକୁ ବାଧ୍ୟ ଏବଂ ମୂଲ୍ୟବୋଧ ଭିତ୍ତିକ ନୀତି ଆଦର୍ଶର ପୃଥିବୀ ସେଠାରେ ଭାଙ୍ଗିପଡ଼େ । ଶ୍ରମିକଟି ସେଠାରେ ପାଲଟେ ଉତ୍ପାଦନର କିଙ୍କର, ଉତ୍ପାଦନ ନ ଥିଲେ ତା'ର ମୂଲ୍ୟାଙ୍କନ ହୁଏ ନାହିଁ । ସେ ପାଲଟିଯାଏ ସାମଗ୍ରୀ, ସେଠାରେ ଆବେଗ ସମ୍ବେଦନା, ମାନବୀୟ ସୃଜନାତ୍ମକ କର୍ମ ସବୁ ସାମଗ୍ରୀ ଭଳି ବିଚାର କରାଯାଏ; ଆଜିକାଲି ସାମଗ୍ରୀ ସବୁ ଯନ୍ତ୍ର ଦ୍ୱାରା ଉତ୍ପାଦିତ ହେଉଥିଲାବେଳେ ମଣିଷର ବିଚାର ଯନ୍ତ୍ର ସହିତ ତୁଳନୀୟ ହୁଏ, ଯନ୍ତ୍ର ଭଳି ମଣିଷ ହୋଇପଡ଼େ ନିର୍ବୀକ, ଆବେଗଶୂନ୍ୟ ।

ସାମାଜିକ ସୁରକ୍ଷା ନ ରହିଲେ ଶ୍ରମିକଟିର ରହେ ନାହିଁ ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା, ରୋଜଗାର ନିରାପତ୍ତା ତଥା ନିୟମିତ, ସ୍ଥାୟୀ ନିଯୁକ୍ତିର ନିରାପତ୍ତା ତଥା ଅନ୍ୟାନ୍ୟ ବହୁପ୍ରକାର ସାମାଜିକ ତଥା କର୍ମସ୍ଥଳୀର ନିରାପତ୍ତା– ଦୁର୍ଘଟଣାରେ, ବିପଦସଂକୁଳ କାର୍ଯ୍ୟରେ, ସନ୍ତାନ ସନ୍ତତିଙ୍କ ସୁସ୍ଥ ପରିପୂର୍ଣ୍ଣ ସମ୍ବର୍ଦ୍ଧନରେ ନିରାପତ୍ତା । ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇ.ଏଲ.ଓ) ସଂପ୍ରତି ସାମାଜିକ ନିରାପତ୍ତାକୁ ପରିବ୍ୟାପ୍ତ ଓ ମାନବୀୟ ଦୃଷ୍ଟିକୋଣରୁ ବିଚାର କରୁଛି । ମଣିଷଟିଏ ତା'ର ପରିବାର ସହ ସ୍ୱାଧୀନତା, ସ୍ୱାଭିମାନ ଓ ଆର୍ଥିକ ନିରାପତ୍ତାରେ ଏକ ସୁସ୍ଥ, ସୁସଂହତ ଜୀବନ ବଞ୍ଚିବା ଅଧିକ ପ୍ରୟୋଜନୀୟ । ଅଣ ସଂଗଠିତ କ୍ଷେତ୍ରରେ ଶ୍ରମିକମାନେ ସାମାଜିକ ସୁରକ୍ଷା ଦିଗରେ କିଞ୍ଚିତ ବିପଦାପନ୍ନ ସେମାନେ ବହୁ ପ୍ରକାର

ସମସ୍ୟାକୁ ସାମ୍ନା କରନ୍ତି । ସୁତରାଂ ସାମାଜିକ ସୁରକ୍ଷା ପ୍ରାପ୍ତିର ଅନ୍ୟ ଏକ ଆବଶ୍ୟକ ଦିଗ ହେଲା-ସଂଗଠିତ ହେବା ।

ଗତ କିଛିବର୍ଷ ଧରି ଆମେ ଅଣ-ସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ଦୁର୍ଦ୍ଦଶାକୁ ନିକଟରୁ ନିବିଡ଼ ଭାବେ ଲକ୍ଷ୍ୟ କରିଆସୁଛୁ । ଅଣସଂଗଠିତ ଥିବାରୁ ପ୍ରଥମତଃ ସେମାନେ ନିଯୁକ୍ତି ପରିସରରେ ଅବହେଳିତ; କୌଣସି କମ୍ପାନୀ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଉନାହାନ୍ତି କିମ୍ବା ଏ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । କାହାରିକୁ ଅସ୍ଥାୟୀ ନିଯୁକ୍ତି ମିଳିଲେ ବି ଯଥାଯଥ ମଜୁରୀ ପ୍ରଦାନ ଦିଗରେ ଆହୁରି ଅନିଶ୍ଚିତ ଅବସ୍ଥା ଲାଗି ରହୁଛି, ଯାହା ସଂଗଠିତ କ୍ଷେତ୍ରରେ ଘଟୁନାହିଁ । କାରଣ ସଂଗଠିତ ହେଲେ ଶ୍ରମିକମାନେ ମିଳିତ ମୁଲଚାଳର ମଜୁରି ପାଇଁ ଦାବି ଜଣାଇ ପାରିବେ ଏବଂ ଏଥିରେ ବ୍ୟତିକ୍ରମ ହେଉଥିଲେ ସେମାନେ ପ୍ରତିବାଦ କରି ଆଇନ୍‌ଗତ ପଦକ୍ଷେପ ନେଇପାରିବେ । ଅଣସଂଗଠିତ ଶ୍ରମିକଟି ସେହିପରି ପଦକ୍ଷେପ ନେବାକୁ ଏକାକୀ ସାହାସ କରିପାରିବ ନାହିଁ ।

ସଂଗଠିତ ରହିଲେ ଶ୍ରମିକମାନଙ୍କ ଦାବିକୁ ସବୁ ସ୍ତରରେ ମାନ୍ୟତା ମିଳିବ । ଶ୍ରମ କର୍ତ୍ତୃପକ୍ଷ ଅବହେଳା କଲେ ଏହାକୁ ସମ୍ବାଦପତ୍ର ପୃଷ୍ଠାରେ ପ୍ରକାଶ କରି ଉଚ୍ଚତର ବୁଦ୍ଧିଜୀବୀ ମହଲରେ ଦୃଷ୍ଟି ଆକର୍ଷଣ କରିହେବ ଏବଂ ଦାବିମାନ ହାସଲ କରିହେବ । ଏକାଠି ସମ୍ମେଳନ କରି ଅନ୍ୟାୟର ପ୍ରତିବାଦ କରିହେବ । ଅତୀତରେ ଶ୍ରମ ପରିସରରେ ଯେଉଁଠି ସବୁ ଦାବି ହାସଲ ହୋଇଛି ସେମାନେ ସଂଗଠିତ ହୋଇ ମିଳିତ ଲଢ଼େଇ, ପ୍ରତିବାଦ ଓ ଦାବି ଉପସ୍ଥାପନା କରିବା ଫଳରେ ଆଇନ୍ ଥିଲେ ବି ଆଇନ୍‌କୁ ଏଡ଼େଇ ଦେଇ, ଫାଙ୍କିଦେଇ ଚାଲିଯିବାକୁ ସବୁ ସ୍ତରରେ ସ୍ୱାର୍ଥନ୍ୱେଷୀ ପ୍ରଶାସକ ଶ୍ରେଣୀ ପ୍ରସ୍ତୁତ ଥା'ନ୍ତି । ମାତ୍ର ସଂଗଠିତ ରହିଲେ ମିଳିତ ଶକ୍ତିକୁ ସବୁ ସ୍ତରରେ ଡ଼ରିବେ ଏବଂ ଆଇନର ଯଥାଯଥ କାର୍ଯ୍ୟକାରିତା ଘଟିବ ।

ଏହି ପୁସ୍ତକଟିର ଅନୁବାଦ ପାଇଁ ପ୍ରସ୍ତାବ ବାଢ଼ିବାରୁ ସେ ଖୁସି ହେବା ସହ ସମ୍ମତି ପ୍ରଦାନ କରିଥିଲେ । ଆମ ଦ୍ୱାରା ସଂପାଦିତ ହୋଇ ଆସୁଥିବା "ଶ୍ରମିକ ସମ୍ବାଦ"ରେ ଏହି ଅନୁବାଦର ନିୟମିତ ପ୍ରକାଶନ ଏବଂ ବହୁ ପାଠକ ଶ୍ରମିକ ସଂଗଠନମାନଙ୍କଠାରୁ  ପ୍ରେରଣା ଓ ଉତ୍ସାହ ପାଇଥିଲୁ । ଅଧିକ ସଂଖ୍ୟକ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଭାବିଲୁ । ଏହାକୁ ଶ୍ରୀଯୁକ୍ତ ଚିତ୍ତ ବେହେରା ଅନୁବାଦ କରିବାରେ ସାହାଯ୍ୟ କରିଥିବାରୁ ଆମ୍ଭେ ତାଙ୍କୁ ଧନ୍ୟବାଦ ଦେଉଛୁ ।

**ଶ୍ରୀ ରକ୍ଷାକର ଅନୁପମ**

ସାଧାରଣ ସଂପାଦକ

ପ୍ରଗତିଶୀଳ ଶ୍ରମିକ ମଞ୍ଚ, ଓଡ଼ିଶା

**ଗୋ**ଟିଏ ଶିଶୁ ଜନ୍ମ ନେବା ସହିତ ମଣିଷ ଜାତିରେ ଆଉ ଜଣେ ଯୋଡି ହୋଇଯାଏ ଏବଂ ଏହି କାରଣରୁ ସେହି ମୁହୂର୍ତ୍ତଟି ଉତ୍ସବମୁଖର ହୋଇପଡେ ତଥା ଖୁସି, ଆନନ୍ଦ ଓ ଉଲ୍ଲାସରେ ଭରିଉଠେ । ଆମେ ସମସ୍ତେ, ବାପାମାଆ, ଅଭିଭାବକ ତଥା ପରିବାରର ଆତ୍ମୀୟ ସ୍ୱଜନ ସେହି ପିଲାର ଦୀର୍ଘାୟୁ, ଆଜୀବନ ଉତ୍ତମ ସ୍ୱାସ୍ଥ୍ୟ ତଥା ସଂପୂର୍ଣ୍ଣ କଲ୍ୟାଣ କାମନା କରି ସମସ୍ୱରରେ ଶୁକ୍ଳ ଯଜୁର୍ବେଦର ପରିଭାଷାରେ ପ୍ରାର୍ଥନା କରିଥାଉ-

"ଶହେଟି ଶରତ ନିଜର ଉଦ୍ଭାସିତ ଗାରିମା ସହ ଆମର ପ୍ରତ୍ୟକ୍ଷ ହେଉ ବୋଲି ଆମେ କାମନା କରୁଛୁ । ଶହେଟି ଶରତର ସୁରଭି ଓ ସଜୀବତାରେ ଆମ ଜୀବନ ଭରିଯାଉ ବୋଲି ଆମେ କାମନା କରୁଛୁ । ଶହେଟି ଶରତର ଗୁଞ୍ଜନ (ପତ୍ରସ୍ଖଳନ ଜନିତ) ଆମେ ଶୁଣିବାକୁ କାମନା କରୁଛୁ । ଶହେଟି ଶରତର ପରିଭାଷାରେ ମାନବଜାତିର ଚିତ୍ତବିନୋଦନ କରିବା ପାଇଁ ଆମେ କାମନା କରୁଛୁ ।"

ଶରତ ହେଉଛି ବୃକ୍ଷଜଗତର ପୁଷ୍ପ ଓ ସବୁଜିମାରେ ନିହିତ ଥିବା ନିର୍ମଳତା ଓ ସୌରଭର ପ୍ରତୀକ । ଶୈଶବ, ଯାହାକି ହେଉଛି 'ମାନବଜୀବନର ବିକାଶ କ୍ଷେତ୍ରରେ ସବୁଠୁଁ କୋମଳ, ତରଳ ଓ ଉଦୀୟମାନ ପର୍ଯ୍ୟାୟ', ତାହା ବୃକ୍ଷଜଗତର ପୁଷ୍ପରାଜି ଓ ସବୁଜିମା ଭିତରେ ନିହିତ ଥିବା ଅସରନ୍ତି ସଜୀବତା ଏବଂ ସୌରଭ ସହିତ ସମତୁଲ୍ୟ ବୋଲି ଶୁକ୍ଳ ଯଜୁର୍ବେଦର ଉକ୍ତ ପଂକ୍ତି ଭିତରେ ସୂଚୀତ ହୋଇଛି । ଏହାର ନିର୍ଯ୍ୟାସ ହେଲା, ସମସ୍ତ ମଣିଷମାନଙ୍କୁ ଏକ ନିରାପଦ, ନିର୍ମଳ, ସଜୀବତାମୟ ଏବଂ ନିରାମୟ ଜୀବନ ଉପଲବ୍ଧ ହେଉ ବୋଲି ଏକ ମୌଳିକ ଆକାଂକ୍ଷା କେଉଁ ଏକ ଅବିସ୍ମରଣୀୟ ଆଦିମ ମୁହୂର୍ତ୍ତରୁ ବିଦ୍ୟମାନ ରହିଆସିଛି ।

ଏହି ଆକାଂକ୍ଷାଟି ଯୁଗଯୁଗ ଧରି ଆତ୍ମପ୍ରକାଶ କରିଆସିଛି ଅଗଣିତ ଆଙ୍ଗିକ ମାଧ୍ୟମରେ, ଯଥା: କଳା, ସାହିତ୍ୟ, ନୃତ୍ୟ, ନାଟ୍ୟ, ସଂଗୀତ, ଚିତ୍ରଶିଳ୍ପ ଓ ସ୍ଥାପତ୍ୟ ଇତ୍ୟାଦି ଏବଂ ସେହି ଧାରା ଏବେବି ପ୍ରବହମାନ । ବେଶୀ ଦିନର କଥା ନୁହେଁ, ଗୁରୁଦେବ ରବୀନ୍ଦ୍ରନାଥ ଠାକୁର

ମଣିଷର ଏହି ସୁତୀବ୍ର ଜୀବନାକାଂକ୍ଷାକୁ ତାଙ୍କର ଏକ ଅନ୍ୟତମ ମନଲାଖି କବିତା ପଙ୍କ୍ତିରେ ଏହିଭଳି ପ୍ରକାଶ କରିଥିଲେ:

ମରିବାକୁ ଚାହେଁ ନାହିଁ ମୁଁ ହିଁ,
ବଞ୍ଚିବାକୁ ଚାହେଁ ଏହି ସୁନ୍ଦର ଧରାରେ,
ଚାହେଁ ବଞ୍ଚିବାକୁ ମଣିଷମାନଙ୍କ ମଧ୍ୟରେ,
ପୁଣି ବଞ୍ଚିବାକୁ ଉଦୀୟମାନ ଓ ଅସ୍ତଗାମୀ ସୂର୍ଯ୍ୟଙ୍କ ଆଲୋକମାଳାରେ,
ସୁନ୍ଦରତା ଓ ସୁରଭିର ଏହି ବର୍ଣ୍ଣାଢ୍ୟ ପାରିଜାତ ମଧ୍ୟେ
ପୁଣି ତା'ର ଘନଶ୍ୟାମ ଆବେଷ୍ଟନୀ କୋଳେ,
ଆକୁଳିତ ପ୍ରାଣ ମୋର ଚାହେଁ ସଦାବେଳେ,
ସମାବିଷ୍ଟ ହୁଅନ୍ତି କି ପ୍ରାଣୀଜଗତ ହୃଦୟେ !

କିନ୍ତୁ ବାସ୍ତବ ଜୀବନର ଏକ କରୁଣ ସତ୍ୟ ହେଲା, ମଣିଷ ଜୀବନ ଅସୁମାରି ସମସ୍ୟା ଓ ବାଧାବିଘ୍ନରେ କବଳିତ । ଯୁଦ୍ଧ ଓ ବିଦ୍ରୋହ, କ୍ଷମତା କନ୍ଦଳ, ସାଂପ୍ରଦାୟିକ ଓ ଜାତିଆଣ ହିଂସା, ପାରସ୍ପରିକ କଳିତକରାଳ ଏବଂ ଅନ୍ୟାନ୍ୟ ବହୁ ବିଭୀଷିକାର ଆତଙ୍କ-ବ୍ୟୂହ ଭିତରେ ତା'ର ଜୀବନ ଅତ୍ୟନ୍ତ ଦୟନୀୟ ଭାବେ ଛନ୍ଦି ହୋଇପଡ଼େ । ପୁଣି ଶିଶୁ ମୃତ୍ୟୁ ଜନନୀ ମୃତ୍ୟୁ, ନିଷ୍ଠୁର ଭ୍ରୁଣହତ୍ୟା ଓ ଶିଶୁହତ୍ୟା ତଥା ରୁଗ୍ଣତା ଓ ଅପପୁଷ୍ଟି ଭଳି ନାନାଦି ଭୟଙ୍କର ବିପଦସମୂହ ଭିତରେ ତା' ଜୀବନ ଗତି କରିଚାଲେ । ଗୋଟିଏ ଶିଶୁ ଯେମିତି ବୟସ ଅତିକ୍ରାନ୍ତ ହେବା ସହିତ କୈଶୋର ଓ ତା'ପରେ ସାବାଳକତ୍ୱରେ ପ୍ରବେଶ କରିଥାଏ, ଠିକ୍ ସେହି ରୀତିରେ ମଣିଷର ଜୀବନ ମାଟି, ପବନ ଓ ପାଣିର ପ୍ରଦୂଷଣ ଜନିତ ସମସ୍ୟାମାନ ଯଥା: ବିଷାକ୍ତ ଧୂଳି, ଉତ୍ତପ୍ତ ବାଷ୍ପ ତଥା ଘର୍ଘର ଶବ୍ଦର ଶିକାର ହୋଇଚାଲେ । ବିଭିନ୍ନ ରାସାୟନିକ ଓ ଗ୍ୟାସୀୟ ପଦାର୍ଥଗୁଡିକର ବ୍ୟବହାର ଫଳରେ ଯେଉଁସବୁ ସ୍ୱାଭାବିକ ବିପଦ ଓ ଦୁର୍ଘଟଣାର ଆଶଙ୍କା ଥାଏ, ସେସବୁ ତ ଲାଗି ରହେ । କେତେକ ଧରଣର ଶ୍ରମ ଓ ଉତ୍ପାଦନ ପ୍ରକ୍ରିୟାରେ କିଛି ନା କିଛି ବିପଦ ଓ ଦୁର୍ଘଟଣାର ଆଶଙ୍କା ନିହିତ ଥାଏ ଏବଂ ତାହା ବେଳେବେଳେ ବାସ୍ତବରେ ପରିଣତ ହୋଇଯାଏ ଓ ତହିଁର ଫଳସ୍ୱରୂପ, ଦୈହିକ ଆଘାତ ଘଟିବା ସହିତ ଶ୍ରମିକର ପ୍ରାଣହାନି କିମ୍ୱା ଆଂଶିକ ଅଥବା ସଂପୂର୍ଣ୍ଣ ବା ସାମୟିକ ଅଥବା ଆଜୀବନ ବିକଳାଙ୍ଗତା ମଧ୍ୟ ଘଟିଥାଏ ।

ଅନିୟନ୍ତ୍ରିତ ସହରୀକରଣ ଏବଂ ବଜାରୀକରଣ ଦିଗରେ ମଣିଷ ସମାଜ ଏକମୁହାଁ ହୋଇ ଧାଇଁ ଚାଲିଲେ ତହିଁର ଅନିର୍ବାର୍ଯ୍ୟ ଫଳସ୍ୱରୂପ ଅତିରକ୍ତ ଭିଡ, ଗହଳି ତଥା ପ୍ରଦୂଷଣ ଭଳି ଦୁଷ୍ପରିଣତି ମାନ ଘଟିଥାଏ ଏବଂ ସମସ୍ୟା-କ୍ଲିଷ୍ଟ ମଣିଷ ସାମନାରେ ପୁଣି ନୂଆନୂଆ

ସମସ୍ୟା ଓ ବିପଦମାନ ମୁଣ୍ଡ ଟେକିଥାଏ । ଆର୍ଥିକ ମାନ୍ଦାବସ୍ଥା କାରଣରୁ ବେକାରୀ ଓ ଅର୍ଦ୍ଧ-ବେକାରୀ ସମସ୍ୟା ବଢ଼ିଚାଲିବା ସହିତ ଏଭଳି ଏକ ପରସ୍ଥିତି ସୃଷ୍ଟି ହୁଏ, ଯାହାଫଳରେ ଜଣେ ବ୍ୟକ୍ତି ନିଜ ଜୀବନର ସବୁଠୁଁ ବେଶୀ କର୍ମକ୍ଷମ ପର୍ଯ୍ୟାୟରେ ବି ନିଜର ଓ ପରିବାରର ଗୁଜୁରାଣ ସୁରୁଖୁରୁ ଭାବେ ମେଣ୍ଟାଇବା ପାଇଁ ଜରୁରୀ ହେଉଥିବା ସାଧାରଣ ପାରିଶ୍ରମିକ ଉପାର୍ଜନ କରିବାରେ ଅନିଶ୍ଚିତତା ଦେଖାଯାଇଥାଏ । ଆର୍ଥିକ ମାନ୍ଦାବସ୍ଥା ଭଳି ଆଉ କେତେକ ଆକସ୍ମିକ ସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ ଏବଂ ଏଭଳି ଅନେକ ସ୍ଥିତି ହଠାତ୍ ଓ କଳ୍ପନାତୀତ ଭାବେ ସାମନାକୁ ଚାଲିଆସେ । ଏଭଳି ସବୁ ସ୍ଥିତିରେ ମଣିଷ ନାଚାର ହୋଇ ଉଭୟ ଜୀବିକା ଓ ଉପାର୍ଜନ ହରାଇ ବସେ । ମଣିଷ ସାବାଳକ ଅବସ୍ଥାରୁ ବାର୍ଦ୍ଧକ୍ୟକୁ ଗତି କରିବା ସହିତ ତା'ର ଜୀବନ ନୂଆ ନୂଆ ଧରଣର ଜଟିଳତା ଓ ଦୁରବସ୍ଥାରେ କ୍ରମଶଃ ଆକ୍ରାନ୍ତ ହୋଇଚାଲେ । ଏଇଥିପାଇଁ ତା'ର ସ୍ଥିତି ଅଧିକ ଦୟନୀୟ ହୋଇପଡେ ଯେ, ପ୍ରଥମତଃ ତା'ର ସନ୍ତାନସନ୍ତତିମାନଙ୍କ ଠାରୁ ସେ କୌଣସି ଆର୍ଥିକ ସହାୟତା ପାଉନଥାଏ; ଅଥଚ ଆମ ସମାଜରେ ବୃଦ୍ଧବୃଦ୍ଧାମାନେ ଅତି ନିଃସହାୟ ହୋଇ ନିଜର ପିଲାମାନଙ୍କ ଉପରେ ସଂପୂର୍ଣ୍ଣ ଭାବେ ନିର୍ଭରଶୀଳ ହୋଇପଡିବାର ଲକ୍ଷ୍ୟ କରାଯାଇଥାଏ । ଦ୍ୱିତୀୟତଃ ସେମାନଙ୍କ ପାଇଁ କୌଣସି ଫଳପ୍ରଦ ସାମାଜିକ ବୀମା ବା ସାମାଜିକ ସହାୟତାର ଯୋଜନା ମଧ୍ୟ ନଥାଏ । ମଣିଷ ଜୀବନରେ ଏହା ହିଁ ଏକ ସନ୍ଧିକ୍ଷଣ ଏବଂ ଏହି ସମୟରେ ହିଁ ସେ ଉଭୟ ସାମୟିକ ଏବଂ ଦୀର୍ଘକାଳୀନ ସେବାଯତ୍ନ ଲୋଡିଥାଏ ।

ବନ୍ୟା, ବାତ୍ୟା, ମହାବାତ୍ୟା, ମରୁଡି, ଦୁର୍ଭିକ୍ଷ, ଅଂଶୁଘାତ, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ତଥା ଫ୍ଲୁ, ପ୍ଲେଗ୍ ଏବଂ ଉତ୍କଟ ଶ୍ୱାସରୋଗ ଭଳି ମହାମାରୀ ଘଟିବାରେ ଲାଗିଛି ଏବଂ ଚକ୍ରବତ୍ ଘଟିଚାଲିଛି ଓ ସେସବୁର ପରିଣତିସ୍ୱରୂପ ମଣିଷକୁ ଅବର୍ଣ୍ଣନୀୟ ଦୁର୍ଦ୍ଦଶା, ଯାତନା, ମୃତ୍ୟୁ ଏବଂ ବିଭୀଷିକା ଭୋଗିବାକୁ ପଡୁଛି । ବସ୍ତୁଗତ ପ୍ରାଚୁର୍ଯ୍ୟଭରା ତଥାକଥିତ ସଭ୍ୟତା-ସମୃଦ୍ଧ ଆଧୁନିକ ଜୀବନ, ଯାହାକି ଗୋଟିଏପଟରେ ଅଧିକରୁ ଅଧିକ ଧନସମ୍ପତ୍ତି ଠୁଳ କରିବାର ପାଗଳାମିରେ ଆକ୍ରାନ୍ତ ଏବଂ ଅନ୍ୟପଟରେ ଯାହାକି ମଣିଷକୁ ଘାରି ରହିଥିବା ତା'ର ଅଣୁବତ୍ ଅସ୍ତିତ୍ୱରୁ ଉଦ୍ଭୁତ ବଞ୍ଚନାବୋଧ ଏବଂ ନିଃସଙ୍ଗତା ଦ୍ୱାରା ବିଗଳିତ, ସେହି ପ୍ରକାର ଜୀବନର ବ୍ୟର୍ଥତାବୋଧକୁ ଗୁରୁଦେବ ରବୀନ୍ଦ୍ରନାଥ ଠାକୁର ୮୦ବର୍ଷ ପୂର୍ବେ ତାଙ୍କର କବିତା 'ଏକବାର୍ ଫିରାଓ ମୋରେ'ରେ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାଷାରେ ନିମ୍ନମତେ ପ୍ରକାଶ କରିଥିଲେ -

ସାମନାରେ ମୋର ଅଛି
ଏକ କାଳିମାକ୍ତ ବିଶ୍ୱ

ଗଭୀରଭାବେ କାଳିମାକ୍ତ ବିଶ୍ୱ
ଏକ ଆବଦ୍ଧ ଏବଂ ଅବରୁଦ୍ଧ ବିଶ୍ୱ
ଏବଂ ତହିଁର ଅନ୍ଧାର ଏବଂ ନିର୍ଜନ କୋଠରୀସବୁ,
ଚାହେଁ ମୁଁ ଆହାର
ଚାହେଁ ମୁଁ ଆଲୋକ
ଚାହେଁ ମୋର ଶ୍ୱାସରୁଦ୍ଧ ଆତ୍ମା ଝଲକାଏ ନିର୍ମଳ ପବନ
ତେବେ ମୁଁ ଲଭିବି
ଏକ ସୁଦୀର୍ଘ ଜୀବନ, ସ୍ୱାସ୍ଥ୍ୟ ଏବଂ ଶକ୍ତି ଭରପୂର
ପୁଣି ତାହା ହେବ ଉଦ୍ଭାସିତ ଓ ପ୍ରୀତିର ସାଗର ।

ସାମାଜିକ ସୁରକ୍ଷା ହେଉଛି ବ୍ୟକ୍ତିକୁ ସେବା, ସହାୟତା ଏବଂ ଆଦର କରିବା, ଯାହାକି ସମାଜର ପ୍ରତିନିଧି ରୂପେ ରାଷ୍ଟ୍ର ଉପରେ ସମର୍ପିତ । ପ୍ରତି ନାଗରିକର ଜୀବନ ଓ ଶରୀର, ସମ୍ପତ୍ତି, ଦୈହିକ ଓ ନୈତିକ ଅସ୍ମିତା, ମର୍ଯ୍ୟାଦା ଏବଂ ସୌଜନ୍ୟର ସୁରକ୍ଷା ଓ ନିରାପତ୍ତାକୁ ନିଶ୍ଚିତ କରିବା ହେଉଛି ରାଷ୍ଟ୍ରର ମୌଳିକ କର୍ତ୍ତବ୍ୟ । ଏପ୍ରକାର ସମସ୍ତ ପ୍ରଯତ୍ନ ଏବଂ ସହାୟତାକୁ ନେଇ ସାମାଜିକ ସୁରକ୍ଷାର ପରିସର ଗଠିତ ।

କେତେକ ସ୍ୱତନ୍ତ୍ର ସ୍ଥିତି କାରଣରୁ ଏ ପ୍ରକାର ସୁରକ୍ଷା ଜରୁରୀ ହୋଇପଡିଛି; କେତେକ ସ୍ଥିତି ଆମର ଆକଳନ ଭିତରେ ତ ଆଉ କେତେକ ବାହାରେ; ପୁଣି କେତେକ ସ୍ୱଳ୍ପକାଳୀନ ତ ଆଉ କେତେକ ଦୀର୍ଘକାଳୀନ । ଏହି ପରିପ୍ରେକ୍ଷୀରେ ସାଂପ୍ରତିକ ପରିସ୍ଥିତିର ଏକ ସାମଗ୍ରୀକ ବିଶ୍ଳେଷଣ ମଧ୍ୟ ଜରୁରୀ ହୋଇପଡିଛି, ବିଶେଷ କରି ଏଲ୍.ପି.ଜି. ବିଲକ୍ଷଣର ଆଗମନ ପରେ; ଏଲ୍.ପି.ଜି. ହେଉଛି ଉଦାରୀକରଣ, ଘରୋଇକରଣ ଏବଂ ଜଗତୀକରଣ । ଜଗତୀକରଣ, ବିଶ୍ୱ-ସ୍ତରୀୟ ପ୍ରତିଯୋଗିତା ଏବଂ ପ୍ରଯୁକ୍ତିବିଦ୍ୟାର ବିପ୍ଳବ କାରଣରୁ ସୁରକ୍ଷା ଜରୁରୀ ହୋଇପଡିଛି । ପୁଣି ଏକଥା ମଧ୍ୟ ସତ ଯେ, ସେହି କାରଣରୁ ସୁରକ୍ଷା ପାଇଁ ପ୍ରୟାସ ମଧ୍ୟ ଅତ୍ୟନ୍ତ ଦୁସାଧ୍ୟ ହୋଇପଡିଛି । ଜଗତୀକରଣ ଦ୍ୱାରା ପ୍ରଭାବିତ କର୍ମକ୍ଷେତ୍ରରେ ଶ୍ରମ ନିରାପତ୍ତା-ବିହୀନ ହୋଇପଡିଛି । କାରଣ ବର୍ତ୍ତମାନ ନିଯୁକ୍ତି ଅନିୟମିତ ଓ ଅସ୍ଥାୟୀ; ଅଥବା ଏହା ଫଳରେ ଶ୍ରମିକ ଦୁର୍ଘଟଣା ଏବଂ ପେଷାଗତ ବ୍ୟାଧିଗୁଡ଼ିକ ସହିତ ନୂତନ ଧରଣର ଚାପ ଏବଂ ଜଞ୍ଜାଳରେ ଆକ୍ରାନ୍ତ ହେବାର ଆଶଙ୍କା ବଢ଼ିଛି । ବାଣିଜ୍ୟ କ୍ଷେତ୍ରରେ ଉଦାରୀକରଣ ଅନୁସୃତ ହେବା ସଙ୍ଗେସଙ୍ଗେ ଢାଞ୍ଚାଗତ ଅଦଳବଦଳର କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟରୂପ ଦିଆଯାଉଛି ଏବଂ ତାହାର ପରିଣତିରେ ଉଦ୍ୟୋଗସମୂହର ସାଂଗଠନିକ ଏବଂ କାର୍ଯ୍ୟଶୈଳୀରେ ବହୁ ପରିବର୍ତ୍ତନ ହେବାରେ ଲାଗିଛି ତଥା ଶ୍ରମର ପ୍ରକୃତି ତଥା

କାର୍ଯ୍ୟସ୍ଥଳୀରେ ମଧ୍ୟ ପରିବର୍ତ୍ତନମାନ ଘଟିଚାଲିଛି । ଏଭଳି ବ୍ୟାପକ ପରିବର୍ତ୍ତନ ପରିପ୍ରେକ୍ଷୀରେ ସାଧାରଣ ଓ ପାରମ୍ପରିକ ଶ୍ରମ-ସଂପର୍କ ସମୂହ ଏକ ଉଭଟ ବା ବିଚିତ୍ର ଶ୍ରମର ଚରିତ୍ର ଗ୍ରହଣ କରିଚାଲିଛି ।

ଯେଉଁସବୁ କାର୍ଯ୍ୟ, କାର୍ଯ୍ୟପ୍ରକ୍ରିୟା ବା କାର୍ଯ୍ୟ-ପରିଚାଳନା ଏପର୍ଯ୍ୟନ୍ତ ନିୟମିତ ଶ୍ରମିକମାନଙ୍କ ଦ୍ୱାରା ସମ୍ପାଦିତ ହେଉଥିଲା, ସେଗୁଡିକ ବର୍ତ୍ତମାନ ଠିକାଦାର ଏବଂ ଉପ-ଠିକାଦାରମାନଙ୍କୁ ନ୍ୟସ୍ତ ଓ ଆବଣ୍ଟିତ କରାଯାଉଛି । ଠିକା ଶ୍ରମ, ଅଚାନକ ଶ୍ରମ, ଅସ୍ଥାୟୀ ଶ୍ରମ ଓ ସାମୟିକ ଶ୍ରମର ସଂଖ୍ୟା ବଢିଚାଲିଛି ଏବଂ ତା' ସହିତ ସେମାନଙ୍କର ନିଯୁକ୍ତିରେ ଅନିଶ୍ଚୟତା ଓ ଅସୁରକ୍ଷିତତା ମଧ୍ୟ ବୃଦ୍ଧି ପାଇଛି । ଜଗତୀକରଣ ଫଳରେ ନୂଆନୂଆ ସୁଯୋଗର ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି ସତ, କିନ୍ତୁ ତା' ସହିତ ଯୋଡି ହୋଇ ଯେଉଁ ଅସମାନତା ଓ ଅସମତା ବୃଦ୍ଧି ପାଇଛି, ତାହା ମଧ୍ୟ ଅଭୂତପୂର୍ବ । ବର୍ଦ୍ଧିତ ବିଶ୍ୱ-ସ୍ତରୀୟ ପ୍ରତିଯୋଗିତା ଫଳରେ ଶ୍ରମର କାଣ୍ଟଛାଣ୍ଟ ଏବଂ ଉଦ୍ୟୋଗସମୂହର ପୁନର୍ଗଠନ (ଅଧିଗ୍ରହଣ, ସମ୍ମିଶ୍ରଣ ତଥା ସରକାରୀ ଅଂଶଧନର ପ୍ରତ୍ୟାହାର ଫଳରେ ଘରୋଇକରଣ) ଘଟିଛି ଏବଂ ତା'ର ପରିଣତିରେ ବ୍ୟାପକ ନିଯୁକ୍ତି ହ୍ରାସ ମଧ୍ୟ ଦେଖାଦେଇଛି । ଅର୍ଥନୀତି ମୁକ୍ତ ହେବା ଏବଂ ବିଦେଶୀ ପ୍ରଯୁକ୍ତିକୌଶଳର ମୁକ୍ତ ଆମଦାନୀ ବୃଦ୍ଧି ପାଇବା ସହିତ ଉକ୍ତ ପ୍ରଯୁକ୍ତିକୌଶଳ ସହିତ ଜଡିତ ଥିବା କର୍ମକ୍ଷେତ୍ରରେ ସମ୍ଭାବ୍ୟ କ୍ଷତି ଓ ବିପଦର ଆଶଙ୍କା ମଧ୍ୟ ବଢିଛି । ଉପଯୁକ୍ତ ଏବଂ ଫଳପ୍ରଦ ଯୋଗାଯୋଗର ବ୍ୟବସ୍ଥା ଜରିଆରେ ସମ୍ଭାବ୍ୟ କ୍ଷତିଗୁଡିକୁ ଭାଗିଦାରିତା ଭିତ୍ତିରେ ମୁକାବିଲା କରାଯାଇପାରନ୍ତା, କିନ୍ତୁ ସେଥିପାଇଁ କୌଣସି ବିଧିବଦ୍ଧ ବ୍ୟବସ୍ଥା ସ୍ଥାନିତ ନଥିବାରୁ ଉକ୍ତ ପ୍ରଯୁକ୍ତିକୌଶଳ ଆମଦାନୀ କରୁଥିବା ଉଦ୍ୟୋଗସମୂହର ଶ୍ରମିକମାନେ ସେହିସବୁ କ୍ଷତି ବିଷୟରେ ସଚେତନ ନୁହଁନ୍ତି, ଯାହାଫଳରେ ଯଦି ଗୋଟିଏ ବଏଲର୍‌ରେ ବିସ୍ଫୋରଣ ଘଟିବ ବା ଗୋଟିଏ ପାଇପ୍ ଫାଟିବା (ରକ୍ଷଣାବେକ୍ଷଣରେ ତ୍ରୁଟିଜନିତ) ଫଳରେ ବିଷାକ୍ତ ଗ୍ୟାସ ନିର୍ଗତ ହୁଏ ସେମାନେ ହିଁ ପ୍ରଥମେ ସେସବୁର ଶୀକାର ହୁଅନ୍ତି । ଏହିସବୁ ଦୁର୍ଘଟଣାଗୁଡିକ ବିଷୟରେ ରିପୋର୍ଟ ଆପେଆପେ ମିଳିନଥାଏ, କାରଣ ମାଲିକ/ପରିଚାଳକମାନଙ୍କୁ ଏ ବାବଦରେ ଶ୍ରମିକମାନଙ୍କୁ କ୍ଷତିପୂରଣ ଦେବାର ଦାୟିତ୍ୱ ନିର୍ବାହ କରିବାକୁ ପଡିବ ତଥା ଅପରାଧ ପାଇଁ ଅଭିଯୋଜିତ ହେବାର ଆଶଙ୍କା ମଧ୍ୟ ଥିବ ।

ଜଗତୀକରଣ ଫଳରେ ବିଭିନ୍ନ ଦେଶମାନେ ସାମାଜିକ ସୁରକ୍ଷା ବାବଦରେ ଅର୍ଥ ବିନିଯୋଗ କରିବା ବ୍ୟବସ୍ଥା ମଧ୍ୟ ଜଟିଳ ହୋଇପଡେ । ଜଗତୀକରଣ ସହିତ ପୁଞ୍ଜି ସରବରାହର ବେଗ ମଧ୍ୟ ବୃଦ୍ଧି ପାଇଥାଏ ଏବଂ ସେହି କାରଣରୁ ପୁଞ୍ଜି ଉପରେ ଅଙ୍କୁଶ

ଲଗାଇବା ମଧ୍ୟ ଜଟିଳ ହୋଇପଡେ । ଜଗତୀକରଣ ଫଳରେ ବ୍ୟାପକ ନିଯୁକ୍ତି ହ୍ରାସ ବା ବେକାରୀ ଦେଖାଦେଇଥାଏ । ଯଦି ବେକାରୀ ବଢିଚାଲେ, ତେବେ ବେକାରମାନଙ୍କ ନିକଟରୁ ସାମାଜିକ ବୀମା ଯୋଜନାଗୁଡିକ ପାଇଁ ଅର୍ଥରାଶି ମିଳିବା ମଧ୍ୟ ବନ୍ଦ ହୋଇଯାଏ । ସାମାଜିକ ବୀମା ଯୋଜନା ପାଇଁ ମିଳୁଥିବା ଅର୍ଥରାଶିରେ କିଭଳି ବ୍ୟାପକ ହ୍ରାସ ଘଟିଛି, ତାହା ଗୋଟିଏ ଦେଶର ଉଦାହରଣରୁ ସ୍ପଷ୍ଟ ହୋଇଯିବ; ସାମାଜିକ ବୀମା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଜର୍ମାନୀ ଗୋଟିଏ ଆଗୁଆ ଦେଶ, କିନ୍ତୁ ସେହି ଦେଶରେ ୫୦ଲକ୍ଷ ବେକାର ହୋଇପଡିବାରୁ କ୍ଷତିର ପରିମାଣ ପ୍ରାୟ ୪,୦୦୦ କୋଟି ଡି.ଏମ୍. ହେବ ।

ବଜାରର ଶକ୍ତି ସମ୍ମୁଖ୍ୟରେ ରାଷ୍ଟ୍ରର ସଂକୁଚିତ ଭୂମିକା, ଟ୍ରେଡ୍ ୟୁନିୟନ୍‌ଗୁଡିକର ଉଭୟ ସଭ୍ୟସଂଖ୍ୟା ଓ ପ୍ରଭାବକ୍ଷେତ୍ରରେ କ୍ରମାଗତ ହ୍ରାସ, ମୂଳଚାଲ କରିପାରୁଥିବା ସମୂହ ଶକ୍ତିର ଅବକ୍ଷୟ, ସାମୂହିକ ଚୁକ୍ତିନାମା ପ୍ରତି ଏକ ସାଧାରଣ ଅନାଗ୍ରହ ଏବଂ ତ୍ରିପକ୍ଷୀୟ ବୁଝାମଣାର ଗ୍ରହଣୀୟତା ଓ ସଂସ୍କୃତିର ଅବକ୍ଷୟ ଫଳରେ କେତେକ ନୂଆ ନୂଆ ପ୍ରବଣତାର ଉନ୍ମେଷ ଘଟିଛି, ଯାହାର ପରିଭାଷା ହେଉଛି ପୂର୍ବ ପ୍ରଚଳିତ ସଂରକ୍ଷଣବାଦ ବଦଳରେ ସମସ୍ତ ପ୍ରକାର ସୁରକ୍ଷାର ପ୍ରତ୍ୟାହାର । ସୁରକ୍ଷାର ପ୍ରତ୍ୟାହାର ଫଳରେ ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ ଏବଂ ସ୍ଥିତି ତଥା ସେମାନଙ୍କର ଉତ୍ସାହ ଓ ଆଗ୍ରହ ଉପରେ ବହୁବିଧ ପ୍ରଭାବ ପଡୁଛି, ଯାହାକି ପୁରାପୁରି ଲୋକଲୋଚନକୁ ଆସିବା ଦରକାର । ସୁରକ୍ଷାର ପ୍ରତ୍ୟାହାର ଫଳରେ ଶ୍ରମିକମାନଙ୍କର କାର୍ଯ୍ୟସ୍ଥଳୀର ପରିବେଶରେ ପୂର୍ବ ପ୍ରଚଳିତ ମାନଦଣ୍ଡର ଅବନ୍ନତି ଘଟିବାରେ ଲାଗିଛି ଏବଂ ତାହାହିଁ ସେମାନଙ୍କର ଶ୍ରମ ପ୍ରତି ଥିବା ଉତ୍ସାହ ଓ ଆଗ୍ରହକୁ ନିମ୍ନଗାମୀ କରିଚାଲିଛି । ଏହାଫଳରେ କର୍ମନିଯୁକ୍ତିର ପ୍ରକୃତ ଚରିତ୍ର ଲୁକ୍‌କାୟିତ ହୋଇ ରହୁଛି । ମଜୁରୀ ଓ ରୋଜଗାରର ସ୍ତର ହ୍ରାସ ହେବାରେ ଲାଗିଛି । ମଜୁରୀ ହ୍ରାସ ଫଳରେ ଉପଭୋକ୍ତା ଭାବେ ସେମାନଙ୍କର କ୍ଷମତାର ହ୍ରାସ ଘଟୁଛି ଏବଂ ପୁଣି ତାହା ସହିତ ସମଗ୍ର ଅର୍ଥନୀତି ଏକ ମାନ୍ଦାବସ୍ଥା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହେଉଛି । ଏହାଛଡା କମ୍ ରୋଜଗାରର ଅର୍ଥ ହେଉଛି ଦାରିଦ୍ର୍ୟ, ପୁଣି ଦାରିଦ୍ର୍ୟ ଫଳରେ ଶିଶୁ ଶ୍ରମ ଏବଂ ଶିଶୁ ଶ୍ରମ ଫଳରେ ମାନବସମ୍ବଳର ଅବକ୍ଷୟ । ପୁଣି କାର୍ଯ୍ୟସ୍ଥଳୀର ଅପରିଷ୍କୃତ, ଅସ୍ୱାସ୍ଥ୍ୟକର ଏବଂ ଅସୁରକ୍ଷିତ ବାତାବରଣ ଫଳରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବା ଛଡା ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ (ଦୃଷ୍ଟିଶକ୍ତି, ଶ୍ରବଣଶକ୍ତି ଓ ସ୍ନାୟବିକ ପ୍ରଣାଳୀ) ଏବଂ ମାନସିକତା ଉପରେ ନିରୁତ୍ସାହମୂଳକ ଓ ହତାଶାଜନକ ପ୍ରଭାବ ପଡିବ । ଏହି କାରଣରୁ ପରିଶେଷରେ ଶ୍ରମିକମାନେ ହୁଏତ ଶିଳ୍ପସଂସ୍ଥା ପ୍ରତି ନିଜର ଆଗ୍ରହ ଓ ଅଙ୍ଗୀକାର ହରାଇବସିବେ । ଅନୁପଯୁକ୍ତ ବାତାବରଣ ଭିତରେ କୌଣସି ଶିଳ୍ପସଂସ୍ଥା ଉତ୍ପାଦନ ଓ ଉତ୍ପାଦନଶୀଳତା କ୍ଷେତ୍ରରେ ଏକ ଉଚ୍ଚସ୍ତରୀୟ

ଉତ୍କର୍ଷତା ବଜାୟ ରଖିପାରିବନି । ଗୋଟିଏ ପଟରେ ସୁରକ୍ଷିତ ଶ୍ରମିକ ଗୋଷ୍ଠୀ (ଯେଉଁମାନେ କି ମୂଳତଃ ନିୟମିତ କର୍ମଚାରୀ) ଏବଂ ଅନ୍ୟପଟରେ ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ସୁବିଧାସୁଯୋଗ ଇତ୍ୟାଦି ମୌଳିକ ସୁରକ୍ଷାରୁ ବଞ୍ଚିତ ଶ୍ରମିକଗୋଷ୍ଠୀ ଭିତରେ ଏକ ବିଭେଦର ଦୟନୀୟ ପରିସ୍ଥିତି ସୃଷ୍ଟିହେବ, ଯାହାକି ଶିଳ୍ପସଂସ୍ଥା କିମ୍ବା ଶ୍ରମିକ କାହାରି ପାଇଁ ହିତକାରକ ନୁହେଁ । ଅସୁରକ୍ଷିତ ଶ୍ରମିକବାହିନୀର ଆକାର ବଢ଼ିବଢ଼ି ଚାଲିବ । ଅର୍ଥନୀତିରେ ଥିବା ସଂଗଠିତ କ୍ଷେତ୍ର ଏବଂ ଅସଂଗଠିତ କ୍ଷେତ୍ର ଭିତରେ ବ୍ୟବଧାନ ମଧ୍ୟ ବଢ଼ି ଚାଲିବ ।

ଏକ ବୃହତ୍ତର ପରିପ୍ରେକ୍ଷୀରେ ବିଚାର କଲେ ସାମାଜିକ ସୁରକ୍ଷା ହେଉଛି ଏକ ବହୁ-ଆୟାମ ଆଧାରିତ ଧାରଣା । ଯେଉଁସବୁ ନିଯୁକ୍ତିଗୁଡିକ ସୁସ୍ଥିର ଓ ଦୀର୍ଘସ୍ଥାୟୀ ଏବଂ ଯେଉଁଗୁଡ଼ିକୁ ଜଣେ ବ୍ୟକ୍ତି ନିଜର ମୁକ୍ତ ପସନ୍ଦ ଅନୁଯାୟୀ ଆପଣେଇଥାଏ, ସେଭଳି ନିଯୁକ୍ତି ସୃଷ୍ଟି କରିବା ସାମାଜିକ ସୁରକ୍ଷାର ପରିସରଭୁକ୍ତ । ପୁଣି ଏହା ଭିତରେ ଅନ୍ତର୍ଭୁକ୍ତ ସେହିସବୁ କର୍ମକୌଶଳ ଏବଂ ଯୋଗ୍ୟତାସମୂହ, ଯେଉଁଗୁଡିକୁ ଉତ୍ପାଦନଶୀଳ ରୀତିରେ ପ୍ରୟୋଗ କରିହେବ ତଥା ସେଭଳି ଏକ ପ୍ରକ୍ରିୟା ଯାହାକି କ୍ରମାଗତ ଭାବେ ଦକ୍ଷତା ସୃଷ୍ଟି ଏବଂ ଦକ୍ଷତା ବୃଦ୍ଧି କରି ଚାଲିଥିବ । କାର୍ଯ୍ୟସ୍ଥଳୀରେ ଏକ ନିରାପଦ, ନିର୍ମଳ ଏବଂ ଅନୁକୂଳ ବାତାବରଣ ସହିତ ସମସ୍ତ ପ୍ରକାର ଶ୍ରମିକ ମଙ୍ଗଳ ସୁବିଧାସୁଯୋଗର ଉପଲବ୍ଧି ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ । ଶ୍ରମିକଙ୍କୁ ଉଚିତ୍ ପାରିଶ୍ରମିକ ଦେବା, ଶ୍ରମିକର ଉତ୍ପାଦଗୁଡିକ ପାଇଁ ଉପଯୁକ୍ତ ମୂଲ୍ୟ ମିଳିବା, ମଧ୍ୟସ୍ଥ ଦଲାଲ୍‌ମାନଙ୍କ କମିଶନି ବାବଦ କୌଣସି ଅର୍ଥରାଶି ନ କାଟି ଶ୍ରମିକମାନଙ୍କୁ ଉଚିତ୍ ସମୟରେ ସେମାନଙ୍କ ପାରିଶ୍ରମିକ ଦେବା- ଗୋଟିଏ କଥାରେ କହିଲେ, ରୋଜଗାରର ଗ୍ୟାରେଣ୍ଟି ହେଉଛି ସାମାଜିକ ସୁରକ୍ଷାର ଏକ ମହାନ୍ ଲକ୍ଷ୍ୟ ।

ବାର୍ଦ୍ଧକ୍ୟର ଦୁରବସ୍ଥାକୁ ମୁକାବିଲା କରିବା ପାଇଁ ଯଥେଷ୍ଟ ସଞ୍ଚୟ ତଥା ଦୁର୍ଘଟଣା, ବିକଳାଙ୍ଗତା ଓ ମୃତ୍ୟୁ ଭଳି ଆକସ୍ମିକ ବିପଦରୁ ସୁରକ୍ଷା ପାଇଁ ବ୍ୟବସ୍ଥା କରିବା ହେଉଛି ସାମାଜିକ ସୁରକ୍ଷାର ଲକ୍ଷ୍ୟ । ସଂଗଠନ ପାଇଁ ଉଦ୍ଦିଷ୍ଟ ସ୍ୱାଧୀନତାର ମୌଳିକ ଅଧିକାର ତଥା ସଂଗଠନ ଓ ସମୂହ ମୂଲଚାଲ ମାଧ୍ୟମରେ ନିଜର ଅଧିକାର ପାଇଁ ଲଢ଼ିବା ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ । ବନ୍ଧକ ଶ୍ରମ, ଶିଶୁ ଶ୍ରମ, ନିଯୁକ୍ତି ଏବଂ ବୃତ୍ତି କ୍ଷେତ୍ରରେ ପାତରଅନ୍ତର, ଶ୍ରମିକ ଚାଲାଣ, ଶ୍ରମିକ ଉପରେ ବଳପ୍ରୟୋଗ ଓ ଧମକଚମକ, ଦୌରାତ୍ମ୍ୟ ତଥା ନିର୍ଯାତନାରୁ ମୁକ୍ତ ରହିବା ପାଇଁ ଏହା ଅଧିକାର ପ୍ରଦାନ କରିଥାଏ । ଜୀବନର ସମସ୍ତ କ୍ଷେତ୍ରରେ ସଂପୂର୍ଣ୍ଣ ଲିଙ୍ଗୀୟ ସମାନତା ମଧ୍ୟ ଏହାର ଲକ୍ଷ୍ୟ । ଯଦି ଏହା ହିଁ ସାମାଜିକ ସୁରକ୍ଷାର ବଳିଷ୍ଠ ଶକ୍ତି ଓ ସାମର୍ଥ୍ୟ ହୋଇଥାଏ, ତେବେ ନୀତି, କାର୍ଯ୍ୟକ୍ରମ ଏବଂ କାର୍ଯ୍ୟକଳାପ ଦୃଷ୍ଟିରୁ ଆନ୍ତର୍ଜାତିକ,

ଆଂଚଳିକ ଏବଂ ଜାତୀୟ ଦୃଶ୍ୟପଟରେ ଆଜି ସାମାଜିକ ସୁରକ୍ଷାର ସ୍ଥିତି କ'ଣ ? ବିକାଶଶୀଳ ବିଶ୍ୱର ବହୁ ସ୍ଥାନରେ ବହୁ ଶ୍ରମଜୀବୀ ଏବଂ ସେମାନଙ୍କର ପରିବାର ଚରମ ଦାରିଦ୍ର୍ୟ ଭିତରେ ଜୀବନ ବିତାଉଛନ୍ତି । ସାରା ବିଶ୍ୱରେ ଗରିବ ଶ୍ରମଜୀବୀ ଲୋକଙ୍କ ସଂଖ୍ୟା ପ୍ରାୟ ୫୫କୋଟି ହୋଇଥିବାବେଳେ ବିକାଶଶୀଳ ଦେଶମାନଙ୍କରେ ସେମାନଙ୍କ ସଂଖ୍ୟା ପ୍ରାୟ ୪୦କୋଟି । ଏହିସବୁ ଦେଶମାନଙ୍କରେ ପ୍ରାୟ ଏକ ତୃତୀୟାଂଶ ଜନସଂଖ୍ୟା ଦିନକୁ ଏକ ମାର୍କିନ ଡଲାର୍‌ରୁ କମ୍ ରୋଜଗାରରେ ନିଜର ଗୁଜୁରାଣ ମେଣ୍ଟାଇଥା'ନ୍ତି । ବିଶ୍ୱର ପ୍ରାୟ ଏକ ତୃତୀୟାଂଶ ସାବାଳକ ଜନସଂଖ୍ୟା ନିରକ୍ଷର ଏବଂ ସେହିହେତୁ ସୂଚନା, ଯୋଗାଯୋଗ ଓ ଆଧୁନିକତାର ଜଗତରୁ ସେମାନେ ବିଚ୍ଛିନ୍ନ; ଶତକଡା ୩୦ ଭାଗ ଲୋକେ ଶୁଦ୍ଧ ପାନୀୟ ଜଳ ପାଆନ୍ତି ନାହିଁ । ଶତକଡା ୬୦ ଭାଗ ଲୋକେ ପରିମଳ ସେବାରୁ ବଞ୍ଚିତ ଏବଂ ପାଞ୍ଚବର୍ଷରୁ କମ୍ ଶିଶୁଙ୍କ ଭିତରେ ଶତକଡା ୩୦ ଭାଗ ସ୍ୱଳ୍ପଓଜନ ଜନିତ କୁପୋଷଣା ଦ୍ୱାରା ଆକ୍ରାନ୍ତ ।

ବିଶ୍ୱର ସମୁଦାୟ ଶ୍ରମଶକ୍ତିର ଏକ ତୃତୀୟାଂଶ ହୁଏତ ବେକାର ନଚେତ୍ ଅର୍ଦ୍ଧ-ବେକାର । ଏପରିକି ସବୁଠୁଁ ଉନ୍ନତ ଦେଶମାନଙ୍କରେ ୧୯୭୦ଦଶନ୍ଧି ଠାରୁ ଏଯାବତ୍ ବେରୋଜଗାରର ହାର ଦୁଇଗୁଣାରୁ ଅଧିକ ବଢ଼ିଛି । ବିକାଶଶୀଳ ଦେଶଗୁଡ଼ିକରେ ମଧ୍ୟ ବେକାରୀ ଏବଂ ଅର୍ଦ୍ଧ-ବେକାରୀ ଉଚ୍ଚ ହାରରେ ବୃଦ୍ଧି ପାଇଥିବାର ରିପୋର୍ଟ ହସ୍ତଗତ ମିଳିଛି । ଏହି ଶ୍ରମଶକ୍ତିର ଏକ ବିରାଟ ଅଂଶ ଅସଂଗଠିତ କ୍ଷେତ୍ରରେ ନିଯୁକ୍ତ ଅଛନ୍ତି । ଏଭଳି ଶ୍ରମ ସାଧାରଣତଃ ସ୍ୱଳ୍ପ ଦକ୍ଷତା ଓ ସ୍ୱଳ୍ପ ମଜୁରି ଉପରେ ଆଧାରିତ ଏବଂ ଏହା ମଧ୍ୟ ଅତ୍ୟନ୍ତ ଅସୁରକ୍ଷିତ । ଯେଉଁ ଶ୍ରମିକମାନେ ସାମୟିକ ବା ସ୍ଥାୟୀ ଭାବେ କୌଣସି କାରଣରୁ ନିଯୁକ୍ତିରୁ ବଂଚିତ ହୁଅନ୍ତି ଅଥବା ଯେଉଁମାନେ ନୂତନ କାର୍ଯ୍ୟ ସନ୍ଧାନ କରିବାକୁ ଯାଇ ବର୍ତ୍ତମାନର ନିଯୁକ୍ତିକୁ ହାତଛଡା କରନ୍ତି, ସେମାନଙ୍କୁ କେମିତି ଥଇଥାନ କରାଯିବ ତାହା ଏକ ମୌଳିକ ପ୍ରୟୋଜନ ଭାବେ ପରିଲକ୍ଷିତ ହୋଇଥାଏ । ଯେଉଁସବୁ ଦେଶମାନଙ୍କରେ ବେକାରୀ ହାର କମ୍, ସେଠାରେ କମ୍ ବେକାରୀ ହାର ପଛରେ ଏକ କରୁଣ ପରିସ୍ଥିତି ଛପି ରହିଛି, ତାହା ହେଲା ସେଠାରେ ଲକ୍ଷଲକ୍ଷ ଶ୍ରମିକ କେବଳ ନାମକୁ ମାତ୍ର ବିଭିନ୍ନ ଶିଳ୍ପସଂସ୍ଥା ସହିତ ଜଡିତ ଥାଆନ୍ତି, କିନ୍ତୁ ସେମାନେ କୌଣସି କାମ କରିନଥା'ନ୍ତି କି କୌଣସି ପାରିଶ୍ରମିକ ପାଇନଥା'ନ୍ତି । ବ୍ୟାପକ ସଂଖ୍ୟକ ଦେଶରେ ବୟସ୍କ ବେକାରୀଙ୍କ ହାର ତୁଳନାରେ ଯୁବ ବେକାରୀଙ୍କ ହାର ଦୁଇରୁ ତିନି ଗୁଣ ଅଧିକ । ୧୯୭୦ରେ ବେକାରୀତ୍ୱ ସ୍ୱଳ୍ପକ୍ଷଣିକ ଥିବାବେଳେ ବର୍ତ୍ତମାନ ତାହା ଦୀର୍ଘମିଆଦୀ ଚରିତ୍ର ଗ୍ରହଣ କରିଛି । ଦୀର୍ଘମିଆଦୀ ବେକାରୀତ୍ୱର ଫଳସ୍ୱରୂପ ଦକ୍ଷତାର ହ୍ରାସ, ଉତ୍ସାହର ଅବକ୍ଷୟ ତଥା ସମ୍ଭାବ୍ୟ ଉତ୍ପାଦନକ୍ଷମତାର ଅବନ୍ନତି

ଘଟିଥାଏ । ଯୁବ ବେକାର ଏବଂ ଦୀର୍ଘସ୍ଥାୟୀ ବେକାରମାନଙ୍କ ପାଇଁ ସହାୟତା ରାଶି ହୁଏତ ଅତ୍ୟଳ୍ପ, ନଚେତ୍ ମୋଟେ ନାହିଁ ।

ବିଂଶ ଶତାବ୍ଦୀରେ ଶିଳ୍ପୋନ୍ନତ ଦେଶମାନଙ୍କରେ ସାମାଜିକ ସୁରକ୍ଷାର ଯେଉଁ ବ୍ୟବସ୍ଥାମାନ ଗଢିଉଠିଛି, ତନ୍ମଧ୍ୟରେ ସ୍ୱଳ୍ପ-ଆୟ ଭିତ୍ତିକ ଅସଂଗଠିତ ଶ୍ରମରେ ନିଯୁକ୍ତ ଜନସଂଖ୍ୟାର କେବଳ ଏକ କିୟଦଂଶ ଅନ୍ତର୍ଭୁକ୍ତ । ନିୟମିତ ସାମାଜିକ ସୁରକ୍ଷା ବ୍ୟବସ୍ଥାଗୁଡ଼ିକ ଅଧୀନରେ ଯେଉଁମାନେ ଉପକୃତ ହୋଇପାରିଛନ୍ତି, ସେମାନଙ୍କ ସଂଖ୍ୟା ସମୁଦାୟ କର୍ମକ୍ଷମ ଜନସଂଖ୍ୟାର ଶତକଡା କୋଡିଏରୁ ଅଧିକ ହେବନାହିଁ (ଆଫ୍ରିକାର ସାହାରା-ତଳି ଅଂଚଳରେ ଏହି ସଂଖ୍ୟା ଶତକଡା ୧୦ରୁ ଅଧିକ ହେବନାହିଁ) । ଦୀର୍ଘତର ଆୟୁଷ ଜନିତ ଆଂଶିକ କାରଣ ସହିତ ଅନ୍ୟ ଏକ ଆଂଶିକ କାରଣ ପ୍ରଜନନ ହାରରେ ଅଧୋଗତି ଯୋଗୁଁ ବିଶ୍ୱର ପ୍ରାୟ ସବୁ ଅଂଚଳରେ ବୟସ୍କ ଜନସଂଖ୍ୟାର କ୍ଷିପ୍ର ବୃଦ୍ଧି ଘଟିଚାଲିଛି । ଏହାଫଳରେ ନିଶ୍ଚିତରୂପେ ବୟସ୍କ ବ୍ୟକ୍ତିଙ୍କ ନିର୍ଭରଶୀଳତା ଅନୁପାତରେ ପରିବର୍ତ୍ତନ ଘଟିବାକୁ ଯାଉଛି । ବିକାଶଶୀଳ ବିଶ୍ୱରେ ଆଗାମୀ ଦଶନ୍ଧିଗୁଡ଼ିକରେ ସାମଗ୍ରୀକ ନିର୍ଭରଶୀଳତା ଅନୁପାତ ମଧ୍ୟ ଦ୍ରୁତ ହ୍ରାସ ପାଇବାକୁ ଯାଉଛି ।

ବିକାଶଶୀଳ ବିଶ୍ୱରେ ସଂଖ୍ୟାଧିକ ଲୋକମାନଙ୍କ ପାଇଁ ଯୌଥ ପରିବାର ବ୍ୟବସ୍ଥା ଥିଲା, ଯାହାକି ରୋଜଗାରର ନିରାପତ୍ତା ପାଇଁ ଏକ ପାରମ୍ପରିକ ବ୍ୟବସ୍ଥା, କିନ୍ତୁ ତାହା ଆଜି ଖଣ୍ଡବିଖଣ୍ଡିତ ହୋଇଚାଲିଛି । ପ୍ରଧାନ ବିକାଶଶୀଳ ଦେଶମାନଙ୍କରେ ପ୍ରାୟ ଶତକଡା କୋଡିଏ ଭାଗ ପରିବାରଗୁଡ଼ିକର ମୁଖ୍ୟ ହେଉଛନ୍ତି ମହିଳା, ଯାହାଙ୍କର ସ୍ୱାମୀ ପାଖରେ ନାହାନ୍ତି । ଗୋଟିଏ ପ୍ରଧାନ ଶିଳ୍ପୋନ୍ନତ ଦେଶରେ ଶତକଡା ଦୁଇ ଭାଗ ପରିବାର ଏଭଳି ସ୍ଥିତିରେ ଗତି କରିଥା'ନ୍ତି । କିନ୍ତୁ ସେମାନଙ୍କ ତୁଳନାରେ ଗୋଟିଏ ବିକାଶଶୀଳ ଦେଶରେ ଯେଉଁ ପରିବାରର ମୁଖ୍ୟ ହେଉଛି ଏକମାତ୍ର ମାଆ, ତାହା ତିନି ଗୁଣ ଅଧିକ ଦାରିଦ୍ର୍ୟ ସହ୍ୟ କରିଥାଏ ।

ଅକ୍ଷମତା-ମୁକ୍ତ ଆୟୁବୃଦ୍ଧି ଘଟିବା ସାଥେ ସାଥେ ଲୋକମାନେ ଶ୍ରମକ୍ଷେତ୍ରରେ ଏବଂ ବିଶେଷ କରି ଅଣ-ଶାରିରୀକ ଶ୍ରମ କ୍ଷେତ୍ରରେ ସକ୍ରିୟ ରହିପାରିବା ପାଇଁ ସକ୍ଷମ ହୋଇପାରିବ । ଯେଉଁ ବୟସ୍କ ବ୍ୟକ୍ତିମାନେ ଅସମୟରେ ଅବସର ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି, ସେମାନେ ସମାଜକୁ ନିଜର ସେବା ଯୋଗାଇବାର ସମ୍ଭାବନା ତଦନୁପାତରେ ବୃଦ୍ଧି ପାଇପାରିବ, ଯଦି ସେମାନଙ୍କୁ ଏଥିପାଇଁ ଉପଯୁକ୍ତ ସୁଯୋଗ ଯୋଗାଇ ଦିଆଯାଏ । ବିକାଶଶୀଳ ଦେଶମାନଙ୍କରେ ଶ୍ରମକ୍ଷେତ୍ରରେ ମହିଳାମାନଙ୍କର ଭାଗିଦାରିତାର ହାର (ଯାହାକି ବର୍ତ୍ତମାନ ପୁରୁଷମାନଙ୍କ ତୁଳନାରେ କମ୍) ଆଗାମୀ ଦିନରେ ବୃଦ୍ଧି ପାଇବ ବୋଲି ଆକଳନ

କରାଯାଇଛି । ରୋଜଗାରର ନିରାପତ୍ତା ସେତିକିବେଳେ ନିଶ୍ଚିତ ରୂପ ନେଇପାରିବ, ଯେତେବେଳେ କି ଜି.ଡି.ପି. (ସମୁଦାୟ ଆଭ୍ୟନ୍ତରୀଣ ଉତ୍ପାଦ)ର ଏକ ଆଖିଦୃଶିଆ ଶତାଂଶ ସେହିମାନଙ୍କ ପାଇଁ ବିନିଯୋଗ ହୋଇପାରିବ, ଯେଉଁମାନେ କି ଏହା ଆବଶ୍ୟକ କରନ୍ତି । ବିକଶିତ ଦେଶମାନଙ୍କରେ ଏପ୍ରକାର ବିନିଯୋଗ ଶତକଡା ୨୫ ପାଖାପାଖି । କିନ୍ତୁ ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକାର ବିକାଶଶୀଳ ଦେଶମାନଙ୍କରେ ସ୍ଥିତି ଏପରି ନୁହେଁ । 'ସୋସିଆଲ୍ ସିକ୍ୟୁରିଟି ଆସୋସିଏସନ୍ ଅଫ୍ ଇଣ୍ଡିଆ'ର ଅଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ ସିଂହ ତାଙ୍କର ଉଚ୍ଚକୋଟୀର ଗବେଷଣା ଆଧାରରେ ସଂପୃକ୍ତ ବିଷୟର ସାମଗ୍ରୀକ ଦୃଶ୍ୟପଟ ଉପରେ ଏକ ଲେଖା ପ୍ରକାଶ କରିଛନ୍ତି, ଯାହାର ଶିରୋନାମା ହେଲା, 'ବିକାଶଶୀଳ ଦେଶମାନଙ୍କରେ ସାମାଜିକ ସୁରକ୍ଷା ବ୍ୟବସ୍ଥାମାନ' । ସେ ଏଥିରେ ସ୍ପଷ୍ଟ ଭାବେ ନିମ୍ନମତେ ଦର୍ଶାଇଛନ୍ତି-

**"ଏସିଆର ୫ଟି ଦେଶରେ ସାମାଜିକ ସୁରକ୍ଷା ଉପରେ ମୋଟ ବ୍ୟୟ ହେଉଛି ଜି.ଡି.ପି.ର ଶତକଡା ୦.୫ରୁ କମ୍; ୪ଟି ଦେଶରେ ଏହା ଶତକଡା ୦.୬ରୁ ୦.୯ ଏବଂ ୭ଟି ଦେଶରେ ଏହାର ପରିସୀମା ହେଲା ଜି.ଡି.ପି.ର ଶତକଡା ୧ରୁ ୪ । ମାତ୍ର ଦୁଇଟି ଦେଶରେ ଏହା ଶତକଡା ୧୦ରୁ ଅଧିକ ।"** ସାମାଜିକ ସୁରକ୍ଷା ଆଂଶିକ ଭାବେ ସାମାଜିକ ନୀତିପ୍ରଣୟନ ଉପରେ ନିର୍ଭରଶୀଳ, ପୁଣି ଆଂଶିକ ଭାବେ ଆର୍ଥିକ ସ୍ଥିତି ଉପରେ ମଧ୍ୟ । ଗୋଟିଏ ଅନ୍ୟଟିକୁ ପ୍ରଭାବିତ କରିଥାଏ, ଯଦିଓ ଏହା ସହିତ ସଂଶ୍ଳିଷ୍ଟ ଅଛି କେତେକ ଉଦ୍‌ବେଗଜନକ ବୈଶିଷ୍ଟ୍ୟ, ଯେଉଁଗୁଡ଼ିକର ସୁସ୍ପଷ୍ଟ ଅବତାରଣା ଆବଶ୍ୟକ ।

ଅର୍ଥନୀତିଗୁଡ଼ିକ ଯେତେଯେତେ ମୁକ୍ତ ହେଉଛନ୍ତି ଏବଂ ନିଜ ଭିତରେ ସେମାନଙ୍କର ପ୍ରତିଯୋଗିତା ତୀବ୍ରତର ରୂପ ନେଉଛି, ସେମାନେ ଅଧିକରୁ ଅଧିକ ଶ୍ରମଶକ୍ତିର ଛଟେଇ ଦିଗରେ ପାଦ ବଢ଼ାଉଛନ୍ତି, ଯାହାଫଳରେ କି ଶ୍ରମିକ କାର୍ଯ୍ୟ ବିଚ୍ୟୁତ ଓ ବିସ୍ଥାପନ ଘଟିଚାଲିଛି । ସାମାଜିକ ସୁରକ୍ଷାର ଏକ ପର୍ଯ୍ୟାପ୍ତ ଏବଂ ଫଳପ୍ରଦ ବ୍ୟବସ୍ଥା ନଥିଲେ ଏହି ଶ୍ରମିକ ଶ୍ରେଣୀ ବେରୋଜଗାରର ନଗ୍ନ ଶୀକାର ହେବେ ଏବଂ ଚରମ ଦାରିଦ୍ର୍ୟ ଓ ସାମାଜିକ ବଂଚନାର ସ୍ଥିତିକୁ ଠେଲି ହୋଇଯିବେ । କେବଳ ୪ଟି ଦେଶ, ଚାଇନା, ମଙ୍ଗୋଲିଆ, କୋରିଆ ପ୍ରଜାତନ୍ତ୍ର ଏବଂ ହଂକଂରେ ବେକାରମାନଙ୍କ ପାଇଁ ସହାୟତାର ବ୍ୟବସ୍ଥା ଅଛି । ଚାଇନାରେ ସମୁଦାୟ ଜନସଂଖ୍ୟାର ଶତକଡା ୧୮ଙ୍କ ପାଇଁ ସାମାଜିକ ସୁରକ୍ଷା ଉପଲବ୍ଧ, ଥାଇଲ୍ୟାଣ୍ଡରେ ଶତକଡା ୧୦ଙ୍କ ପାଇଁ ଏବଂ ଭାରତରେ ଏହା ଶତକଡା ୮ ପାଇଁ ।

**ଚୋରା ଶ୍ରମ-ଚାଲାଣର ସଂଖ୍ୟାବୃଦ୍ଧି:** ଏସିଆର ଶ୍ରମ ରପ୍ତାନିକାରୀ ଦେଶସମୂହ (ବାଂଲାଦେଶ, ଭାରତ, ଇଣ୍ଡୋନେସିଆ, ଫିଲିପାଇନସ୍, ଲାଓସ୍, ମିଆଁମାର,

ଆଫ୍‌ଗାନିସ୍ଥାନ)ରୁ ଶ୍ରମ ଆମଦାନୀକାରୀ ଦେଶସମୂହ (ମାଲୟେସିଆ, ଥାଇଲାଣ୍ଡ, ଇରାନ୍)କୁ ଅନିୟମିତ ଏବଂ ବେଆଇନ୍ ଚାଲାଣ ସଂଖ୍ୟାରେ କ୍ରମାଗତ ବୃଦ୍ଧି ଘଟିଚାଲିଛି । ଆମଦାନୀକାରୀ ଦେଶମାନଙ୍କରେ ଲକ୍ଷଲକ୍ଷ ଦେଶାନ୍ତରୀ ଶ୍ରମିକମାନଙ୍କ ପାଇଁ ସହାୟତା ଏବଂ ସୁରକ୍ଷା ଦିଗରେ କୌଣସି ପ୍ରତିକାରାତ୍ମକ ବ୍ୟବସ୍ଥା ଉପଲବ୍ଧ ନାହିଁ । ସେମାନଙ୍କୁ କିପରି ଶୋଷଣ କରାଯାଉଛି, ତାହା ନିମ୍ନମତେ ସାରାଂଶରେ ସୂଚିତ କରାଯାଇପାରେ-

- ଚାକିରୀ ଓ ନିଯୁକ୍ତିର ନିୟମ ଓ ସର୍ତ୍ତାବଳୀକୁ ଏକପାଖିଆ ଓ ମନମୁଖୀ ଭାବେ ଏଭଳି ବଦଳାଇ ଦିଆଯାଏ, ଯାହାକି ଦେଶାନ୍ତରୀ ଶ୍ରମିକମାନଙ୍କୁ କ୍ଷତିଗ୍ରସ୍ତ କରିବ,
- ଶ୍ରମିକମାନଙ୍କର କାର୍ଯ୍ୟସ୍ଥଳୀ ଓ ବାସସ୍ଥାନର ପରିବେଶ ଦୟନୀୟ ହୋଇପଡିଛି ଏବଂ କ୍ରମାଗତ ଆହୁରି ବିଗିଡିବାରେ ଲାଗିଛି,
- ସଂଗଠନ କରିବାର ସ୍ୱାଧୀନତା ତଥା ସମୂହ ସ୍ଥିତିର ମୁକାବିଲା କରିବା ଏବଂ ଅନ୍ୟାନ୍ୟ ମାନବିକ ଅଧିକାରଗୁଡିକୁ କେହି ପ୍ରୟୋଗ କରିବାକୁ ଗଲେ, ତାକୁ ପ୍ରତ୍ୟାଖ୍ୟାନ କରାଯାଉଛି,
- ପୁଅ, ଝିଅ ଏବଂ ମହିଳାମାନଙ୍କୁ ଆର୍ଥିକ ତଥା ଯୌନ ବ୍ୟବସାୟ ମାଧ୍ୟମରେ ଶୋଷଣ କରିବା ଉଦ୍ଦେଶ୍ୟରେ ସୀମାପାର ଚାଲାଣ ଘଟଣା ବୃଦ୍ଧିପାଇଛି ।

**ଶ୍ରମିକମାନେ ଦୁର୍ଘଟଣା ଓ ପେଷାଗତ ବେମାରିରେ ଆକ୍ରାନ୍ତ ହେବାର ବର୍ଦ୍ଧିତ ଆଶଙ୍କା :** ନିମ୍ନସ୍ତରର ସଚେତନତା, ନିରାପତ୍ତା ଏବଂ ସ୍ୱାସ୍ଥ୍ୟ ସଂବନ୍ଧରେ ପ୍ରଚଳିତ ଆଇନ୍‌କାନୁନ୍‌କୁ ଅନୁପାଳନରେ ଅବହେଳା, ଆଇନ୍ କାର୍ଯ୍ୟକାରିଣୀ ବ୍ୟବସ୍ଥାର ଆକାର ଓ ପ୍ରଭାବ ହ୍ରାସ ତଥା ଚତୁଃପାର୍ଶ୍ୱରେ ଯଥେଚ୍ଛାଚାରିତା ଓ ବିଶୃଙ୍ଖଳ ଆଚରଣ ଲାଗି ରହିବାର ଏକ ସାଧାରଣ ବାତାବରଣର ପ୍ରଭାବ ଫଳରେ ଉଭୟ ସଂଗଠିତ ଏବଂ ଅଣ-ସଂଗଠିତ କ୍ଷେତ୍ରରେ ବହୁସଂଖ୍ୟକ ଶ୍ରମିକ ନିଜନିଜ ପେଷା କ୍ଷେତ୍ରରେ ଗୁରୁତର ଅନିଷ୍ଟ ଓ ବିପଦର ଶୀକାର ହେବାର ଆଶଙ୍କା ବଢିଯାଇଛି । ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇ.ଏଲ୍.ଓ.)ର ମହା ନିର୍ଦ୍ଦେଶକ 'ଏସିଆରେ ସମୁଚିତ ଶ୍ରମ' ଶିରୋନାମାରେ ଲେଖିଥିବା ତଥା ତ୍ରୟୋଦଶ ଏସୀୟ ବୈଠକରେ ପ୍ରସାରିତ ହୋଇଥିବା ରିପୋର୍ଟରେ ପେଷାଗତ ଅନିଷ୍ଟ ଓ ବିପଦସମୂହର ବ୍ୟାପକ ବୃଦ୍ଧି ପ୍ରତି ନିଜର ଖେଦୋକ୍ତି ପ୍ରକାଶ କରିଥିଲେ । ସେହି ରିପୋର୍ଟର ଏକ ଉଦ୍ଧୃତି ନିମ୍ନମତେ –

"ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟସ୍ଥଳୀର ଅବସ୍ଥାସମୂହ ମଧ୍ୟ ବହୁ ସମୟରେ ଉଦ୍‌ବେଗଜନକ ଏବଂ ବିପଦସଂକୁଳ । ବାସସ୍ଥାନ ଏବଂ କାର୍ଯ୍ୟସ୍ଥଳୀର ଅବାଂଛନୀୟ ପରିବେଶ, ପାରିବାରିକ ଅବସ୍ଥା, ପରିଚ୍ଛନ୍ନତାର ଦୟନୀୟ ଅଭାବ, ସୁଦୀର୍ଘ କାର୍ଯ୍ୟନିର୍ଘଣ୍ଟ

ତଥା ରାସାୟନିକ ଓ ବୈଦ୍ୟୁତିକ ଦୁର୍ଘଟଣାର ଆଶଙ୍କା ସମ୍ବନ୍ଧରେ ଆବଶ୍ୟକୀୟ ସଚେତନତାର ଅଭାବ- ଏସବୁର ମିଶ୍ରିତ ପରିଣତି ସ୍ୱରୂପ ଶ୍ରମିକମାନେ ଅଧିକରୁ ଅଧିକ ରୁଗ୍ଣତାର ଶୀକାର ହୋଇଚାଲିଛନ୍ତି । ଶ୍ରମ-ଜନିତ ବିପଦସମୂହର ଆଶଙ୍କା ସହିତ ଯୋଡି ହୋଇଯାଇଛି ଅତ୍ୟଧିକ ଗହଳି, ପୁଷ୍ଟିର ଅଭାବ ତଥା ଜନସ୍ୱାସ୍ଥ୍ୟ ଜଡିତ ଅନ୍ୟାନ୍ୟ ସମସ୍ୟା ଯଥା- ପରିମଳ ଓ ଷ୍ଟୋରେଜ୍‌ର ଅଭାବ ତଥା ତା' ସହିତ ଦାରିଦ୍ର୍ୟର ଜଣାଶୁଣା ପ୍ରଭାବସମୂହ" ।

ବର୍ତ୍ତମାନ ମୋଟ ଉପରେ ଦୃଶ୍ୟମାନ ହେଉଥିବା ଅତ୍ୟନ୍ତ ବେଦନାଦାୟକ ସ୍ଥିତିକୁ ଆଇ.ଏଲ୍.ଓ.ର ମହାନିର୍ଦ୍ଦେଶକ ଉକ୍ତ ରିପୋର୍ଟରେ ନିମ୍ନମତେ ବର୍ଣ୍ଣନା କରିଛନ୍ତି:

"ସାମାଜିକ ସୁରକ୍ଷା ଉପରେ ବିଧିବଦ୍ଧ ବ୍ୟବସ୍ଥା ଏବେ ବି ଏସିଆରେ ଅଙ୍କୁରୋଦ୍‌ଗମ ସ୍ଥିତିରେ । ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଧୀନରେ ଯେତିକି ଜନସଂଖ୍ୟା ପରିସରଭୁକ୍ତ ହୋଇଛି, ତାହା ଏବେ ବି ବହୁତ ସୀମିତ । ବହୁ ଏସୀୟ ରାଷ୍ଟ୍ର ସାମାଜିକ ସୁରକ୍ଷା ବାବଦରେ ଯାହା ବ୍ୟୟ କରନ୍ତି ତାହା ବିଶ୍ୱର ଅନ୍ୟ ଅଞ୍ଚଳଗୁଡିକ ତୁଳନାରେ ସ୍ୱଳ୍ପ" ।

**ଭାରତରେ ସାମାଜିକ ସୁରକ୍ଷା :** ସାମାଜିକ ସୁରକ୍ଷାର ଦର୍ଶନ ଭାରତର ସମ୍ବିଧାନରୁ ହିଁ ତା'ର ପ୍ରେରଣା ଓ ଶକ୍ତି ହାସଲ କରିଛି । ସାମାଜିକ ସୁରକ୍ଷାକୁ ଏକ ମୌଳିକ ଅଧିକାର ଭାବେ ସମ୍ବିଧାନ ସ୍ୱୀକୃତି ଦେବା ଏବେ ବି ବାକି ରହିଛି । କିନ୍ତୁ ସମ୍ବିଧାନର ଧାରା ୩୮ ଅନୁଯାୟୀ ରାଷ୍ଟ୍ର ଜନକଲ୍ୟାଣକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏଭଳି ଏକ ସାମାଜିକ ବ୍ୟବସ୍ଥାକୁ ଯଥାସମ୍ଭବ ଫଳପ୍ରଦ ଭାବେ ଗଢିତୋଳିବ ଏବଂ ସୁରକ୍ଷା ଦେବ; ଯେଉଁଥିରେ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ଜାତୀୟ ଜୀବନର ସମସ୍ତ ପ୍ରତିଷ୍ଠାନଗୁଡିକୁ ଉଦ୍‌ବୁଦ୍ଧ କରୁଥିବ । ଧାରା-୪୧ ଅନୁଯାୟୀ ରାଷ୍ଟ୍ର କାମ କରିବାର ଅଧିକାର, ଶିକ୍ଷା ପାଇଁ ଅଧିକାର ତଥା ବେକାରି, ବାର୍ଦ୍ଧକ୍ୟ, ବେମାରି, ବିକଳାଙ୍ଗତା ତଥା ଅନ୍ୟାନ୍ୟ ଅନିଚ୍ଛାକୃତ ନିଃସହାୟତା କ୍ଷେତ୍ରରେ ସରକାରୀ ସହାୟତା ପାଇଁ ଅଧିକାର ପ୍ରଦାନ ଦିଗରେ ଫଳପ୍ରଦ ବ୍ୟବସ୍ଥାମାନ ଗ୍ରହଣ କରିବ । ଧାରା-୪୨ ଅନୁଯାୟୀ ରାଷ୍ଟ୍ର କାର୍ଯ୍ୟର ପରିବେଶକୁ ସମୁଚିତ ଏବଂ ମାନବ-ଅନୁକୂଳ କରିବା ଓ ଜନନୀ ସହାୟତା ପ୍ରଦାନ ଦିଗରେ ଯଥାକ୍ରମେ ପଦକ୍ଷେପମାନ ଗ୍ରହଣ କରିବ । ଧାରା-୪୭ ଅନୁଯାୟୀ ରାଷ୍ଟ୍ରର ମୌଳିକ ଦାୟିତ୍ୱାବଳୀ ଭିତରେ ଅନ୍ୟତମ ଦାୟିତ୍ୱ ହେବ, ନିଜର ଜନସାଧାରଣଙ୍କର ପୁଷ୍ଟିଲାଭର ସ୍ତର ଏବଂ ଜୀବନର ମାନଦଣ୍ଡକୁ ବୃଦ୍ଧି କରିବା ତଥା ଜନସ୍ୱାସ୍ଥ୍ୟର କ୍ରମୋନ୍ନତି ଘଟାଇବା ।

ଭାରତୀୟ ସମ୍ବିଧାନର ଏହିସବୁ ବ୍ୟବସ୍ଥା ସାମାଜିକ ସୁରକ୍ଷାର ସାରମର୍ମ ଅଟେ । ସାମାଜିକ ସୁରକ୍ଷା ହେଉଛି ସେହିପ୍ରକାର ସୁରକ୍ଷା, ଯାହାକି ସମାଜ ନିଜର ସଦସ୍ୟମାନଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଗାଇ ଦେଇଥାଏ ଏବଂ ତାହାର ଉଦ୍ଦେଶ୍ୟ

ହେଉଛି ରୁଗ୍ଣତା, ଗର୍ଭାବସ୍ଥା, ଆଘାତ, ବୃତ୍ତିଜନିତ ବେମାରି, ବେକାରୀ, ପଙ୍ଗୁତା, ବାର୍ଦ୍ଧକ୍ୟ ବା ମୃତ୍ୟୁ କାରଣରୁ ରୋଜଗାର ବନ୍ଦ ହୋଇଯିବା ବା ବହୁଳାଂଶରେ ହ୍ରାସ ଘଟିବା ଯୋଗୁଁ ଯେଉଁ ଆର୍ଥିକ ଏବଂ ସାମାଜିକ ଦୁସ୍ଥିତି ସୃଷ୍ଟି ହୋଇଥାଏ ତା'ର ପ୍ରତିରୋଧ କରିବା । ସମ୍ବିଧାନର ଭାଗ-୪ରେ ରାଷ୍ଟ୍ରୀୟ ନୀତି ପାଇଁ ନିର୍ଦ୍ଦେଶାତ୍ମକ ନିୟମାବଳୀ ଅଧୀନରେ ଉପରୋକ୍ତ ନିୟମମାନ ସ୍ଥାନିତ ହୋଇଥିଲେ ହେଁ ସେଗୁଡ଼ିକ ଆଇନ୍‌ଗତ ଦୃଷ୍ଟିରୁ ଅବଶ୍ୟ-ପାଳନୀୟ ନୁହେଁ, କିନ୍ତୁ ଏହା ସତ୍ତ୍ୱେ ଦେଶର ଶାସନ କ୍ଷେତ୍ରରେ ସେଗୁଡ଼ିକର ମୌଳିକ ଭୂମିକା ରହିଛି । ମୌଳିକ ତାତ୍ପର୍ଯ୍ୟ ବହନ କରିଥିବା ଉକ୍ତ ନିର୍ଦ୍ଦେଶାବଳୀକୁ ମାନ୍ୟତା ଦେଇ ଭାରତ ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ନିମ୍ନୋକ୍ତ ଆଇନ୍‌ଗୁଡ଼ିକ ପ୍ରଣୟନ କରିଛି:

୧. କର୍ମଚାରୀ ବୀମା ଆଇନ୍ ୧୯୪୮

୨. କର୍ମଚାରୀମାନଙ୍କ ଭବିଷ୍ୟନିଧି ଏବଂ ବିବିଧ ପ୍ରାବଧାନସମୂହ ଆଇନ୍ ୧୯୫୨

୩. ଗର୍ଭବତୀ ମହିଳା ସହାୟତା ଆଇନ୍ ୧୯୬୧

୪. ଗ୍ରାଚ୍ୟୁଇଟି ପଇଠ ଆଇନ୍ ୧୯୭୨

ଏହାଛଡ଼ା ବର୍ତ୍ତମାନ କୋଇଲା ବିଭାଗ ଦ୍ୱାରା ପ୍ରଶାସିତ ହେଉଥିବା କୋଇଲାଖଣି ଭବିଷ୍ୟନିଧି ଆଇନ୍ ୧୯୪୮ ମଧ୍ୟ ବଳବତ୍ତର ରହିଛି । ଶ୍ରମିକମାନଙ୍କ ପାଇଁ କ୍ଷତିପୂରଣ ଆଇନ୍ ୧୯୨୩ ଭାରତବର୍ଷ ପରାଧୀନ ଥିବା ସମୟରେ ପ୍ରଣୀତ ହୋଇଥିଲା, ଯାହାର ଉଦ୍ଦେଶ୍ୟ ହେଉଛି ନିଯୁକ୍ତି ପ୍ରକ୍ରିୟାରେ ବା ନିଯୁକ୍ତି କାରଣରୁ ଆଘାତ ଏବଂ ପେଷାଗତ ବେମାରି ଫଳରେ ଯଦି ମୃତ୍ୟୁ ବା ପଙ୍ଗୁତା ଘଟେ, ତେବେ ସଂପୃକ୍ତ ଶ୍ରମିକ ବା ତାଙ୍କ ଉପରେ ନିର୍ଭରଶୀଳ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ । ଏହିସବୁ ଆଇନ୍‌ଗୁଡ଼ିକର ସାରମର୍ମ ହେଉଛି ନିଯୁକ୍ତି କାଳୀନ ଆଘାତ, ମୃତ୍ୟୁ ଏବଂ ପଙ୍ଗୁତା ଜନିତ ସ୍ଥିତିରେ ସୁରକ୍ଷା ଯୋଗାଇଦେବା ତଥା ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ବ୍ୟକ୍ତିମାନଙ୍କୁ ସୁବିଧା ପ୍ରଦାନ କରିବା, ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଏବଂ ଗର୍ଭାବସ୍ଥାକାଳୀନ ସୁବିଧା ପ୍ରଦାନ ସହିତ ବାର୍ଦ୍ଧକ୍ୟରେ ରୋଜଗାରର ନିରାପତ୍ତା ପାଇଁ ବ୍ୟବସ୍ଥା କରିବା । ଯଦିଓ ଏକଥା ସତ, ଏହିସବୁ ବ୍ୟବସ୍ଥାମାନ ଭିତରେ ସମସ୍ତ ଶ୍ରମିକ ପରିସରଭୁକ୍ତ ନଥିଲେ, ତଥାପି ସର୍ବନିମ୍ନ ସ୍ତରର ସୁରକ୍ଷା ଯୋଗାଇଦେବା ପାଇଁ ଯେଉଁ ସାର୍ବଜନୀନ ନୀତି ଓ ବ୍ୟବସ୍ଥା ରହିଛି, ତାହାସବୁ ଉକ୍ତ ଆଇନ୍‌ଗୁଡ଼ିକ ଭିତରେ ପରୋକ୍ଷଭାବେ ସ୍ୱୀକୃତି ଲାଭ କରିଛି । କିନ୍ତୁ ଭାରତରେ ସାମାଜିକ ସୁରକ୍ଷାର ବିକାଶ ଖୋଲାଖୋଲି ଭାବେ ଆଇ.ଏଲ୍.ଓ. ସୁପାରିସ୍ ସଂଖ୍ୟା ୬୭ର ବିପରୀତ ଦିଗରେ ଗତି କରିଛି । କାରଣ ଏହି ସୁପାରିସ୍‌ର ସାରମର୍ମ ହେଉଛି ସାମାଜିକ ସୁରକ୍ଷା ପାଇଁ ଏଭଳି ଏକ ସମନ୍ୱିତ ଯୋଜନା ରହିବ, ଯାହା ଅଧୀନରେ ଉକ୍ତ ସୁପାରିସ୍‌ରେ ତାଲିକାଭୁକ୍ତ

ହୋଇଥିବା ବିଭିନ୍ନ ଧରଣର ସୁବିଧାମାନ ପରିସରଭୁକ୍ତ ହୋଇଥିବ । କିନ୍ତୁ ଭାରତର ପ୍ରୟାସରେ ଏକ ବିଖଣ୍ଡିତ ସ୍ଥିତି ସୂଚିତ ହୁଏ, ଯାହାର ପରିଣତି ସ୍ୱରୂପ ଭିନ୍ନଭିନ୍ନ ଆଇନ୍ ଅଧୀନରେ ବହୁସଂଖ୍ୟକ ସ୍କିମ୍ ପ୍ରଣୀତ ହୋଇଛି ତଥା ହିତାଧିକାରୀ ଗୋଷ୍ଠୀ ଏକ ଏବଂ ଅଭିନ୍ନ ହୋଇଥିଲେ ହେଁ ସେମାନଙ୍କ ପାଇଁ ଏକାଧିକ ସଂସ୍ଥା ସୃଷ୍ଟି ହୋଇଛି (ଯଥା ଭବିଷ୍ୟନିଧି ଓ କର୍ମଚାରୀ ବୀମା ଯୋଜନା ଇତ୍ୟାଦି) ।

ଉପରୋକ୍ତ ତ୍ରୁଟି ସତ୍ତ୍ୱେ ବିଗତ ବର୍ଷଗୁଡିକରେ ଗୁରୁତ୍ୱପୂର୍ଣ୍ଣ ବୈଧାନିକ ପରିବର୍ତ୍ତନ ଅଣାଯାଇଛି । ତଦ୍ୱାରା ସୁରକ୍ଷାର ପରିସର ସଂପ୍ରସାରିତ ହୋଇଛି, ଅଂଶଧନର ହାର ତଥା ସୁବିଧାର ପରିସର ବୃଦ୍ଧି ପାଇଛି ତଥା କଟକଣାଗୁଡିକର ପ୍ରତ୍ୟାହାର ଏବଂ ସ୍ୱାଗତଯୋଗ୍ୟ ସଂସ୍କାରସମୂହର ପ୍ରବର୍ତ୍ତନ ଘଟିପାରିଛି । ନୀତିଗତ ଦୃଷ୍ଟିରୁ ବିଚାର କଲେ, ସାମାଜିକ ସୁରକ୍ଷା ସଂପର୍କିତ ଆଇନ୍‌ଗୁଡିକ ନିଜ ପରିସରରେ ଅନ୍ତର୍ଭୁକ୍ତିକୁ ନେଇ ସଂଗଠିତ ଏବଂ ଅଣ-ସଂଗଠିତ କ୍ଷେତ୍ର ଭିତରେ ବାଛବିଚାର କରିନଥାଏ । ସାମାଜିକ ସୁରକ୍ଷା ସମସ୍ତ ଧରଣର ଶ୍ରମିକ-ଠିକା, ଅନିୟମିତ, ସାମୟିକ, ଅସ୍ଥାୟୀ ଓ ଗୃହ କର୍ମୀ ଇତ୍ୟାଦିଙ୍କ ପାଇଁ ପ୍ରଯୁଜ୍ୟ । କିନ୍ତୁ ବାସ୍ତବ କ୍ଷେତ୍ରରେ ଅଣ-ସଂଗଠିତ କ୍ଷେତ୍ରଗୁଡିକର ଖୁବ୍ କମ୍ ଶ୍ରମିକ ଭବିଷ୍ୟନିଧି ଏବଂ କର୍ମଚାରୀଙ୍କ ପାଇଁ ରାଷ୍ଟ୍ରୀୟ ବୀମା ଭଳି ବିଧିବଦ୍ଧ ଯୋଜନାଗୁଡିକର ପରିସରଭୁକ୍ତ ହୋଇପାରିଛନ୍ତି । ଏହା ଏକ ସ୍ୱତନ୍ତ୍ର ବିଷୟ ।

ଭବିଷ୍ୟନିଧି କ୍ଷେତ୍ରରେ ଆମେ ଦେଖିବାକୁ ପାଉ ଯେ, ୧୯୫୨ରେ ୬ଟି ବୃହତ୍ ଅନୁସୂଚିତ ଶିଳ୍ପୋଦ୍ୟୋଗ ଅଧୀନସ୍ଥ ପ୍ରାୟ ୧୪୦୦ଟି ଶିଳ୍ପସଂସ୍ଥାରେ କାର୍ଯ୍ୟରତ ୧୨ଲକ୍ଷ ଶ୍ରମିକ ଏହାର ସଭ୍ୟପଦ ପାଇଥିଲେ । କିନ୍ତୁ ଆଜି ସେହିସଂଖ୍ୟା ବୃଦ୍ଧି ପାଇ ୧୭୭ଟି ଅନୁସୂଚିତ ଶିଳ୍ପୋଦ୍ୟୋଗ ଅଧୀନସ୍ଥ ୩ଲକ୍ଷ କାରଖାନା ଓ ଅନ୍ୟାନ୍ୟ ଶିଳ୍ପପ୍ରତିଷ୍ଠାନରେ ନିଯୁକ୍ତ ଥିବା ୨କୋଟି ୨୦ଲକ୍ଷ ଶ୍ରମିକରେ ପହଞ୍ଚିଛି । ଭବିଷ୍ୟନିଧି (ମୂଳ ପାଣ୍ଠି) ଅଧୀନରେ ବର୍ତ୍ତମାନ ସୁଦ୍ଧା ସମୁଦାୟ ସଂଗୃହୀତ ଅର୍ଥ ହେଉଛି ୫୪ହଜାର କୋଟି ଟଙ୍କା । ଆଜି ସୁଦ୍ଧା କର୍ମଚାରୀ ବୀମା ଯୋଜନା ଅଧୀନରେ ୨ଲକ୍ଷ ସଂସ୍ଥାରେ ନିୟୋଜିତ ୧୦ଲକ୍ଷରୁ ଅଧିକ କର୍ମଚାରୀ ଅନ୍ତର୍ଭୁକ୍ତ ହୋଇପାରିଛନ୍ତି ଏବଂ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅବସ୍ଥିତ ୬୦୦ରୁ ଅଧିକ କେନ୍ଦ୍ର ସହିତ ଜଡିତ ୩କୋଟି ୫୦ଲକ୍ଷ ଠାରୁ ଅଧିକ ବ୍ୟକ୍ତିଙ୍କୁ ତାହା ମେଡିକାଲ୍ ସେବା ଯୋଗାଇ ପାରୁଛି । ଉକ୍ତ ଯୋଜନା ସମୂହ ଅଧୀନରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବା ପାଇଁ ସଂରଚନାଗତ ସୁବିଧାସୁଯୋଗରେ ଆଖିଦୃଶିଆ ଅଭିବୃଦ୍ଧି ଘଟିପାରିଛି, ଯାହାର ପରିସର ଭିତରେ ବର୍ତ୍ତମାନ ୬,୦୦୦ ସର୍ବେକ୍ଷଣ ଡାକ୍ତରଙ୍କ ଦ୍ୱାରା ପରିଚାଳିତ ୧୪୫୦ଟି ବହିର୍ବିଭାଗ ସେବା ଯୋଗାଣକାରୀ ଚିକିତ୍ସା କେନ୍ଦ୍ର କାର୍ଯ୍ୟରତ ଅଛି ଏବଂ

ଏହାର ପରିସର ଭିତରେ ମଧ୍ୟ ଅନ୍ତର୍ଭୁକ୍ତ ଅଛି ପାନେଲ୍ ସିଷ୍ଟମ୍‌ରେ ପରିଚାଳିତ ୩,୦୦୦ ଘରୋଇ ଡାକ୍ତରୀ କ୍ଲିନିକ୍, ୧୨୭ଟି ହସ୍‌ପିଟାଲ୍ ଏବଂ ସରକାରୀ ହସ୍‌ପିଟାଲ୍‌ଗୁଡିକରେ ଆବାସିକ ଡାକ୍ତରୀ ଚିକିତ୍ସା ପାଇଁ ସଂଲଗ୍ନ ଥିବା ୨୦,୦୦୦ରୁ ଅଧିକ ଶଯ୍ୟା ।

ଭବିଷ୍ୟନିଧି ଏବଂ କର୍ମଚାରୀ ବୀମା ଯୋଜନା ପାଇଁ ଉଭୟ ମଜୁରି ସିଲିଂ ଏବଂ ଅଂଶଧନର ହାର ବେଶ୍ ପରିମାଣରେ ବୃଦ୍ଧି କରାଯାଇଛି । ଗ୍ରାଚ୍ୟୁଇଟି ପଇଠ ଆଇନ୍ ଅଧୀନରେ କାଏମ୍ ଥିବା ମଜୁରି ସିଲିଂକୁ ପ୍ରତ୍ୟାହାର କରି ନିଆଯାଇଛି । ଶ୍ରମିକମାନଙ୍କୁ କ୍ଷତିପୂରଣ ଆଇନ୍ ଅଧୀନରେ ପ୍ରଯୁଜ୍ୟତାର ମଜୁରି ସିଲିଂକୁ ୧୯୮୪ ସଂଶୋଧନ ବଳରେ ସଂପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିନିଆଯାଇଛି, ଯଦିଓ କ୍ଷତିପୂରଣର ପରିମାଣ ନିର୍ଦ୍ଧାରଣ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ସର୍ବାଧିକ ମାସିକ ପାରିଶ୍ରମିକକୁ ୨ହଜାର ଟଙ୍କାରେ ସୀମିତ ରଖାଯାଇଛି । କ୍ଷତିପୂରଣର ପରିମାଣ (ଯାହାକି ସର୍ବନିମ୍ନ ୫୦ହଜାର ଟଙ୍କା, କିନ୍ତୁ ୨ଲକ୍ଷ ଟଙ୍କାରୁ ଅଧିକ ହୋଇପାରେ) ବେଶ୍ ପରିମାଣରେ ବୃଦ୍ଧି ପାଇଛି । ନିଯୁକ୍ତିକାଳରେ ପ୍ରତି ବର୍ଷର ଚାକିରିର ୧୫ଦିନ ମଜୁରିର ସୁବିଧା ହାରରେ ସର୍ବନିମ୍ନ ୫ବର୍ଷର ଲଗାତାର ସେବା ପାଇଁ ଗ୍ରାଚ୍ୟୁଇଟି ପରିମାଣ ସାଢେ ତିନି ଲକ୍ଷଟଙ୍କା ପର୍ଯ୍ୟନ୍ତ ବୃଦ୍ଧିପାଇଛି । ୧୯୯୫ରେ କର୍ମଚାରୀ ସେବାନିବୃତ୍ତି ଯୋଜନା ପ୍ରବର୍ତ୍ତନ ଭାରତରେ ସାମାଜିକ ସୁରକ୍ଷା କ୍ଷେତ୍ରରେ ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ଘଟଣା ଏବଂ ଏହା ଶିଳ୍ପସଂସ୍ଥା ଏବଂ ବାଣିଜ୍ୟିକ ଉଦ୍ୟୋଗସମୂହରେ ନିଯୁକ୍ତ କର୍ମଚାରୀମାନଙ୍କ ପାଇଁ ବାର୍ଦ୍ଧକ୍ୟରେ ଆର୍ଥିକ ନିରାପତ୍ତାର ଗ୍ୟାରେଣ୍ଟି ପ୍ରଦାନ କ୍ଷେତ୍ରରେ ଏକ ଅଭୂତପୂର୍ବ ପଦକ୍ଷେପ । ପୂର୍ବ ପ୍ରଚଳିତ ପରିବାର ପେନସନ୍ ସ୍କିମ୍ ୧୯୭୧ ପରିବର୍ତ୍ତେ ପ୍ରବର୍ତ୍ତୀତ ନୂତନ ଯୋଜନା ଫଳରେ ସଂପୃକ୍ତ ସଦସ୍ୟମାନଙ୍କ ପାଇଁ ଅବସରକାଳୀନ ସୁବିଧାସମୂହ, କୌଣସି ଏକ ପରିସ୍ଥିତିରେ ସଂପୃକ୍ତ ବ୍ୟକ୍ତି ସଂପୂର୍ଣ୍ଣ ଅକ୍ଷମ ହୋଇପଡିଲେ ତାଙ୍କ ପାଇଁ ବିକଳାଙ୍ଗତା ସୁବିଧାସମୂହ, ଏବଂ ସଂପୃକ୍ତ ସଦସ୍ୟଙ୍କର ମୃତ୍ୟୁ ଘଟିଲେ ପରିବାରର ଜୀବିତ ସଦସ୍ୟମାନଙ୍କ ପାଇଁ ସୁବିଧାସମୂହ ଇତ୍ୟାଦି ବର୍ତ୍ତମାନ ଉପଲବ୍ଧ ହୋଇପାରୁଛି ।

କିନ୍ତୁ ଭବିଷ୍ୟନିଧି ଏବଂ କର୍ମଚାରୀ ବୀମା ଯୋଜନାରେ କେତେକ ଗୁରୁତର ସୀମାବଦ୍ଧତା ରହିଛି, କାରଣ ଆଇନ୍ ଅନୁସାରେ ନିମ୍ନୋକ୍ତ ଶ୍ରମିକଗୋଷ୍ଠୀମାନେ ତହିଁର ସୁବିଧାଗୁଡିକରୁ ବଞ୍ଚିତ ଅଟନ୍ତି:

- ଯେଉଁମାନେ ଅନୁସୂଚିତ ଶିଳ୍ପସଂସ୍ଥା ଓ ବାଣିଜ୍ୟିକ ସଂସ୍ଥା ବାହାରେ କାର୍ଯ୍ୟରତ ଅଛନ୍ତି,
- ଯେଉଁମାନେ କ୍ଷୁଦ୍ରକ୍ଷୁଦ୍ର ସଂସ୍ଥାରେ କାର୍ଯ୍ୟରତ ଅଛନ୍ତି (କର୍ମଚାରୀ ସଂଖ୍ୟା ସଂପର୍କିତ ମାନଦଣ୍ଡକୁ ପୂରଣ କରୁନଥିବା),

• ଯେଉଁମାନେ ମଜୁରି ସିଲିଂ ବହିର୍ଭୁତ ପରିମାଣର ବେତନ ପାଇଥାନ୍ତି,
• ଏକ ବିଶାଳ ଆତ୍ମନିଯୁକ୍ତ ଶ୍ରମିକଗୋଷ୍ଠୀ (ଯେଉଁମାନଙ୍କର ସଂଖ୍ୟା ସମଗ୍ର ଶ୍ରମଶକ୍ତିର ଶତକଡା ୫୪ ଭାଗ), ଯେଉଁମାନେ କି ପ୍ରଚଳିତ ବିଧିବିଧାନ ଦୃଷ୍ଟିରେ ପରିସରଭୁକ୍ତ ହେବା ପାଇଁ ଯୋଗ୍ୟ ନୁହଁନ୍ତି ।

ପ୍ରଚଳିତ ସମସ୍ତ ଯୋଜନାଗୁଡିକର ଶ୍ରମିକସଂଖ୍ୟାକୁ ମିଶାଇଲେ, ମୋଟ ସଂଖ୍ୟା ନଗଣ୍ୟ ମାତ୍ର । ୨୦୦୩ରେ ମୋଟ ଶ୍ରମିକସଂଖ୍ୟା ଥିଲା ୪୦ କୋଟିରୁ ଊର୍ଦ୍ଧ୍ୱ; ଅତି ବେଶିରେ ଏହାର ଶତକଡା ୧୦ଭାଗ ଯୋଜନାଗୁଡିକର ପରିସରଭୁକ୍ତ ହୋଇପାରିଛନ୍ତି (୨କୋଟି ହେଉଛନ୍ତି ସରକାରୀ ଏବଂ ସର୍ବସାଧାରଣ ଉଦ୍ୟୋଗସମୂହର କର୍ମଚାରୀ ଏବଂ ବାକି୨କୋଟି ଘରୋଇ ସଂସ୍ଥାର କର୍ମଚାରୀ, ଯେଉଁମାନେ କର୍ମଚାରୀ ବୀମା, ଭବିଷ୍ୟନିଧି ଏବଂ ଅନ୍ୟାନ୍ୟ ପାଣ୍ଠିର ପରିସରଭୁକ୍ତ) । ଅବଶିଷ୍ଟ ଶତକଡା ୯୦ଭାଗ ଶ୍ରମିକ ସାମାଜିକ ନିରାପତ୍ତା ଯୋଜନାର କୌଣସି ସୁବିଧା ପାଇନଥାନ୍ତି । ଏହି ବିଶାଳ ୯୦ ଶତାଂଶ ଶ୍ରମିକ ହେଉଛନ୍ତି ହୁଏତ ଆତ୍ମ-ନିଯୁକ୍ତ ଅଥବା ସାମୟିକ ମଜୁରିଆ । ସେଲ୍ଫ୍ ଏମ୍ପ୍ଲୟେଡ୍ ଓମେନ୍'ସ ଆସୋସିଏସନ୍ (ଏସ୍.ଇ.ଡବ୍ଲ୍ୟୁ.ଏ.) ଭଳି ଏନ୍.ଜି.ଓ. ଅସଂଗଠିତ ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ସେବାପୁଞ୍ଜି ପ୍ରଦାନ କରିବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଛି (ଯଥା ଅସୁସ୍ଥତା, ବିଧବାବସ୍ଥା, ମାତୃତ୍ୱ, ଦୁର୍ଘଟଣା, ଅଗ୍ନ୍ୟୁତ୍ପାତ, ସାଂପ୍ରଦାୟିକ ଦଙ୍ଗା ଇତ୍ୟାଦି ପରିପ୍ରେକ୍ଷୀରେ ସୁରକ୍ଷା ପ୍ରଦାନ) ଏବଂ ଏହାର ପରିସରଭୁକ୍ତ ଅଛନ୍ତି ଦୁଗ୍ଧ ପ୍ରସ୍ତୁତିକାରୀ, ହସ୍ତଠେଲା ଗାଡିଚାଳକ, ମୁଣ୍ଡବୋଝ ବୁହାଳି, ଦୋକାନୀ, ବୁଲାବିକାଳି, କପଡା ବୁଣାଳି ଓ ବିଡି ପ୍ରସ୍ତୁତିକାରୀ ଶ୍ରମଜୀବୀ ଗୋଷ୍ଠୀ ଇତ୍ୟାଦି । ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ସାମାଜିକ ଭାବେ ଏକଜୁଟ୍ କରିବା ଏବଂ ସଂଗଠିତ କରିବା କ୍ଷେତ୍ରରେ ଏହା ନିଶ୍ଚିତ ଭାବେ ଏକ ମହତ୍ୱପୂର୍ଣ୍ଣ ପ୍ରୟାସ । କିନ୍ତୁ ଯେତିକି ସଂଖ୍ୟକ ଶ୍ରମିକ ପରିସରଭୁକ୍ତ ହୋଇଛନ୍ତି, ସେମାନଙ୍କ ସଂଖ୍ୟା ବିଶାଳ ଅସଂଗଠିତ ଶ୍ରମବାହିନୀ ତୁଳନାରେ ନଗଣ୍ୟ ମାତ୍ର ।

ପ୍ରାୟ ୪କୋଟି ଭୂମିହୀନ କୃଷିଶ୍ରମିକ ଭାରତୀୟ ଜୀବନ ବୀମା କର୍ପୋରେସନ୍‌ର ଗୋଷ୍ଠୀ ବୀମା ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ହୋଇପାରିଛନ୍ତି ଏବଂ ଲୁହା, ମାଙ୍ଗାନିଜ୍, କ୍ରୋମ୍, ଚୂନପଥର ଏବଂ ଡୋଲୋମାଇଟ୍‌ର ଉତ୍ତୋଳନ, ବିଡି ତିଆରି, ଗୃହନିର୍ମାଣ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟରେ ଜଡିତ ଶ୍ରମିକଙ୍କ ସମେତ ପୁରୁଷ ଓ ମହିଳା ମତ୍ସ୍ୟଜୀବୀ, ଚମଡା ଶ୍ରମିକ, ନୀରା ସଂଗ୍ରାହକ ଇତ୍ୟାଦିଙ୍କୁ ମିଶେଇ ପ୍ରାୟ ୫୦ଲକ୍ଷ ଶ୍ରମିକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପିତ ବିଭିନ୍ନ ଶ୍ରମିକ ମଙ୍ଗଳ ପାଣ୍ଠି ଅଧୀନରେ ଅନ୍ତର୍ଭୁକ୍ତ ହୋଇପାରିଛନ୍ତି । ଏହା ସତ୍ତ୍ୱେ ପ୍ରାୟ ୩୦କୋଟି ଶ୍ରମିକଙ୍କ ପାଇଁ କୌଣସି ପ୍ରକାର ସାମାଜିକ

ସୁରକ୍ଷା ନାହିଁ । ସାମାଜିକ ସୁରକ୍ଷା ପାଇଁ କୌଣସି ଏକ ସେବାପୁଞ୍ଜର ଫଳପ୍ରଦତା ଆକଳନ କଲାବେଳେ ୩ଟି ମୌଳିକ ପ୍ରଶ୍ନ ଉତ୍ଥାପନ କରାଯିବା ଜରୁରୀ; ସେଗୁଡିକ ହେଲା-

୧. ଏହି ସେବାପୁଞ୍ଜି ବାସ୍ତବରେ କାର୍ଯ୍ୟକ୍ଷମ ହୋଇପାରିବ କି ?

୨. ଏହା ଆକଳନୀୟ କି ?

୩. ଏହାର ହିତାଧିକାରୀଙ୍କ ସଂଖ୍ୟା ବଢାଇ ହେବ କି ?

ଭବିଷ୍ୟନିଧି ଅଥବା କର୍ମଚାରୀ ବୀମା କୌଣସି ଯୋଜନା ଉପରୋକ୍ତ ୩ଟି ମାନଦଣ୍ଡକୁ ପୂରଣ କରିପାରିନାହିଁ । ଅତୀତରେ କର୍ମଚାରୀ ବୀମା ଯୋଜନା ଅଧୀନରେ ନିମ୍ନମାନର ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା କାରଣରୁ ବୀମାଗ୍ରାହକଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖାଦେଇଛି । କର୍ମଚାରୀ ବୀମା ଯୋଜନାକୁ ନୂତନ କେନ୍ଦ୍ର ଓ ନିଯୁକ୍ତି କ୍ଷେତ୍ର ତଥା ଅତିରିକ୍ତ ଶ୍ରେଣୀର ସଂସ୍ଥାମାନଙ୍କୁ ସଂପ୍ରସାରଣ କରିବା ଉପରେ ରାଜ୍ୟସରକାରମାନଙ୍କ ଅନିଚ୍ଛା ବିରୁଦ୍ଧରେ ଯେଉଁ ଅଭିଯୋଗମାନ ଉଠିଛି, ସେଗୁଡିକ ବସ୍ତୁତଃ ଯଥାର୍ଥ । ଏହା ଏକ ବିଡମ୍ବନା ଯେ, ଉଭୟ ନିଯୁକ୍ତିକର୍ତ୍ତା ଏବଂ ନିଯୁକ୍ତ କର୍ମଚାରୀଗଣ ଏହି ସ୍କିମ୍‌ର ସଂପ୍ରସାରଣକୁ ବିରୋଧ କରୁଛନ୍ତି- ନିଯୁକ୍ତିକର୍ତ୍ତାମାନଙ୍କର ବିରୋଧର କାରଣ ହେଲା, ସେମାନଙ୍କୁ ଅତିରିକ୍ତ ଆର୍ଥିକ ବୋଝ ଉଠାଇବାକୁ ପଡୁଛି ଏବଂ ନିଯୁକ୍ତ କର୍ମଚାରୀମାନଙ୍କର ବିରୋଧର କାରଣ ହେଲା, ସଂପ୍ରସାରଣ ଘଟିବା ଫଳରେ ବର୍ତ୍ତମାନର ଅକୁଳାଣ ସଂରଚନା-ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ପଡିବ ଏବଂ ତା' ଫଳରେ ସେବାର ମାନଦଣ୍ଡ ଆହୁରି ନିମ୍ନଗାମୀ ହୋଇଯିବାର ଆଶଙ୍କା । ଏହା ପୁଣି ନିଃସନ୍ଦେହ ଯେ, ପ୍ରଶାସନିକ ନିୟନ୍ତ୍ରଣର ଦ୍ୱୈତ ବ୍ୟବସ୍ଥା (ରାଜ୍ୟ ସରକାର ଏବଂ କର୍ପୋରେସନ୍) ଏକ ସୁଚାରୁ ଓ କାର୍ଯ୍ୟଦକ୍ଷ ପ୍ରଶାସନର ଅଭାବଜନିତ ସମସ୍ୟାକୁ ଆହୁରି ଜଟିଳ କରିଦେଇଛି । ଗତ ୫୫ବର୍ଷ ଭିତରେ (ସ୍କିମ୍ ଆରମ୍ଭ ହେବା ସମୟରୁ) କର୍ମଚାରୀ ବୀମା ଯୋଜନା ସଂରଚନାଗତ ବିକାଶ ଦୟନୀୟ ଭାବେ ମନ୍ଥର ରହିଆସିଛି । କର୍ମଚାରୀ ଅଭାବ, ଡାକ୍ତରଖାନାଗୁଡିକରେ ଅତିରିକ୍ତ ଭିଡ, ବିଶେଷଜ୍ଞମାନଙ୍କର ଅଭାବ, ପରୀକ୍ଷା ସୁବିଧାର ଅଭାବ, ଔଷଧ ଯୋଗାଣରେ ଅଭାବ ଏବଂ ଅସନ୍ତୋଷଜନକ ହସ୍‌ପିଟାଲ୍ ସେବା ତଥା ବୀମାଭୁକ୍ତ ବ୍ୟକ୍ତିମାନଙ୍କର ପଂଜିକରଣରେ ଖାମଖିଆଲି ଇତ୍ୟାଦି କେତେକ ସମସ୍ୟା କାରଣରୁ କର୍ପୋରେସନ୍, ରାଜ୍ୟ ସରକାର ତଥା ଯୋଜନାର ସୁନାମ ଉପରେ ଗୁରୁତର ଆଞ୍ଚ୍ ଆସିଛି ।

ଅଣ-ଆନୁଷ୍ଠାନିକ/ଅସଂଗଠିତ କ୍ଷେତ୍ରକୁ ଉଭୟ ଭବିଷ୍ୟନିଧି କର୍ମଚାରୀ ବୀମା ଯୋଜନାକୁ ପୁରାପୁରି ସଂପ୍ରସାରଣ କରିବାରେ କେତେକ ପ୍ରକୃତ ସମସ୍ୟା ଥାଇପାରେ, କିନ୍ତୁ ଏକଥା ମଧ୍ୟ ସତ ଯେ, ଆନୁଷ୍ଠାନିକ/ସଂଗଠିତ କ୍ଷେତ୍ରରେ ଥିବା ସମସ୍ତ ଶ୍ରମିକ,

ଯେଉଁମାନେ କି ଉକ୍ତ ଦୁଇ ଯୋଜନା ପରିସରଭୁକ୍ତ ହେବା ପାଇଁ ଯୋଗ୍ୟ ଅଟନ୍ତି, ସେମାନେ ମଧ୍ୟ ଅଦ୍ୟାବଧି ପରିସରଭୁକ୍ତ ହୋଇପାରି ନାହାନ୍ତି । ଭବିଷ୍ୟନିଧି ଆଇନ୍‌ରେ ଥିବା କଟକଣା ଅନୁଯାୟୀ ଯେଉଁସବୁ ବିନିର୍ଦ୍ଦିଷ୍ଟ ଶିଳ୍ପ/ସଂସ୍ଥାରେ ସର୍ବନିମ୍ନ କୋଡିଏ ଜଣ ଶ୍ରମିକ କାର୍ଯ୍ୟ କରୁଥିବେ ଏବଂ ମୁଣ୍ଡପିଛା ମାସିକ ଦରମା ସର୍ବନିମ୍ନ ପାଞ୍ଚ ହଜାର ଟଙ୍କା ହୋଇଥିବ, ସେମାନେ ଯୋଜନାର ପରିସରଭୁକ୍ତ ହୋଇପାରିବେ । ଏହା ହିଁ ଭବିଷ୍ୟନିଧି ଯୋଜନାର ପରିସର ସଂପ୍ରସାରଣରେ ବାଧକ ରୂପେ କାର୍ଯ୍ୟ କରୁଛି । ସର୍ବନିମ୍ନ ୧୦ଜଣ ବା ତଦୁର୍ଦ୍ଧ୍ୱ ଶ୍ରମିକ ନିଯୁକ୍ତ କରିଥିବା ପ୍ରତି ସଂସ୍ଥାକୁ ଏହି ଆଇନ୍‌ର ପରିସରଭୁକ୍ତ କରିବା ପାଇଁ ଅତୀତରେ ବହୁଥର ରିପୋର୍ଟ ଓ ପରାମର୍ଶମାନ ଉପସ୍ଥାପନ କରାଯାଇଥିଲେ ହେଁ ଏ କ୍ଷେତ୍ରରେ ଏପର୍ଯ୍ୟନ୍ତ କୌଣସି ସଫଳତା ମିଳିପାରିନାହିଁ । ଏହାଛଡା ସମବାୟ ସମିତିଗୁଡିକରେ ନିଯୁକ୍ତ ହୋଇଥବା ଶ୍ରମିକମାନେ ଏପର୍ଯ୍ୟନ୍ତ ସାମାଜିକ ସୁରକ୍ଷା ହାସଲ କରିନପାରିବା ପଛରେ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ଭବିଷ୍ୟନିଧି ଯୋଜନାର କାର୍ଯ୍ୟକାରିତା ଏହାର ମୌଳିକ ଲକ୍ଷ୍ୟ, ଯଥା-ବାର୍ଦ୍ଧକ୍ୟରେ ରୋଜଗାରର ନିରାପତ୍ତାକୁ ହାସଲ କରାଇବାରେ ସହାୟକ ହୋଇପାରିନାହିଁ । ଜଣେ ଗ୍ରାହକ ମଝିରେ ମଝିରେ ଅଗ୍ରୀମ ଆକାରରେ ମନଇଚ୍ଛା ଅର୍ଥଉଠାଣ କରିବା ଫଳରେ ତାଙ୍କ ନାମରେ ଥିବା ଜମା ପାଣ୍ଠିର ବିପୁଳ ହ୍ରାସ ଘଟୁଛି; ଫଳତଃ ସେ ପରିଶେଷରେ ଯେଉଁ ପ୍ରାପ୍ୟ ପାଉଛନ୍ତି, ତାହା ମୋଟାମୋଟି ଅତ୍ୟନ୍ତ ନଗଣ୍ୟ (୨୫ ହଜାର ଟଙ୍କା) ଏବଂ ଯେଉଁଠି ମୁଦ୍ରାସ୍ଫୀତି ଓ ଲଗାତାର ଦରବୃଦ୍ଧିର ବାତାବରଣ ଭିତରେ ମୁଦ୍ରାର କ୍ରୟକ୍ଷମତା ଅତ୍ୟନ୍ତ କମ୍, ସେପରିସ୍ଥଳେ ଉକ୍ତ ଅର୍ଥରାଶିର ମୂଲ୍ୟ ମୋଟେ ନାହିଁ କହିଲେ ଚଳେ । କମ୍ପ୍ୟୁଟରୀକରଣ କରାଯାଇଥିବା ସତ୍ତ୍ୱେ ଦାବିଗୁଡିକର ଚୂଡାନ୍ତ ଫଇସଲା ପ୍ରକ୍ରିୟା ଏବେ ବି ଅତ୍ୟନ୍ତ ଜଟିଳ ଏବଂ ତଜ୍ଜନିତ ବିଳମ୍ବ କାରଣରୁ ଗ୍ରାହକ ସଦସ୍ୟମାନଙ୍କ ଭିତରେ ଏହାକୁ କେନ୍ଦ୍ର କରି ନୈରାଶ୍ୟ ଓ ହତାଶା ବ୍ୟାପକ ରୂପ ଧାରଣ କରିଛି ।

କର୍ମଚାରୀ ବୀମା ଯୋଜନା ଭଳି ଭବିଷ୍ୟନିଧିରେ ଅର୍ଥଜମାର ହାର, ପ୍ରାପ୍ୟ ସୁବିଧାର ପରିମାଣ, ଅର୍ଥଲଗାଣ, ଲଗାଣ ହୋଇଥିବା ଅର୍ଥରାଶି ଉପରେ ଆୟ ଏବଂ ଯୋଜନାର ସାମଗ୍ରୀକ ଆର୍ଥିକ ଓ ଲାଭକ୍ଷତି ସଂକ୍ରାନ୍ତ ସ୍ଥିତି ଭିତରେ ଏକ ଯୁକ୍ତିସଂଗତ ଏବଂ ବିଜ୍ଞାନସମ୍ମତ ସଂପର୍କ ରହିଛି । ଅର୍ଥଜମାର ହାର ବୃଦ୍ଧି ହେଲେ ପାଣ୍ଠିରେ ମୂଳ ଜମାର ପରିମାଣ ବୃଦ୍ଧି ପାଇବ, କିନ୍ତୁ ଅର୍ଥଜମାର ବୃଦ୍ଧି ସହିତ ତାଳମେଳ ରଖି କେଉଁ ହାରରେ ପ୍ରାପ୍ୟ ସୁବିଧାସମୂହ ମିଳିପାରିବ, ସେ ବିଷୟରେ ନିଷ୍ପତ୍ତି ନେବା ପାଇଁ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବା ଇ.ଏସ୍.ଆଇ. କର୍ପୋରେସନ୍, କାହାରି ସ୍ୱତନ୍ତ୍ର କ୍ଷମତା ନାହିଁ । ସେହିପରି ଅର୍ଥଲଗାଣର ଢାଞ୍ଚା ବା

ପ୍ରାପ୍ୟହାସଲର ହାର ବିଷୟରେ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ମଧ୍ୟ ସ୍ୱତନ୍ତ୍ର କ୍ଷମତା ନାହିଁ । ବିଗତ ଅଳ୍ପ କେଇବର୍ଷ ଭିତରେ ଅର୍ଥଜମା ଉପରେ ସୁଧହାରରେ ହ୍ରାସ (ଶତକଡା ୧୨ରୁ ଶତକଡା ୯.୫) ଘଟାଯିବା ଫଳରେ କେନ୍ଦ୍ରୀୟ ଟ୍ରଷ୍ଟବୋର୍ଡ ସଭ୍ୟମାନଙ୍କ ଭିତରେ ବେଶ୍ ଅସନ୍ତୋଷ ଦେଖାଯିବା ସହିତ ଗ୍ରାହକମାନଙ୍କ ମନ ମଧ୍ୟ ଫିକା ପଡିଯାଇଛି । ଅଧିକ ସଂଖ୍ୟକ ସବ୍-ରେଜିଓନାଲ୍ ଅଫିସ୍ ଖୋଲିବା ଏବଂ ବଡବଡ ବକେୟା ଅର୍ଥରାଶିର ଅସୁଲ୍ ପାଇଁ କ୍ଷମତା ଅର୍ପଣ କରିବା ତଥା ଇଚ୍ଛାକୃତ ଭାବେ ଆଇନ୍ ଉଲ୍ଲଂଘନ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାମାନ ମଧ୍ୟ ପୂର୍ବଭଳି ବଜାୟ ରହିଛି । ଯେଉଁ ବହୁସଂଖ୍ୟକ ସଂସ୍ଥାମାନଙ୍କୁ ଆଇନ୍ ପରିସରରୁ ରିହାତି ଦିଆଯାଇଛି, ଅତୀତରେ ସେମାନଙ୍କ କାର୍ଯ୍ୟଧାରା ଏବଂ ଉତ୍ତରଦାୟିତ୍ୱକୁ ଯଦି ବିଚାରକୁ ନିଆଯାଏ, ତେବେ ଦେଖାଯିବ ଯେ ସେମାନଙ୍କ ଆଚରଣରେ ବହୁତ କିଛି ଅଭାବ ରହିଯାଇଛି ଏବଂ ଏହା ଫଳରେ ଏକ ସନ୍ଦେହ ମଧ୍ୟ ଉଦ୍ରେକ ହୋଇଛି ଯେ, ସେହିସବୁ ସଂସ୍ଥାକୁ  ଉଭୟ ଭବିଷ୍ୟନିଧି ଓ କର୍ମଚାରୀ ବୀମା ଯୋଜନା ପରିସର ବାହାରେ ରଖିବା ପାଇଁ ଯେଉଁ ମହୋଦାର ମଞ୍ଜୁରି ଦିଆଯାଇଛି ତାହା କେତେଦୂର ଯୁକ୍ତିଯୁକ୍ତ । ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ରାଜ୍ୟମାନେ ବେଶ୍ କିଛି ସାମାଜିକ ସହାୟତା କାର୍ଯ୍ୟକ୍ରମ (ଦୃଷ୍ଟାନ୍ତ ସ୍ୱରୂପ, ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ପାଇଁ ମାସିକ ପେନସନ୍), ନିସହାୟ, ବୟସ୍କ ଏବଂ ବିକଳାଙ୍ଗମାନଙ୍କ ପାଇଁ ସରକାରୀ ସହାୟତା (ଅର୍ଥ ସାହାଯ୍ୟ) କାର୍ଯ୍ୟକ୍ରମ, ଶିକ୍ଷିତ ବେକାରଙ୍କ ପାଇଁ ସରକାରଙ୍କ ତରଫରୁ ବେକାରୀ ସହାୟତା, ନିସହାୟ ବ୍ୟକ୍ତିମାନଙ୍କ ପିଲାମାନଙ୍କ ପାଇଁ ଷ୍ଟାଇପେଣ୍ଡ୍ ଏବଂ ଅନ୍ୟାନ୍ୟ ଧରଣର ସହାୟତା ତଥା ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ସରକାରୀ ଓ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଇତ୍ୟାଦି ଚାଲୁ କରିଛନ୍ତି, କିନ୍ତୁ ଏହିସବୁ ସ୍କିମ୍ ଅଧୀନରେ ଉପଲବ୍ଧ ଅର୍ଥରାଶି ସ୍ୱଳ୍ପ, ଯୋଗ୍ୟତାର ମାନଦଣ୍ଡ ଅତ୍ୟନ୍ତ କଠିନ ଏବଂ ପରିଣାମତଃ ହିତାଧିକାରୀଙ୍କ ସଂଖ୍ୟା ମଧ୍ୟ ସ୍ୱଳ୍ପ ।

ଭବିଷ୍ୟନିଧି ଏବଂ କର୍ମଚାରୀବୀମା ଯୋଜନା ଭଳି ସାମାଜିକ ସୁରକ୍ଷା ଯୋଜନା ପଛରେ କେତେକ ମୌଳିକ ନୀତି ନିହିତ ଅଛି ଏବଂ ସେଗୁଡିକର ଉଲ୍ଲଂଘନର ଅର୍ଥ ସଂପୃକ୍ତ ଯୋଜନାର ମୃତ୍ୟୁ– ଉକ୍ତ ଯୋଜନାର ହିତାଧିକାରୀ ପରିସର, ଫଇସଲା ହୋଇଥିବା ଦାବି ସଂଖ୍ୟା, ଏବଂ ଅଗ୍ରୀମ ତଥା ଅବସରକାଳୀନ ସୁବିଧା ବିତରଣର ଆକାର ଯାହା ହୋଇଥାଉନା କାହିଁକି ! ଏହି ନୀତିଗୁଡିକ ହେଲା:

• ଭବିଷ୍ୟନିଧି ହେଉଛି ଏକ ଟ୍ରଷ୍ଟ ଏବଂ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ଚେୟାରମ୍ୟାନ୍ ଏବଂ ସଦସ୍ୟମାନଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରୀୟ ପି.ଏଫ୍. କମିଶନର୍ ଏବଂ ତାଙ୍କ

ତଳେ ଥିବା ସମସ୍ତ କର୍ମଚାରୀ ହେଉଛନ୍ତି ଉକ୍ତ ଟ୍ରଷ୍ଟର ତତ୍ତ୍ୱାବଧାରକ ।

• ଜଣେ ତତ୍ତ୍ୱାବଧାରକ ଯେଉଁ ନୀତି ଦ୍ୱାରା ପରିଚାଳିତ ହେବେ, ତାହା ହେଲା ନିରନ୍ତର ସଜାଗତା ଏବଂ ନିସ୍ୱାର୍ଥପରତା, ଯାହାଫଳରେ ଯେଉଁ ବ୍ୟକ୍ତିଗଣ ତାଙ୍କ ଉପରେ ନିଜର ଭରସା ରଖିଛନ୍ତି ତାହା କଦାପି ତ୍ରୁଟିଯିବନି ।

• କର୍ମଚାରୀବୀମା ଯୋଜନା ଭଳି ସାମାଜିକ ବୀମା ଯୋଜନା ସମ୍ଭାବ୍ୟ ଅନିଷ୍ଟ ଏବଂ ସୁବିଧାସମୂହର ସମନ୍ୱୟନର ନୀତି ଉପରେ ଆଧାରିତ ଏବଂ ଏସବୁର ମୂଳ ଉଦ୍ଦେଶ୍ୟ ହେଉଛି ବାର୍ଦ୍ଧକ୍ୟ ଓ ପଙ୍ଗୁତା କ୍ଷେତ୍ରରେ ତଥା ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିର ମୃତ୍ୟୁ ପରେ ଜୀବିତ ବ୍ୟକ୍ତିମାନଙ୍କ ପାଇଁ ସହାୟତା ଯୋଗାଇଦେବା । 'ସ୍କିମ୍ ପାଣ୍ଠିରେ ତୁମେ ଜମା କରିବ, ମୁଁ ମଧ୍ୟ ଜମା କରିବି, କିନ୍ତୁ ମିଷ୍ଟର୍ ଏକ୍ସ, ଯେ କି ନିଜର ଭଲମନ୍ଦ ନିଜେ ବୁଝିବା ପାଇଁ ଅକ୍ଷମ ଏବଂ ସେହି କାରଣରୁ ଯାହାଙ୍କ ପାଇଁ ସହାୟତା ଅଧିକ ଜରୁରୀ, ତାଙ୍କୁ ପ୍ରଥମେ ସୁବିଧା ସୁବିଧା ମିଳିବା ଦରକାର' । ଏହା ହିଁ ହେଉଛି ସାମାଜିକ ସୁରକ୍ଷାର ମୂଳ ନୀତି ।

• ଯେଉଁ ନିଯୁକ୍ତିଦାତା ଜାଣିଶୁଣି ଭବିଷ୍ୟନିଧି ବା କର୍ମଚାରୀବୀମା ପାଣ୍ଠିରୁ ଜଣେ କର୍ମଚାରୀଙ୍କ ପ୍ରାପ୍ୟକୁ ପଇଠ କରିବା ପରିବର୍ତ୍ତେ ଅଟକାଇ ରଖୁଛି, ସେ କେବଳ ଯେ ଭବିଷ୍ୟନିଧିର ଗ୍ରାହକ ସଦସ୍ୟ ଏବଂ କର୍ମଚାରୀବୀମା ଯୋଜନା ଅଧୀନରେ ବୀମାଭୁକ୍ତ ହୋଇଥିବା ବ୍ୟକ୍ତିମାନଙ୍କର ବିଶ୍ୱାସ ହରାଉଛି ତାହା ନୁହେଁ ବରଂ ବିଶ୍ୱାସଭଙ୍ଗ ଭଳି ଏକ ଅପରାଧ ଘଟାଉଛି, ଯାହାକି ଆଇନ୍ ଦୃଷ୍ଟିରେ ଦଣ୍ଡନୀୟ ।

• ଭବିଷ୍ୟନିଧି ଓ ସ୍ୱାସ୍ଥ୍ୟବୀମାର ସୁବିଧାସମୂହର ପ୍ରଯୁଜ୍ୟତା ଓ ପରିସର ଦୃଷ୍ଟିରୁ ସଂଗଠିତ ଓ ଅଣ-ସଂଗଠିତ କ୍ଷେତ୍ରର ଶ୍ରମିକ/ କର୍ମଚାରୀ ଏବଂ ଗୋଟିଏ ପଟରେ ନିୟମିତ ଓ ଅନ୍ୟପଟରେ ଚୁକ୍ତିଭିତ୍ତିକ ଓ ସାମୟିକ ଧରଣର କର୍ମଚାରୀମାନଙ୍କ ଭିତରେ ପ୍ରଭେଦ ନାହିଁ । ସ୍କିମ୍‌ର ସୁବିଧାସମୂହର ପରିସର ବୃଦ୍ଧି ଏବଂ କାର୍ଯ୍ୟକାରିତା କ୍ଷେତ୍ରରେ ଉପରୋକ୍ତ ବିଭିନ୍ନ ଶ୍ରେଣୀର କର୍ମଚାରୀ/ଶ୍ରମିକମାନଙ୍କ ଭିତରେ ବାଛବିଚାରର କୃତ୍ରିମ ପ୍ରାଚୀର ଠିଆ କରାଇବାର ଯେ କୌଣସି ପ୍ରୟାସକୁ ଆଇନ୍ ଏବଂ ସ୍କିମ୍‌ର ତତ୍ତ୍ୱାବଧାରକଗଣ ନିରୁତ୍ସାହ କରିବା ଉଚିତ୍ ।

• ଉଭୟ ଭବିଷ୍ୟନିଧି ଏବଂ କର୍ମଚାରୀବୀମା ଯୋଜନା କ୍ଷେତ୍ରରେ ମଜୁରି ସିଲିଂ, ଜମା ହାର, ପାଣ୍ଠିର ମୂଳରାଶି ତଥା ପ୍ରାପ୍ୟ ସୁବିଧାସମୂହ ଭିତରେ ଏକ ଯୁକ୍ତିସଂଗତ ଓ ବିଜ୍ଞାନସମ୍ମତ ଆନ୍ତଃସଂପର୍କ ରହିଛି । ପ୍ରାପ୍ୟ ଆକଳନ କଲାବେଳେ ଅଥବା ସ୍କିମ୍‌ର ସମୀକ୍ଷା ବା ସଂଶୋଧନ କଲାବେଳେ ଏହି ଆନ୍ତଃସଂପର୍କକୁ ପାଶୋରି

ପକାଇବା ଆଦୌ ଉଚିତ୍ ନୁହେଁ ।

• ଯେଉଁସ୍ଥଳେ ଜଣେ ଠିକାଦାର ତାଙ୍କ ଉପରେ ନ୍ୟସ୍ତ ହୋଇଥିବା କୌଣସି ବିଧିସମ୍ମତ ଦାୟିତ୍ୱକୁ ସଂପାଦନ କରିବାରେ ବିଫଳ ହେବେ, ସେପରି ସ୍ଥଳେ ଉକ୍ତ ଦାୟିତ୍ୱର ସମ୍ପାଦନ ଭାର ପ୍ରମୁଖ ନିଯୁକ୍ତିକର୍ତ୍ତାଙ୍କ ଉପରେ ଆରୋପିତ ହେବା ବାଂଛନୀୟ, କାରଣ ସଂପୃକ୍ତ ଉଦ୍ୟୋଗର ସମସ୍ତ ବ୍ୟାପାର ଉପରେ ତାଙ୍କରି ହିଁ ଚୂଡାନ୍ତ ନିୟନ୍ତ୍ରଣ ରହିଛି ।

ସାମାଜିକ ନିରାପତ୍ତା କ୍ଷେତ୍ର ଭଳି ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତା ସଂବନ୍ଧରେ ଅନୁଷ୍ଠିତ ଆଇ.ଏଲ୍.ଓ. କନଭେନସନ୍ ନମ୍ବର ୧୫୫ର ପରିକଳ୍ପନା ଅନୁଯାୟୀ ଏହି କନଭେନସନ୍ ଦ୍ୱାରା ଗୃହୀତ ବ୍ୟବସ୍ଥାମାନ ସମସ୍ତ ଶ୍ରମକ୍ଷେତ୍ର ଏବଂ ସେଥିରେ ନିୟୋଜିତ ସମସ୍ତ ଶ୍ରମିକଙ୍କ ପାଇଁ ପ୍ରଯୁଜ୍ୟ ରହିବ, ଅର୍ଥାତ୍ ଏଥିରେ ପରିସରକୁ ସାର୍ବଜନୀନ କରିବା ଉପରେ ଅଗ୍ରାଧିକାର ଦିଆଯାଇଛି । ଭାରତରେ ଥିବା ଏକ ପୁରାତନ ଓ ମୌଳିକ ବିଧି କାରଖାନା ଆଇନ୍ ୧୯୪୮ ଉକ୍ତ ଆଇ.ଏଲ୍.ଓ. କନଭେନସନ୍‌ର ପ୍ରାୟ ସମସ୍ତ ବ୍ୟବସ୍ଥାଗୁଡିକୁ କାର୍ଯ୍ୟରୂପ ଦେଇସାରିଛି । ଶ୍ରମନିର୍ଘଣ୍ଟ, ମହିଳାମାନଙ୍କ ପାଇଁ ରାତ୍ରକାଳୀନ ଶ୍ରମ, ଯନ୍ତ୍ରପାତିର ଜଗାରଖା, ଉତ୍ତୋଳିତ ହେବାକୁ ଥିବା ଓଜନର ସର୍ବାଧିକ ପରିମାଣ, ଶ୍ରମଜଗତରେ ପ୍ରବେଶ କରିବା ପାଇଁ ସର୍ବନିମ୍ନ ବୟସ ସୀମା, ବାୟୁପ୍ରଦୂଷଣର ନିବାରଣ, କୋଳାହଳ ଏବଂ କମ୍ପନ, ବୃତ୍ତିଜନିତ କ୍ୟାନସର୍, ରାସାୟନିକ ଦ୍ରବ୍ୟ ବ୍ୟବହାରବେଳେ ସାବଧାନତା ଓ ଦୁର୍ଘଟଣା କ୍ରମେ ଘଟୁଥିବା ମୁଖ୍ୟ ବିପଦସମୂହ ଇତ୍ୟାଦି ଉପରେ କାରଖାନା ଆଇନ୍‌ରେ ସବିଶେଷ ବ୍ୟବସ୍ଥାମାନ ସ୍ଥାନିତ ହୋଇଛି । ଆଇ.ଏଲ୍.ଓ. କନଭେନସନ୍ ନମ୍ବର ୧, ୮୧, ୮୯ ଓ ୧୩୬କୁ ଭାରତ ସମ୍ମତି ପ୍ରଦାନ କରିସାରିଛି ଏବଂ ଏଗୁଡିକ ବୃତ୍ତିଜନିତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ସହିତ ସଂପର୍କିତ ।

ଭାରତରେ ବୃତ୍ତିଜନିତ ନିରାପତ୍ତା ଓ ସ୍ୱାସ୍ଥ୍ୟ ସଂବନ୍ଧରେ ତିନି ପ୍ରକାର ବିଧିବିଧାନ ରହିଛି । ପ୍ରଥମ ଶ୍ରେଣୀରେ ଆସୁଛି କାର୍ଯ୍ୟସ୍ଥଳୀ ଆଇନ୍, ଯାହାର ପରିସର ଭିତରେ କାରଖାନା, ଖଣି, ବଗିଚା, ନିର୍ମାଣ, ବନ୍ଦର ଓ ପୋତାଶ୍ରୟ ଭଳି ପ୍ରମୁଖ କ୍ଷେତ୍ରଗୁଡିକ ଅନ୍ତର୍ଭୁକ୍ତ । ଦ୍ୱିତୀୟ ଶ୍ରେଣୀରେ ଆସୁଛି ନିରାପତ୍ତା ଆଇନ୍‌କାନୁନ୍, ଯାହାକି ବିପଜ୍ଜନକ ସାମଗ୍ରୀସମୂହ (ବିସ୍ଫୋରକ, ପେଟ୍ରୋଲିୟମ୍ ଜାତ ସାମଗ୍ରୀ ଏବଂ କୀଟନାଶକ ଇତ୍ୟାଦି) ପାଇଁ ପ୍ରଯୁଜ୍ୟ । ତୃତୀୟ ଶ୍ରେଣୀରେ ଆସିବ ସେହିସବୁ ନିରାପତ୍ତା ବିଧିବିଧାନ, ଯାହାକି ବଏଲର୍ ଏବଂ ଇଲେକ୍ଟ୍ରିସିଟି ଭଳି ଉଦ୍ୟୋଗ, ସେଗୁଡିକର ପରିଚାଳନା, ଉତ୍ପାଦନ ପ୍ରକ୍ରିୟା ତଥା ଯନ୍ତ୍ରପାତି ପ୍ରତି ପ୍ରଯୁଜ୍ୟ । ଉପରୋକ୍ତ ବିଧିବିଧାନର ସାଂପ୍ରତିକ ପରିସରକୁ

ଯଦି ଆମେ ନିରପେକ୍ଷ ଦୃଷ୍ଟିରୁ ସମୀକ୍ଷା କରୁ ତେବେ ଏହା ସୂଚୀତ ହେବ ଯେ, ଏବେ ବି ବହୁ କାର୍ଯ୍ୟସ୍ଥଳୀ, କାରବାର ଏବଂ ସାମଗ୍ରୀ ରହିଛି, ଯେଉଁଗୁଡ଼ିକ ନିରାପତ୍ତା ଓ ସ୍ୱାସ୍ଥ୍ୟ ସଂପର୍କିତ ଆଇନ୍‌ସମୂହର ପରିସର ଭିତରେ ଅନ୍ତର୍ଭୁକ୍ତ ହେବାକୁ ବାକି ଅଛି । ପ୍ରଚଳିତ ଥିବା ନିରାପତ୍ତା ଓ ସ୍ୱାସ୍ଥ୍ୟ ସଂପର୍କିତ ଆଇନ୍‌କାନୁନ୍‌ର ଅନୁପାଳନରେ ଅବହେଳା, ଆଇନ୍‌ର ପ୍ରଯୁଜ୍ୟତାର ସଂକୁଚିତ ପରିସର, ବିଧି ନିର୍ବାହକ ବ୍ୟବସ୍ଥାର ମନ୍ଥର ଗତି ତଥା ସ୍ୱେଚ୍ଛାଚାରିତାର ଏକ ସାଧାରଣ ବାତାବରଣର ପରିଣାମ ସ୍ୱରୂପ ଏକ ବିଶାଳ ସଂଖ୍ୟକ ଶ୍ରମିକ ଗୋଷ୍ଠୀ (ଉଭୟ ସଂଗଠିତ ଏବଂ ଅଣ-ସଂଗଠିତ) ଗୁରୁତର ବୃତ୍ତିଜନିତ ବିପଦ ଓ ସଂକଟର ସମ୍ମୁଖୀନ ହେଉଛନ୍ତି । କେତେକ ବିକାଶଶୀଳ ଦେଶ (ଭାରତ ସମେତ)ମାନଙ୍କର ଉପକୂଳଗୁଡ଼ିକରେ ବିଷାକ୍ତ ଆବର୍ଜନାମାନ ସ୍ତୁପୀକୃତ ହେବା ସହିତ ଜାହାଜଗୁଡ଼ିକ ମଧ୍ୟ ଧ୍ୱଂସ ପାଇବାର ଅବାରିତ ଘଟଣାକ୍ରମ ପରିଲକ୍ଷିତ ହୋଇଚାଲିଛି ଏବଂ ଏହା ଫଳରେ ପରିବେଶ ଅବକ୍ଷୟ ହେଉଛି ତଥା ଅଧିକରୁ ଅଧିକ ଶ୍ରମିକମାନେ ସାଂଘାତିକ ବୃତ୍ତିଜନିତ ରୋଗର ଶିକାର ହୋଇ ଚାଲିଛନ୍ତି ।

ଏ କ୍ଷେତ୍ରରେ ସବୁଠୁଁ କୁଖ୍ୟାତ ଦୃଷ୍ଟାନ୍ତ ହେଲା ଭୋପାଳରେ ୨ ଡିସେମ୍ବର ୧୯୮୪ରେ ଘଟିଥିବା ୟୁନିଅନ୍ କାର୍ବାଇଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆର କାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ଦୁର୍ଘଟଣା, ଯେଉଁଥିରେ ୨୫୦୦ରୁ ଅଧିକ ବ୍ୟକ୍ତି ତତ୍‌କ୍ଷଣାତ୍ ମୃତ୍ୟୁବରଣ କରିବା ସହିତ ତା'ଠାରୁ ବହୁସଂଖ୍ୟକ ଲୋକ ଆହତ, ବିକଳାଙ୍ଗ ଏବଂ ବିକୃତ ହୋଇପଡିଥିଲେ । ଭୋପାଳ ଗ୍ୟାସ୍ ବିଭୀଷିକା ଆମ ସାମନାରେ ଏକ ଦୁଃଖଦ ସତ୍ୟକୁ ତୋଳି ଧରିଥିଲା- ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ଯେତେ ଯାହା ଅଗ୍ରଗତି ଘଟିଥାଉନା କାହିଁକି, ତାହା ସହିତ ତାଳଦେଇ ମାନବ ଜୀବନର ଗୁରୁତ୍ୱକୁ ଉପଲବ୍ଧି କରିପାରୁଥିବା ଏକ ମାନବୀୟ, ଅନୁକମ୍ପାଶୀଳ ଓ ସଂବେଦନାପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ଗଢି ଉଠିପାରିନି; ପୁଣି ଶ୍ରମିକମାନେ ଯେ ମଣିଷ ଓ ସେହିହେତୁ ସେମାନଙ୍କର ମଧ୍ୟ ମର୍ଯ୍ୟାଦା, ଗାରିମା ଏବଂ ମୂଲ୍ୟ ରହିଛି, ସେ ପ୍ରକାର ଚେତନା ମଧ୍ୟ ଉଦ୍ରେକ ହୋଇପାରିନି । ଏହି ଘଟଣାରେ ପରିଲକ୍ଷିତ ହୋଇଥିଲା ଯେ, ସମଗ୍ର ଉତ୍ପାଦନ ପ୍ରକ୍ରିୟାରେ ନିହିତ ଥିବା ବିପଦଗୁଡ଼ିକୁ କିଭଳି ମିଳିତ ଭାବେ ଟାଳି ହେବ, ସେ ବିଷୟରେ କିମ୍ବା ସମ୍ଭାବ୍ୟ ଦୁର୍ଘଟଣା ଉପରେ କୌଣସି ଅଗ୍ରୀମ ସୂଚନାର ଅବତାରଣା କରାଯାଇନଥିଲା ଏବଂ ଶ୍ରମିକମାନଙ୍କୁ ଆସନ୍ନ ବିଭୀଷିକା ସଂବନ୍ଧରେ ଅନ୍ଧକାରରେ ରଖାଯାଇଥିଲା । ମୋଟ ଉପରେ କହିଲେ, ଉକ୍ତ ଦୁର୍ଘଟଣା ନିମ୍ନୋକ୍ତ ତଥ୍ୟାବଳୀର ଏକ କରୁଣ ଟିପ୍‌ପଣୀ ଥିଲା-

- ଯେଉଁମାନଙ୍କ ଦଖଲ ଅଧୀନରେ ରହି କାରଖାନାପରିଚାଳିତ ହେଉଥିଲା,

ସେମାନଙ୍କର ମନୋଭାବ ଓ ଦୃଷ୍ଟିଭଙ୍ଗୀ,

- ଦାରଖକାରୀ ଏବଂ ପରିଚାଳକମାନଙ୍କ ପକ୍ଷେ ସଜାଗତା ଏବଂ ହୁସିଆରିର ଅଭାବ,
- ଭୋପାଳ ସହରର ଏକ ଘନ ଜନବସତି ଅଞ୍ଚଳରେ କାରଖାନା ପ୍ରତିଷ୍ଠା ପାଇଁ ସ୍ଥାନ ମଞ୍ଜୁରି କରିଥିବା କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ପକ୍ଷେ ବିଚାରଶୀଳତାର ଭ୍ରମ ।

ଧୂଳି, ଧୂଆଁ ଏବଂ ଅନ୍ୟାନ୍ୟ ବିପଜ୍ଜନକ ରାସାୟନିକ ବସ୍ତୁ ସହିତ ଦୀର୍ଘ ସଂସ୍ପର୍ଶରେ ଆସିବା ଫଳରେ ଯକ୍ଷ୍ମା ଏବଂ ଦମ୍ମା ସମେତ ଅନେକ ବୃତ୍ତିଗତ ଏବଂ ଶ୍ୱାସ-ସମ୍ବନ୍ଧିତ ରୋଗ ସୃଷ୍ଟି କରିଥାଏ । ନିୟମିତ, ଠିକା-ଭିତ୍ତିକ, ସାମୟିକ, ଅସ୍ଥାୟୀ ବା ଅଂଶକାଳିକ ଶ୍ରମିକଙ୍କ ସମେତ ସମସ୍ତ ପ୍ରକାର ଶ୍ରମିକ, ଯେ କେହି ଉକ୍ତ ରୋଗଗୁଡିକ ଦ୍ୱାରା ଆକ୍ରାନ୍ତ ହେବେ ସେମାନଙ୍କ ପ୍ରତି ଯତ୍ନ ପ୍ରଦର୍ଶନ କରିବାର ଆବଶ୍ୟକତା ଅଛି ତଥା ସେମାନଙ୍କୁ ଅନୁକମ୍ପା ଓ ସଂବେଦନା ସହିତ ଚିକିତ୍ସା କରିବାର ମଧ୍ୟ ପ୍ରୟୋଜନ ରହିଛି । ସାମାଜିକ ସୁରକ୍ଷାର ଦୁଇଟି ଅଂଶ ଯଥା ସାମାଜିକ ନିରାପତ୍ତା ଯୋଜନାସମୂହର କାର୍ଯ୍ୟକାରିତା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତାର ଦୃଶ୍ୟପଟ ଉତ୍ସାହପ୍ରଦ ନୁହେଁ; ଏଥିରୁ ମୁକୁଳିବାର ଉପାୟ କ'ଣ ? ଭାରତରେ ସାମାଜିକ ସୁରକ୍ଷାର ପରିସର, ଗତି ଏବଂ ଅଗ୍ରଗତିର ବିକାଶ ସ୍ୱାର୍ଥରେ କେତେକ ପରାମର୍ଶ ଦେବା ପୂର୍ବରୁ ଏଠାରେ ଗୋଟିଏ ଦେଶ, ଜର୍ମାନୀରେ ସାମାଜିକ ସୁରକ୍ଷା ସ୍କିମ୍‌ଗୁଡିକର ସଫଳ କାର୍ଯ୍ୟକାରିତାର ପରୀକ୍ଷା ବିଷୟରେ ସୂଚନା ଦେବା ସମୀଚୀନ ମନେହୁଏ ।

ଜର୍ମାନୀରେ ସାମାଜିକ ସୁରକ୍ଷା ଯେଉଁଭଳି କାର୍ଯ୍ୟକାରୀ ହେଉଛି, ତାହା ପୃଥିବୀର ଫଳପ୍ରଦ ଓ ସୁଦକ୍ଷ ବ୍ୟବସ୍ଥାଗୁଡିକ ଭିତରୁ ଅନ୍ୟତମ । ଜର୍ମାନୀରେ ଥିବା ସାମାଜିକ ସୁରକ୍ଷା ସରକାରଙ୍କ କୃତି ନୁହେଁ ବରଂ ରାଜନୈତିକ ଦଳ, ଟ୍ରେଡ୍ ୟୁନିଅନ୍, ନିୟୋଜକମାନଙ୍କ ସଂଗଠନ ଏବଂ ଅନ୍ୟ ସଂଗଠନ (ଏନ୍.ଜି.ଓ.) ସମୂହଙ୍କ ସମ୍ମିଳିତ, ବଳିଷ୍ଠ ପ୍ରୟାସର ଫଳଶ୍ରୁତି । ଏହା ହଠାତ୍ ନାଟକୀୟ ଭାବେ ଆବିର୍ଭୁତ ହୋଇନି ବରଂ ମୂଳତଃ ବର୍ଷବର୍ଷ ଧରି ଲଗାତାର ପୁରୁଷ ଓ ମହିଳାମାନଙ୍କର ଯୌଥ ସଂଗ୍ରାମର ପରିଣାମ । ଜର୍ମାନୀରେ ସାମାଜିକ ସୁରକ୍ଷା ବ୍ୟକ୍ତିର ସୁରକ୍ଷା ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ମୌଳିକ ନୀତି ଉପରେ ଗଢିଉଠିଛି । ସେଠାରେ ଲକ୍ଷଲକ୍ଷ ଲୋକ ସାମାଜିକ ସୁରକ୍ଷା ବ୍ୟବସ୍ଥା ଉପରେ ପୁରାପୁରି ନିର୍ଭରଶୀଳ ଏବଂ ସେମାନଙ୍କ ଭିତରୁ ଅନେକ ଲୋକ ସାମାଜିକ ସୁରକ୍ଷା ବିନା ବଂଚିପାରିବେ ନାହିଁ । ଜର୍ମାନୀରେ ଜି.ଡି.ପି.ର ଶତକଡା ୩୦/୩୨ ଭାଗ ଭଳି ଏକ ବିଶାଳ ଅଂଶ ସାମାଜିକ ସୁରକ୍ଷା ଦିଗରେ ବ୍ୟୟ ହୋଇଥାଏ । ଜର୍ମାନୀରେ ଥିବା ସାମାଜିକ ସୁରକ୍ଷା ଦୁଇ ଧରଣର, ଟିକସ ଭିତ୍ତିକ ସ୍କିମ୍‌ସମୂହ ଏବଂ ସାମାଜିକ ବୀମା ସ୍କିମ୍ ସମୂହ । ଜର୍ମାନୀ (ଏକତ୍ରୀକରଣ ପରେ) ଜନସଂଖ୍ୟାର ଶତକଡା ୯୦ଭାଗ, ଅର୍ଥାତ୍ ପ୍ରାୟ

୭କୋଟି ଲୋକ ବର୍ତ୍ତମାନ ବିଧିବଦ୍ଧ ସାମାଜିକ ବୀମା ଯୋଜନାସମୂହ ଭିତରେ ଅନ୍ତର୍ଭୁକ୍ତ । ବାକି ଲୋକେ ନିମ୍ନୋକ୍ତ ଚାରି ଧରଣର ବ୍ୟବସ୍ଥା ଉପରେ ନିର୍ଭର କରିଥା'ନ୍ତି –

- ପେନସନ୍ ବୀମା
- ଅସୁସ୍ଥତା / ସ୍ୱାସ୍ଥ୍ୟ ବୀମା
- ଦୁର୍ଘଟଣା ବୀମା
- ବେକାରୀ ବୀମା

ଜର୍ମାନୀର ସାମାଜିକ ବୀମା ବ୍ୟବସ୍ଥା ଜମାରାଶିର ହାର ସହିତ ସଂପର୍କିତ ଏବଂ ସମସ୍ତ ଅର୍ଥରାଶି ନିୟୋଜକ ଏବଂ କର୍ମଚାରୀଙ୍କ ସୂତ୍ରରୁ ସଂଗୃହୀତ ହୋଇଥାଏ । ନିୟୋଜକଙ୍କ ଠାରୁ ଶତକଡା ୧୭.୫ ହାରରେ ଜମାରାଶି ଏବଂ କର୍ମଚାରୀଙ୍କ ଠାରୁ ଶତକଡା ୧୭.୫ ହାରରେ ଜମାରାଶି ମିଳିଥାଏ । ସରକାରଙ୍କ ସୂତ୍ରରୁ କୌଣସି ଅର୍ଥରାଶି ମିଳିନଥାଏ । ସାମାଜିକ ବୀମା ଶ୍ରମିକମାନଙ୍କୁ ବିଭିନ୍ନ ସମ୍ଭାବ୍ୟ ସମସ୍ୟା ଓ ବିପଦ କବଳରୁ ସୁରକ୍ଷା ଦେଇଥାଏ । ଆର୍ଥିକ ଅବଦାନ ସହିତ ସମ୍ଭାବ୍ୟ ବିପଦ ଭିତରେ ସନ୍ତୁଳନ ବଜାୟ ରକ୍ଷା କରି ଏହା ଏକ ସନ୍ତୁଳନକାରୀ ବ୍ୟବସ୍ଥା ଭାବେ କାର୍ଯ୍ୟ କରିଥାଏ । ଜର୍ମାନୀର ଉକ୍ତ ପରୀକ୍ଷାରୁ ତିନୋଟି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ମିଳିଥାଏ । ପ୍ରଥମତଃ ସଂପୂର୍ଣ୍ଣ, ନିଜ ପସନ୍ଦ ମୁତାବକ ତଥା ଉତ୍ପାଦନଶୀଳ କର୍ମନିଯୁକ୍ତି ହେଉଛି ଯେ କୌଣସି ସାମାଜିକ ସୁରକ୍ଷା ଯୋଜନାର ସଫଳତାର ଚାବିକାଠି । ଯଦି ବେକାରୀ ବେଶି ବଢିଯାଏ (ଯାହାକି ଏବେ ନିକଟରେ ଦେଖାଯାଇଛି), ତେବେ ଜମାରାଶିର ପରିମାଣ କମିଯିବ ଏବଂ ପୁଣି ସେହି ସମୟରେ ଯଦି ଟିକସ ହାରରେ ବୃଦ୍ଧି ଘଟେ ତେବେ ଲୋକମାନଙ୍କ କଷ୍ଟ ଆହୁରି ବଢିଯିବ (କାରଣ ନିୟୋଜିତ ଲୋକମାନଙ୍କୁ ଅତିରିକ୍ତ ଟିକସ ବୋଝ ବହନ କରିବାକୁ ପଡିବ) । ପୁଣି ଏହା ଫଳରେ ସଂଘୀୟ ଓ ପ୍ରାଦେଶିକ ସ୍ତରରେ ସାମଜିକ ବ୍ୟୟ (ସ୍ୱାସ୍ଥ୍ୟ ଓ ଶିକ୍ଷା) ଉପରେ ବଜେଟ୍ କାଟ ପାଇଁ ପଦକ୍ଷେପ ମଧ୍ୟ ନିଆଯାଇପାରେ ।

ଦ୍ୱିତୀୟ ଶିକ୍ଷା ହେଲା, ଜି.ଡି.ପି.ର ଅଭିବୃଦ୍ଧି ହାରରେ ବୃଦ୍ଧି ଘଟିବା ସହିତ ଯଦି ସାମାଜିକ ସୁରକ୍ଷା ଦିଗରେ ବ୍ୟୟ ହ୍ରାସପାଏ ତେବେ ସ୍ୱାସ୍ଥ୍ୟ, ଶିକ୍ଷା, ନିରାପତ୍ତା ଇତ୍ୟାଦି କ୍ଷେତ୍ରରେ ସାମାଜିକ ବ୍ୟୟ ପାଇଁ କୌଣସି ବଳକା ଅର୍ଥରାଶି ଉପଲବ୍ଧ ହେବନାହିଁ । ତୃତୀୟ ଶିକ୍ଷା ହେଲା, ଏକ ଗତିଶୀଳ ଏବଂ ଉଜ୍ଜଳ ଅର୍ଥନୀତି ସହିତ ଏକ ଚଳଚଞ୍ଚଳ ଓ ସମତାଭିମୁଖୀ ଶ୍ରମ ବଜାରର ସହାବସ୍ଥାନ । ସମତାଭିମୁଖୀ ଶ୍ରମ ବଜାରର ଅର୍ଥ ହେଲା, ଗୋଟିଏ ପଟରେ ବେଶ୍ ସୁଦକ୍ଷ, ଉଦ୍‌ବୁଦ୍ଧ ଏବଂ ବିକଶିତ ମାନବସମ୍ବଳର ସୁଲଭ୍ୟତା, ଯାହାକି ଉତ୍ପାଦନ ଏବଂ ଉତ୍ପାଦକତା ପାଇଁ ସହାୟକ ଏବଂ ଅନ୍ୟପଟରେ

ଶ୍ରମିକମାନଙ୍କର ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ କଲ୍ୟାଣର ବିକାଶ ଓ ସୁରକ୍ଷା ପାଇଁ ଅର୍ଥବ୍ୟୟ କରିବା ଦିଗରେ ରାଷ୍ଟ୍ରର ଉତ୍ସୁକତା ।

ଜର୍ମାନୀରେ ସାମାଜିକ ସୁରକ୍ଷା ଯୋଜନା କ୍ଷେତ୍ରରେ ଉପରୋକ୍ତ ତିନୋଟି ଧରଣର ସଫଳତା ଦେଖାଯିବା ସତ୍ତ୍ୱେ ସେଠାରେ ବିଭିନ୍ନ ସମସ୍ୟା ଓ ଚାଲେଞ୍ଜ ମଧ୍ୟ ରହିଛି । ପ୍ରଥମ ଚାଲେଞ୍ଜ ଆସିଥାଏ ଜନସଂଖ୍ୟାରେ ଦ୍ରୁତ ପରିବର୍ତ୍ତନରୁ । ୨୦୩୦ ସୁଦ୍ଧା ଜର୍ମାନୀର ମୋଟ ଜନସଂଖ୍ୟାର ଶତକଡା ୩୦ ଭାଗ ବ୍ୟକ୍ତିଙ୍କର ବୟସ ୬୦ରୁ ଊର୍ଦ୍ଧ୍ୱ ହୋଇଥିବ । ଆର୍ଥିକ କ୍ଷେତ୍ରରେ ସକ୍ରିୟ ଥିବା ଶ୍ରମିକଙ୍କ ସଂଖ୍ୟା ତୁଳନାରେ ପେନସନ୍‌ଧାରୀଙ୍କ ସଂଖ୍ୟା ବଢ଼ିଯାଇଥିବ । ବାର୍ଦ୍ଧକ୍ୟ ସହିତ ଅନେକଗୁଡ଼ିଏ ସମସ୍ୟା ଜୁଟିଯାଏ, ଯଥା-ଶାରିରୀକ ଶକ୍ତି, ମାନସିକ କ୍ଷମତା ଓ ସ୍ନାୟବିକ କ୍ରିୟାଶୀଳତାର ହ୍ରାସ ସହିତ ସ୍ମରଣଶକ୍ତିର ହ୍ରାସ ଘଟିଥାଏ ତଥା ଅସୁସ୍ଥତା କାରଣରୁ ସେହି ସମସ୍ୟାଗୁଡ଼ିକ ଅଧିକ ଜଟିଳ ଆକାର ଧାରଣ କରିଥାଏ ।

ଦ୍ୱିତୀୟ ଚାଲେଞ୍ଜ ଆସିଥାଏ ସମାଜର ସାଂଗଠନିକ ଢାଞ୍ଚାରେ ପରିବର୍ତ୍ତନ ସୂତ୍ରରୁ । ଏହିସବୁ ପରିବର୍ତ୍ତନ ଫଳରେ କେତେକ ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ, ଯଥା-ପାରମ୍ପରିକ ପାରିବାରିକ ବ୍ୟବସ୍ଥା ଭୁଷୁଡ଼ି ପଡେ, ପୁରୁଷ ଓ ମହିଳାଙ୍କ ଭିତରେ ପ୍ରଚଳିତ ସଂପର୍କରେ ପରିବର୍ତ୍ତନ, ବିବାହବିଚ୍ଛେଦର ହାରବୃଦ୍ଧି, ଉଗ୍ର ବ୍ୟକ୍ତିତ୍ୱବୋଧର ମାତ୍ରାବୃଦ୍ଧି, ସ୍ୱାମୀ ଓ ସ୍ତ୍ରୀ ଭିତରେ ଭୂମିକା ବିଭାଜନ (ମହିଳାମାନେ ଘରେ ରହି ଶିଶୁମାନଙ୍କର ଯତ୍ନ କରିବା ଏବଂ ପୁରୁଷମାନେ କାମ ପାଇଁ ବାହାରକୁ ଯିବା)ରେ ପରିବର୍ତ୍ତନ, ତଥା ପରିବାରର ମୁଖ୍ୟ ଭାବେ ପାରମ୍ପରିକ ଶ୍ରମିକ ବା ବେତନଭୋଗୀ କର୍ମଚାରୀମାନଙ୍କର ଭୂମିକାରେ ପରିବର୍ତ୍ତନ ଇତ୍ୟାଦି । ଏଭଳି ଅନେକ ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇଥିଲେ ହେଁ ସ୍ୱାଗତଯୋଗ୍ୟ ନୁହେଁ । କାରଣ ଏସବୁ ଫଳରେ ପରିବାର ଓ ସମାଜର ବିଭାଜନ ଓ ବିଚଳନ ଘଟିଥାଏ । ଏହାର ଏକ ଦୃଷ୍ଟାନ୍ତ ହେଲା, ଯେଉଁସ୍ଥଳେ ଲୋକେ ନିଜର ମନୋଭାବ ଓ ଚିନ୍ତାଧାରାରେ ଅତ୍ୟନ୍ତ ବ୍ୟକ୍ତିକୈନ୍ଦ୍ରିକ ଓ ଉଗ୍ର ହୋଇପଡନ୍ତି, ସେପରିସ୍ଥଳେ ସମୂହ ସ୍ୱାର୍ଥ (ଯାହାକି ସାମାଜିକ ସୁରକ୍ଷାର ଅନ୍ୟନାମ) ବାଧାଗ୍ରସ୍ତ ହୋଇପଡେ ଅଥବା ଗୌଣ ସ୍ଥାନ ଅଧିକାର କରେ । ଏହାଫଳରେ ସମାଜ ଭାରସାମ୍ୟ ହରାଇବା ଅନିବାର୍ଯ୍ୟ । ଯେଉଁ ଉକ୍ତି ଉପରେ ଆଧାର କରି ସାମଜିକ ସୁରକ୍ଷା ନୀତି ପୁରୁଷ ପୁରୁଷ ଧରି ତିଷ୍ଠି ରହିଆସିଛି, ତାହା ହେଲା 'ପୃଥିବୀ ପୃଷ୍ଠରେ ଈଶ୍ୱରଙ୍କ ସନ୍ତାନ ଅବତରଣ କରିନାହିଁ ନିଜର ସ୍ୱାର୍ଥ ପାଇଁ, ବରଂ ଅନ୍ୟର ସ୍ୱାର୍ଥ ପାଇଁ' ଅଥବା ଅନ୍ୟ ଭାଷାରେ କହିଲେ, ଆତ୍ମ-ତ୍ୟାଗ ଏବଂ ମହୋଦାରତା । ସେହି ନୀତି ଆସ୍ତେଆସ୍ତେ ବିସ୍ମୃତ ହୋଇପଡୁଛି ।

ତୃତୀୟ ଚାଲେଞ୍ଜ ହେଉଛି ମଣିଷକୃତ ବିପର୍ଯ୍ୟୟମାନ, ଯଥା-ଯୁଦ୍ଧ, ବିଦେଶୀ ରାଷ୍ଟ୍ର ଦ୍ୱାରା ଆକ୍ରମଣ, ସନ୍ତ୍ରାସବାଦ ତଥା ପ୍ରାକୃତିକ ବିପର୍ଯ୍ୟୟସମୂହ ଦ୍ୱାରା ଘଟିତ ବ୍ୟାପକ ଧ୍ୱଂସବିଧ୍ୱଂସ । ପୁରୁଷ, ମହିଳା ଏବଂ ଶିଶୁଗଣ ଜୀବନ, ଅଙ୍ଗ, ସମ୍ପତ୍ତି ଓ ଶାନ୍ତି କ୍ଷେତ୍ରରେ ଅପୂରଣୀୟ କ୍ଷତି ସହିଥାନ୍ତି । ଶିଶୁଗଣ ପରବର୍ତ୍ତୀ ବଂଶଧର, କିନ୍ତୁ ସେମାନେ ଯୌବନ ଓ ସାବାଳକତ୍ୱ ହାସଲ କରିବା ପୂର୍ବରୁ ପଥଭ୍ରଷ୍ଟ ହୋଇ ମଉଳି ପଡନ୍ତି । ଯୁବଗୋଷ୍ଠୀଙ୍କୁ କାମ, ତାଲିମ୍ କି ଉଚ୍ଚଶିକ୍ଷା ମିଳେନାହିଁ ଏବଂ ଜୀବନର ଉତ୍ତୁଙ୍ଗ ସୋପାନଶ୍ରେଣୀ ଚଢିବା ପାଇଁ ସେମାନଙ୍କର ସ୍ୱପ୍ନ ଅକାଳରେ ମଉଳିଯାଏ । ଉପରୋକ୍ତ ଚାଲେଞ୍ଜଗୁଡିକ କେବଳ ଜର୍ମାନୀ ପାଇଁ ନୁହେଁ, ଭାରତ ପାଇଁ ମଧ୍ୟ ପ୍ରାସଙ୍ଗିକ ଏବଂ ଏ ବିଷୟରେ ଗଭୀର ଆତ୍ମସମୀକ୍ଷା ଆବଶ୍ୟକ । ଯଦି ଦେଶର ସବୁ ଶ୍ରେଣୀର ଜନତା (ଉଭୟ ତରୁଣ ଓ ପ୍ରବୀଣ) ଏ ବିଷୟରେ ଭାବିବେ, ଚିନ୍ତା କରିବେ, ଆତ୍ମାନୁଶୀଳନ କରିବେ ତଥା ତନ୍ନତନ୍ନ କରି ବିଶ୍ଳେଷଣ କରିବେ ତେବେ ସେମାନଙ୍କୁ କେତେକ ସ୍ୱଳ୍ପ ସଂଖ୍ୟକ ଅଥଚ ଜରୁରୀ ପ୍ରସଙ୍ଗସମୂହର ସାମନା କରିବେ । ସେଗୁଡିକ ହେଲା-

ମାଗଣା, ବାଧ୍ୟତାମୂଳକ ଏବଂ ସାର୍ବଜନୀନ ମୌଳିକ ଶିକ୍ଷାର ବ୍ୟବସ୍ଥା କରିବା ହେଉଛି ଏକ ସାମ୍ବିଧାନିକ ଲକ୍ଷ୍ୟ, ଯାହାକି କ୍ରମାଗତ ଭାବେ କ୍ଷମତାସୀନ ହୋଇଥିବା ସମସ୍ତ ଜାତୀୟ ସରକାରଙ୍କ ନୀତି ଓ କର୍ମପନ୍ଥାସମୂହ ଜରିଆରେ ବାରମ୍ବାର ଦୋହରା ତଥା ସମର୍ଥିତ ହୋଇ ହୋଇଆସୁଛି । ଏହା ସତ୍ତ୍ୱେ ୬ରୁ ୧୪ବର୍ଷ ବୟସର ୧୦କୋଟିରୁ ଊର୍ଦ୍ଧ୍ୱ ସଂଖ୍ୟକ ପିଲା ଏବେ ବି ସ୍କୁଲ୍‌ଶିକ୍ଷାର ପରିସରଭୁକ୍ତ ହୋଇପାରି ନାହାନ୍ତି, ଯାହାଫଳରେ ସବୁଠୁଁ ମୂଲ୍ୟବାନ ମାନବସମ୍ବଳର ବ୍ୟାପକ ଅପଚୟ ଘଟିଚାଲିଛି । ଏପ୍ରକାର ଅପଚୟକୁ ସହଜରେ ମଧ୍ୟ କଳନା କରାଯାଇପାରିବ ନାହିଁ ।

**୧.** ସାଧାରଣ ଓ ସ୍ୱାଭାବିକ ଭାବେ ଶିକ୍ଷାର ସୁଯୋଗ ହାସଲ କରିବା ପାଇଁ ଶିଶୁର ଯେଉଁ ମୌଳିକ ଅଧିକାର ରହିଛି, ସେଥିରୁ ବହୁସଂଖ୍ୟକ ଶିଶୁ ଏବେ ବି ବଂଚିତ ରହିଛନ୍ତି; କାରଣ ସେମାନଙ୍କର ଇଚ୍ଛା ବିରୁଦ୍ଧରେ ସେମାନଙ୍କୁ ଶ୍ରମ କରିବାକୁ ଓ ବିଶେଷ କରି କଠିନ, ବିପଦସଂକୁଳ ଏବଂ ଶୋଷଣମୂଳକ ଶ୍ରମକ୍ଷେତ୍ରକୁ ଠେଲି ଦିଆଯାଉଛି ।

**୨.** ଶୈଶବର ଏରୁଣ୍ଡିବନ୍ଧ ଡେଇଁ ସେମାନେ ଯେତେବେଳେ ସାବାଳକ ଅବସ୍ଥାରେ ପ୍ରବେଶ କରୁଛନ୍ତି, ସେତେବେଳକୁ ସେମାନେ ଏମିତି ଶକ୍ତିହୀନ ହୋଇପଡିଥାନ୍ତି ଯେ, ସେମାନେ ଜଣେ ଜଣେ ଦାୟିତ୍ୱସଂପନ୍ନ, ଉତ୍ତରଦାୟୀ ଏବଂ କାର୍ଯ୍ୟଦକ୍ଷ ସାବାଳକ ଶ୍ରମିକ ରୂପେ ବିବିଧ କାର୍ଯ୍ୟରେ ଅଂଶଗ୍ରହଣ ପୂର୍ବକ ଆର୍ଥିକ କାର୍ଯ୍ୟକ୍ରମକୁ ଆଗେଇନେବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇ ପଡିଥାଏ ।

**୩.** ଏହାଛଡା ସେମାନେ ହିଁ ନିରକ୍ଷର ସାବାଳକ ବାହିନୀର କଳେବର ବଢାଇଚାଲନ୍ତି । ଏହି ସାବାଳକ ବାହିନୀ କାମଚଳା ସାକ୍ଷରତାରୁ ବଞ୍ଚିତ ରହିବା ତଥା ସେହି କାରଣରୁ ସୂଚନା, ଯୋଗାଯୋଗ, ଜ୍ଞାନବିଜ୍ଞାନ ଏବଂ ଆଧୁନିକତାର ଜଗତରୁ ବିଚ୍ଛିନ୍ନ ରହିବା ଫଳରେ ସେମାନେ ଭାବୀ ଇତିହାସରେ କି ସ୍ଥାନ ଗ୍ରହଣ କରିବେ, ତାହା ହିଁ ଏକ ଆଶଙ୍କାର କାରଣ ।

**୪.** ଦକ୍ଷତା ନିର୍ମାଣ ଓ ଏହାର ଉନ୍ନତୀକରଣ ଉଦ୍ଦେଶ୍ୟରେ ଦକ୍ଷତା ହାସଲ ପାଇଁ ପ୍ରଶିକ୍ଷଣ ହେଉଛି ଉତ୍ପାଦନ ଓ ଉତ୍ପାଦକତାର ଅଭିବୃଦ୍ଧି ଦିଗରେ ପରିଚାଳିତ ଅଭିଯାନର ଏକ ଅଙ୍ଗବିଶେଷ । ସୁସ୍ଥାୟୀ ଓ ଦୀର୍ଘମିଆଦୀ କର୍ମନିଯୁକ୍ତି ସୃଷ୍ଟି ପାଇଁ ବିଭିନ୍ନ ପନ୍ଥା ବାହାର କରିବା ଦିଗରେ ଯୋଜନାବଦ୍ଧ ପ୍ରୟାସ ଚଳାଇ ରଖିବା ସହିତ ଏପ୍ରକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବଜାୟ ରଖିବା ଅତ୍ୟନ୍ତ ଜରୁରୀ । ବର୍ତ୍ତମାନ ଦେଶରେ ୪୦କୋଟିରୁ ଊର୍ଦ୍ଧ୍ୱ ଶ୍ରମିକ ଥିବାବେଳେ ସେମାନଙ୍କ ଭିତରୁ ଏକ ସୀମିତ ସଂଖ୍ୟକ, ଅର୍ଥାତ୍ ମାତ୍ର ୧୦ଲକ୍ଷ (ଶତକଡା ୦.୨୫ ଭାଗ) ଶ୍ରମିକମାନଙ୍କ ପାଇଁ ବିଭିନ୍ନ ସଂସ୍ଥା ଜରିଆରେ ବୈଷୟିକ ତାଲିମ୍‌ର ବ୍ୟବସ୍ଥା ଅଛି; ସେହି ସଂସ୍ଥାଗୁଡିକ ହେଲା, ୪୦୦ରୁ ଅଧିକ ଆଇ.ଟି.ଆଇ., ପ୍ରାୟ ୧୨୦୦ ପଲିଟେକ୍‌ନିକ୍, କେବଳ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ୧ଟି ଜାତୀୟ ଏବଂ ୧୦ଟି ଆଞ୍ଚଳିକ ବୈଷୟିକ ତାଲିମ୍ ପ୍ରତିଷ୍ଠାନ ଓ ଅଳ୍ପ କେତୋଟି ଇଞ୍ଜିନିଅରିଂ ସ୍କୁଲ୍ ଏବଂ କଲେଜ୍ ।

**୫.** ଜନସଂଖ୍ୟା ବୃଦ୍ଧିର ହାର ତୁଳନାରେ ଶ୍ରମଶକ୍ତି ବୃଦ୍ଧିର ହାର ଅଧିକ । କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟାରେ ଅକୁଶଳୀ ବା ଅତିବେଶୀ ଅର୍ଦ୍ଧକୁଶଳୀ ଲୋକ ଶ୍ରମବଜାରରେ ପ୍ରବେଶ କରିବାରେ ଲାଗିଛନ୍ତି; ସେମାନଙ୍କ ପାଖରେ ଆବଶ୍ୟକୀୟ କର୍ମକୁଶଳତା ନଥିବାରୁ ସେମାନେ ନିରାଶ ହେବା ସ୍ୱାଭାବିକ; ସେହି କାରଣରୁ ସେମାନଙ୍କର ଅନ୍ତିମ ପରିଣତି ହେଉଛି ଅସଂଗଠିତ କ୍ଷେତ୍ରରେ ଯେ କୌଣସି ପ୍ରକାର ଅଣକୁଶଳୀ ଧନ୍ଦାରେ ନିୟୋଜିତ ହୋଇରହିବା, ଯଦିଓ ସେପ୍ରକାର ଧନ୍ଦାରୁ ସ୍ୱଳ୍ପ ମଜୁରି ମିଳିଥାଏ ତଥା ତାହା ଅତ୍ୟନ୍ତ ଅସୁରକ୍ଷିତ ହୋଇଥାଏ ।

**୬.** ନିଜ ନିଜର ଜନ୍ମସ୍ଥାନରେ ସ୍ଥିର ଏବଂ ସ୍ଥାୟୀ ନିଯୁକ୍ତିର ସୁଯୋଗର ଅଭାବ କାରଣରୁ ଦେଶଭିତରେ ଏବଂ ଦରିଆପାରି ପ୍ରବାସୀ ଶ୍ରମିକମାନଙ୍କର ସମସ୍ୟା ବଢିଚାଲିଛି । ଭାରତର ୩କୋଟିରୁ ଊର୍ଦ୍ଧ୍ୱ ଲୋକେ ସଦାସର୍ବଦା ଖୋଜି ଚାଲିଛନ୍ତି କିପରି ସେମାନଙ୍କୁ ଏଭଳି ନିଯୁକ୍ତି ମିଳିବ ଯାହାକି ଅଧିକ ଭଲ ଓ ଅଧିକ ଉତ୍ପାଦକ ହୋଇଥିବା ସହିତ ତାଙ୍କୁ ଅଧିକ ସୁନ୍ଦର ଜୀବିକା ଏବଂ ଜୀବନ ନିର୍ବାହ ପାଇଁ ଉଚ୍ଚତର ମାନଦଣ୍ଡ ଦେଇପାରୁଥିବ । ଏମିତି ଦେଖିବାକୁ ଗଲେ ପ୍ରବାସୀ ଶ୍ରମିକ ହେବା କୌଣସି ମତେ ଆପତ୍ତିଜନକ ନୁହେଁ,

କିନ୍ତୁ ଏକଥା ମଧ୍ୟ ସତ ଯେ ପ୍ରବାସୀ ଶ୍ରମିକ ହେବା ସହିତ କେତେକ ସମସ୍ୟା ଜଡିତ ହୋଇପଡିଛି, ଯଥା ଘର ଓ ପରିବାରର ଜୀବନ ବିକ୍ଷିପ୍ତ ହୋଇପଡିବା, ଯେଉଁ ଅଞ୍ଚଳକୁ ଶ୍ରମିକମାନେ ପ୍ରବାସୀ ହୋଇଥାଆନ୍ତି, ସେଠିକାର ସରକାର ସେହି ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା ଓ କଲ୍ୟାଣ ପ୍ରତି ନିଜର ଦାୟିତ୍ୱକୁ ଅସ୍ୱୀକାର କରିବା, ପ୍ରବାସୀ ଶ୍ରମିକମାନଙ୍କର ପିଲାମାନେ ଶିକ୍ଷାର ସୁଯୋଗରୁ ବଞ୍ଚିତ ହେବା, ସାମାଜିକ ସୁରକ୍ଷାର ସଂପୂର୍ଣ୍ଣ ଅଭାବ ତଥା କାର୍ଯ୍ୟସ୍ଥଳୀ ଓ ବାସସ୍ଥଳୀରେ ଶୋଷଣାତ୍ମକ ପରିବେଶ; ସେମାନଙ୍କ ସ୍ଥିତି ବେଠି ଶ୍ରମିକ ବା ବନ୍ଧକ ଶ୍ରମିକଙ୍କ ସମତୁଲ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ; ଜଣେ ମଣିଷର ଯେଉଁସବୁ ଅବିଚ୍ଛେଦ୍ୟ ମାନବିକ ଅଧିକାର ଥାଏ, ସେଥିରୁ ପ୍ରବାସୀ ଶ୍ରମିକମାନେ ବଞ୍ଚିତ ଥାଆନ୍ତି ଏବଂ ତାହା ହିଁ ଘୋର ଚିନ୍ତା ଓ ଉଦ୍‌ବେଗର କାରଣ ହୋଇପଡିଛି ।

୭. ଏକଥା ସତ, ବିଗତ ବର୍ଷଗୁଡିକ ଭିତରେ ଶ୍ରମଶକ୍ତିରେ ମହିଳାମାନଙ୍କର ଭାଗିଦାରିତା ବୃଦ୍ଧିପାଇଛି, କିନ୍ତୁ ଏହା ପୁରୁଷମାନଙ୍କ ତୁଳନାରେ ଏବେ ବି କମ୍ ରହିଛି । ପାହାଡିଆ, ଆଦିବାସୀ ଅଧ୍ୟୁଷିତ ତଥା ମରୁଭୂମି ଅଞ୍ଚଳ ସହିତ ଦୂରଦୂରାନ୍ତ, ଆଭ୍ୟନ୍ତରୀଣ ଏବଂ ଦୁର୍ଗମ ଅଞ୍ଚଳରେ ମହିଳାମାନଙ୍କର ଭାଗିଦାରିତା ପୂର୍ବ ଭଳି କମ୍ ରହିଆସିଛି । ଯେଉଁସବୁ ଶ୍ରମ ସ୍ୱଳ୍ପ-କୁଶଳତା ସହ ସମ୍ପାଦିତ ହୋଇଥାଏ, ଯେଉଁସବୁ ଶ୍ରମରେ ସ୍ୱଳ୍ପ-ମଜୁରି ମିଳିଥାଏ, ଯେଉଁସବୁ ଶ୍ରମ ଅନିୟମିତ, ସାମୟିକ ଏବଂ ଅଂଶକାଳୀନ ସେଥିରେ ମହିଳାମାନେ ବ୍ୟାପକ ସଂଖ୍ୟାରେ ନିୟୋଜିତ ଥିବା ଦେଖିବାକୁ ମିଳିଥାଏ; ଏହାଛଡା ଗୃହକାର୍ଯ୍ୟରେ ମଧ୍ୟ ବ୍ୟାପକ ସଂଖ୍ୟକ ମହିଳା ନିୟୋଜିତ ହୋଇଥାନ୍ତି ।

୮. ନିଯୁକ୍ତି ଓ ପ୍ରଶିକ୍ଷଣର ସୁଯୋଗ, ସମାନ ମୂଲ୍ୟ ବା ସମାନ ଧରଣର କାର୍ଯ୍ୟ ପାଇଁ ସମାନ ପାରିଶ୍ରମିକ ହାସଲ ତଥା ସାମାଜିକ ସୁରକ୍ଷା ପାଇଁ ଅଧିକାରକୁ ସମତାପୂର୍ଣ୍ଣ ରୀତିରେ ହାସଲ କରିବା କ୍ଷେତ୍ରରେ ବୟସ୍କ ମହିଳାମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ।

୯. ସାମାଜିକ ବୀମା ରୂପରେ ସାମାଜିକ ନିରାପତ୍ତା ଉପଲବ୍ଧ ହେବାର ପ୍ରଶ୍ନ କର୍ମକୁଶଳତା, ନିଯୁକ୍ତିଶୀଳତା ଏବଂ ମଜୁରି ସହ ଓତଃପ୍ରୋତ ଭାବେ ଜଡିତ । ଯଦି କର୍ମକୁଶଳତା ନିମ୍ନସ୍ତରର ହୋଇଥାଏ, ତେବେ ସଂପୃକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି ମିଳିବାର ସମ୍ଭାବନା ମଧ୍ୟ କମ୍ ହୋଇଥାଏ ଏବଂ ତଦନୁସାରେ ତାଙ୍କୁ ଯେଉଁ ମଜୁରି-ଶ୍ରମ ମିଳିବ ତହିଁର ମଜୁରି ମଧ୍ୟ କମ୍ ହେବ । ଏଭଳି ସ୍ଥିତିରେ ତାଙ୍କର ମଜୁରିରୁ ଭବିଷ୍ୟନିଧି ବା ସ୍ୱାସ୍ଥ୍ୟ ବୀମା ବାବଦକୁ ବିଧି-ଘୋଷିତ ହାରରେ ଜମା-ଅଂଶ କାଟି ରଖିବା ଏକ ଅତୀବ ଜଟିଳ ସମସ୍ୟା ରୂପେ ଦେଖାଦେଇଥାଏ । ମଜୁରିରୁ ଏଭଳି ଏକାଂଶ ଅର୍ଥରାଶି କାଟି ରଖିବାର ଅର୍ଥ ହେଉଛି ବସ୍ତୁତଃ ସଞ୍ଚୟ ବା ତ୍ୟାଗ କରିବା ପାଇଁ ସଂପୃକ୍ତ ବ୍ୟକ୍ତିଙ୍କୁ ବାଧ୍ୟ କରିବା । ତାତ୍ତ୍ୱିକ

ଦୃଷ୍ଟିରୁ ହୁଏତ ମନେ ହୋଇପାରେ, ଭବିଷ୍ୟନିଧି ଯୋଜନାର ଜଣେ ଗ୍ରାହକ ଭାବେ ସଂପୃକ୍ତ ଶ୍ରମିକ ଭବିଷ୍ୟତ ପାଇଁ ସଂଚୟ କରିଚାଲିଛି, କିନ୍ତୁ ଏହା ଫଳରେ ତାଙ୍କର ବ୍ୟକ୍ତିଗତ ଏବଂ ପାରିବାରିକ ପ୍ରୟୋଜନସମୂହ ପାଇଁ ଯେତିକି ଅପରିହାର୍ଯ୍ୟ ସର୍ବନିମ୍ନ ଅର୍ଥରାଶି ଆବଶ୍ୟକ, ସେଥିରୁ ସେମାନଙ୍କୁ ବଂଚିତ କଲାଭଳି ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇପାରେ ।

ଓଡ଼ିଶା ପାଇଁ ଭାରତର ସାମାଜିକ ସୁରକ୍ଷା ସଂଗଠନର ଏକ ରାଜ୍ୟ ଶାଖା ଖୋଲାଯିବା ଘଟଣା ଦେଶରେ ସାମାଜିକ ସୁରକ୍ଷା କ୍ଷେତ୍ରରେ ଗୃହୀତ ହୋଇଥିବା ବିଭିନ୍ନ ସକରାତ୍ମକ ଓ ଗଠନମୂଳକ ଉଦ୍ୟମଗୁଡିକ ଭିତରୁ ଅନ୍ୟତମ ଏବଂ ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ରାଜ୍ୟ ଶାଖା ଉନ୍ମୋଚିତ ହେବା ପୂର୍ବରୁ ନିକଟ ଅତୀତରେ ନିଆଯାଇଥିବା କେତେକ ପଦକ୍ଷେପ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ଏବଂ ସେଗୁଡିକ ବିଷୟରେ ଏଠାରେ ସଂକ୍ଷିପ୍ତ ଅବତାରଣା କରିବା ଆବଶ୍ୟକ । ସେଗୁଡିକ ହେଲା–

୧. ଗୃହକାର୍ଯ୍ୟ କନଭେନସନ୍ ୧୯୯୬କୁ ଅନୁମୋଦନ (ନଂ. ୧୭୭) ଗୃହକାର୍ଯ୍ୟ ସଂବନ୍ଧିତ ସୁପାରିସ୍‌ର ଅନୁମୋଦନ, ୧୯୯୬ (ନଂ. ୧୮୪) ।

୨. ଜନନୀ ସୁରକ୍ଷା କନଭେନସନ୍, ୨୦୦୦ର ଅନୁମୋଦନ (ନଂ. ୧୮୩) ମାତୃତ୍ୱ ସଂବନ୍ଧିତ ସୁପାରିସ୍ ୨୦୦୦ର ଅନୁମୋଦନ (ନଂ. ୧୯୧) ।

୩. ମାନବ ସମ୍ବଳ ପ୍ରଶିକ୍ଷଣ ଓ ବିକାଶ: ବୈଷୟିକ ମାର୍ଗଦର୍ଶନ ଏବଂ ପ୍ରଶିକ୍ଷଣ ଉପରେ ଜେନେଭାଠାରେ ଜୁନ୍ ୨୦୦୦ରେ ଅନୁଷ୍ଠିତ ଆଇ.ଏଲ୍.ସି. (ଆନ୍ତର୍ଜାତିକ ଶ୍ରମ ସମ୍ମିଳନୀ) କମିଟିର ରିପୋର୍ଟ ।

୪. ସାମାଜିକ ସୁରକ୍ଷା– ସମସ୍ୟାବଳୀ, ଆହ୍ୱାନ୍‌ସମୂହ ଏବଂ ସମ୍ଭାବନାସମୂହ ଉପରେ ଜୁନ୍ ୨୦୦୧ରେ ଜେନେଭାଠାରେ ଅନୁଷ୍ଠିତ କମିଟିର ୮୯ତମ ଅଧିବେଶନର ରିପୋର୍ଟ ।

୫. କୃଷିରେ ନିରାପତ୍ତା ଏବଂ ସ୍ୱାସ୍ଥ୍ୟ କନଭେନ୍‌ସନ୍, ୨୦୦୧ର ଅନୁମୋଦନ (ନଂ. ୧୮୪) ।

ଉପରୋକ୍ତ ବିନ୍ଦୁ ୨ ଏବଂ ୫ରେ ଯାହା ଉଲ୍ଲେଖିତ, ତାହା ପୁରାତନ ସହମତି ଏବଂ ସୁପାରିସ୍‌ର ସଂଶୋଧିତ ସଂସ୍କରଣ, କିନ୍ତୁ ବିନ୍ଦୁ-୧ରେ ଉଲ୍ଲେଖିତ ବ୍ୟବସ୍ଥା ନୂତନ ଓ ଭିନ୍ନ ପ୍ରକାରର ଅଟେ । ପୃଥିବୀର ୧୦୦ କୋଟିରୁ ଅଧିକ ଗୃହଶ୍ରମିକ, ଯେଉଁମାନଙ୍କ ପାଇଁ ବହୁକାଳ ଧରି ସାମାଜିକ ସୁରକ୍ଷାର ଆବଶ୍ୟକତା ଅନୁଭୂତ ହୋଇଆସୁଥିଲା, ସେମାନଙ୍କ

ପାଇଁ ଏହି ନୂତନ ବ୍ୟବସ୍ଥା ଅତ୍ୟନ୍ତ ଉପଯୋଗୀ ହେବ ।

ଠିକ୍ ଦଶବର୍ଷ ତଳେ ଜୁନ୍ ୧୯୯୩ରେ ଅନୁଷ୍ଠିତ ୮୦ତମ ଅଧିବେଶନରେ ଆଇ.ଏଲ୍.ଓ.ର ମହା ନିର୍ଦ୍ଦେଶକ ନିଜର 'ସାମାଜିକ ବୀମା ଓ ସାମାଜିକ ସୁରକ୍ଷା' ଶୀର୍ଷକ ରିପୋର୍ଟରେ ଦର୍ଶାଇଥିଲେ ଯେ, ସାମାଜିକ ସୁରକ୍ଷା ଏକାଧାରରେ ଏକ ଚିନ୍ତନ ଏବଂ ବ୍ୟବସ୍ଥା ମଧ୍ୟ । ଉକ୍ତ ଅଧିବେଶନର ଚର୍ଚ୍ଚା ଭିତରେ ବିକାଶଶୀଳ ଦେଶମାନଙ୍କରେ ସାମାଜିକ ସୁରକ୍ଷାର ଦୟନୀୟ ଦୃଶ୍ୟପଟର ସତ୍ୟତା ପୁଣି ଥରେ ସାବ୍ୟସ୍ତ ହୋଇପାରିଥିଲା । ୧୯୫୨ରେ ସାମାଜିକ ସୁରକ୍ଷା (ସର୍ବନିମ୍ନ ମାନଦଣ୍ଡ) କନଭେନସନ୍ ଅନୁମୋଦନ ଲାଭ କରିଥିଲା; ସେବେଠାରୁ ବର୍ତ୍ତମାନ ଭିତରେ ଅବାରିତ ସଂଗ୍ରାମ ଜାରି ରହିଛି, ଯାହାର ଉଦ୍ଦେଶ୍ୟ ହେଉଛି ସେହିସବୁ ବହୁ ସଂଖ୍ୟାରେ ଦୁଃଖୀ ଲୋକମାନଙ୍କ ମୁହଁରେ ହସ ଫୁଟାଇବା, ଯେଉଁମାନଙ୍କ ଭିତରେ ଅଛନ୍ତି ବୃଦ୍ଧ, ବିକଳାଙ୍ଗ, ପଙ୍ଗୁ, ବିଧବା, ବିପତ୍ନୀକ, ନିଃସହାୟ ତଥା ସେହିସବୁ ଲୋକ ଯେଉଁମାନେ କି ବିଭିନ୍ନ ପେଷାଜନିତ ବ୍ୟାଧି ବା ଦୁର୍ଘଟଣାର ଶୀକାର ହୋଇଛନ୍ତି ନଚେତ୍ ଏଭଳି ବ୍ୟକ୍ତିମାନଙ୍କ ଉପରେ ନିର୍ଭରଶୀଳ । ଯେଉଁମାନେ ସାମାଜିକ ସୁରକ୍ଷା ହାସଲ କରିବା ପାଇଁ ହକ୍‌ଦାର, ସେମାନଙ୍କୁ ଏହାର ପରିସରଭୁକ୍ତ କରିବା, ସେମାନଙ୍କ ପାଇଁ ଉଦ୍ଦିଷ୍ଟ ସେବାସମୂହକୁ ସମୟୋଚିତ ଢଙ୍ଗରେ ଏବଂ ଗୁଣାତ୍ମକତା ସହିତ ଯୋଗାଇଦେବା ତଥା ସେମାନଙ୍କୁ ସମାନତା ଓ ସମତା ଭିତ୍ତିରେ ବିଚାର କରିବା ପାଇଁ ଚାଲିଆସୁଥିବା ସଂଗ୍ରାମ ଏବେ ବି ତା'ର ନ୍ୟାଯ୍ୟ ଲକ୍ଷ୍ୟଠାରୁ ବହୁତ ଦୂରରେ ଅଛି । ଯେ ପର୍ଯ୍ୟନ୍ତ ଈପ୍‌ସିତ ଲକ୍ଷ୍ୟ ହାସଲ ହୋଇପାରିନି ସେପର୍ଯ୍ୟନ୍ତ ଏହି ସଂଗ୍ରାମ ନିଶ୍ଚିତ ରୂପେ ଚାଲୁ ରହିବ । ଈପ୍‌ସିତ ଲକ୍ଷ୍ୟ ଏବଂ ଉପସ୍ଥିତ ବାସ୍ତବତା ଭିତରେ ଥିବା ଏହି ବିଶାଳ ବ୍ୟବଧାନ ପରିପ୍ରେକ୍ଷୀରେ ଭାରତର ସାମାଜିକ ସୁରକ୍ଷା ସଂଗଠନର ଓଡିଶା ରାଜ୍ୟ ଶାଖାଠାରୁ ଆମେ କି ଭୂମିକା ଆଶା କରିପାରିବା ? ଓଡିଶା ହେଉଛି ଏକ ଧନୀ ରାଜ୍ୟ କିନ୍ତୁ ଏହାର ଲୋକେ ଗରିବ, ଯେଉଁମାନେ କି ଅଭିବୃଦ୍ଧି ଇତିହାସରେ ନିଜପାଇଁ ଏକ ଉପଯୁକ୍ତ ସ୍ଥାନ ବାଛିବା ଓ ହାସଲ କରିବା ପାଇଁ ଅନବରତ ସଂଗ୍ରାମରତ ଅଛନ୍ତି; ଓଡିଶାର ବିଚିତ୍ର ଏବଂ ଜଟିଳ ପ୍ରୟୋଜନଗୁଡିକ ଉପରେ ମୁଁ ଗଭୀର ମନୋନିବେଶ କରିବା ପରେ ଏହାର ସଦ୍ୟ-ପ୍ରତିଷ୍ଠିତ ରାଜ୍ୟଶାଖାର ବିଚାରାର୍ଥେ କେତେକ ଅଗ୍ରାଧିକାର କ୍ଷେତ୍ର ଚିହ୍ନଟ କରିଛି । ଏଗୁଡିକ କେବଳ ଦୃଷ୍ଟାନ୍ତଯୋଗ୍ୟ ଏବଂ ଏହିଭଳି ଅଧିକ ଅଗ୍ରାଧିକାର କ୍ଷେତ୍ର ଚିହ୍ନଟ କରାଯାଇ ତାଲିକାଭୁକ୍ତ କରାଯାଇପାରେ । ସାଂପ୍ରତିକ ପରିସ୍ଥିତିରେ ମୋ ଦ୍ୱାରା ଚିହ୍ନିତ ହୋଇଥିବା ଅଗ୍ରାଧିକାର କ୍ଷେତ୍ରଗୁଡିକ ହେଲା-

୧. ବୟସ୍କ, ଅକ୍ଷମ ଏବଂ ଦୁର୍ଘଟଣା ଦାଉରୁ ବର୍ତ୍ତି ଯାଇଥିବା ଜୀବିତ ବ୍ୟକ୍ତିଗଣ

୨. ସମସ୍ତ ପ୍ରକାର ଶିଶୁଶ୍ରମର ନିରାକରଣ

୩. ଯୁବଗୋଷ୍ଠୀଙ୍କ ପାଇଁ ବୈଷୟିକ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ

୪. ଶିଳ୍ପ ଓ ଖଣିର ଦୁର୍ଘଟଣାଗୁଡିକର ନିବାରଣ

୫. ଖାଦ୍ୟ ନିରାପତ୍ତା

୬. ପରିବେଶଗତ ନିରାପତ୍ତା

୭. ସାମାଜିକ ସୁରକ୍ଷା କ୍ଷେତ୍ରରେ ଲିଙ୍ଗୀୟ ସମାନତାକୁ ପ୍ରୋତ୍ସାହନ

୮. ଅର୍ଥବ୍ୟବସ୍ଥାର ଅସଂଗଠିତ କ୍ଷେତ୍ରରେ ସାମାଜିକ ସୁରକ୍ଷା ଉପରେ ନିର୍ଭୁଲ୍ ଏବଂ ସଦ୍ୟତନ ତଥ୍ୟଭଣ୍ଡାର ଗଢିତୋଳିବା

ଉପରୋକ୍ତ ଅଗ୍ରାଧିକାର କ୍ଷେତ୍ରଗୁଡିକ ଭିତରୁ ପ୍ରତ୍ୟେକ କ୍ଷେତ୍ର ସଂବନ୍ଧରେ ବିଶଦ୍ ଅବତରାଣା ନିମ୍ନରେ ଦିଆଯାଉଛି–

**୧. ବୟସ୍କ, ଅକ୍ଷମ ଏବଂ ଦୁର୍ଘଟଣା ଦାଉରୁ ବଂଚିଯାଇଥିବା ଜୀବିତ ବ୍ୟକ୍ତିଗଣ :** ଜଣେ ପୁରୁଷ ବା ନାରୀର ଜୀବନଚକ୍ରରେ ଶୈଶବ, ଯୁବାବସ୍ଥା ଏବଂ ସାବାଳକତ୍ୱ ଭଳି ବୃଦ୍ଧାବସ୍ଥା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଏହା ଅବଶ୍ୟମ୍ଭାବୀ । ପ୍ରତି ବ୍ୟକ୍ତି ଆଜି ନଚେତ୍ କାଲି ଏହି ପର୍ଯ୍ୟାୟରେ ପହଞ୍ଚିବେ । କିନ୍ତୁ ଏକଥା ସ୍ୱୀକାର କରିବାକୁ ପଡିବ ଯେ, ଅନେକ ଗୁଡିଏ କାରଣରୁ ବୃଦ୍ଧାବସ୍ଥା ପୀଡାଦାୟକ । ଏହି ପୀଡା ଉଭୟ ଶାରିରୀକ ଓ ମାନସିକ । ବୃଦ୍ଧବୃଦ୍ଧାମାନଙ୍କର ଚଳପ୍ରଚଳ ସୀମିତ ହୋଇପଡେ; ଶାରିରୀକ ବ୍ୟାଧି କାରଣରୁ ସେମାନଙ୍କୁ ଗୃହଭିତରେ ଆବଦ୍ଧ ରହିବାକୁ ପଡେ ଏବଂ ତାହା ଫଳରେ ସେମାନଙ୍କ ଜୀବନରେ ନିସଙ୍ଗତାର ଅନୁଭବ ଆସେ । ଅତୀତରେ ବୟସ୍କ, ଅକ୍ଷମ ଏବଂ ଦୁର୍ଘଟଣା କବଳରୁ ବର୍ତ୍ତି ଯାଇଥିବା ବ୍ୟକ୍ତିମାନଙ୍କ ପାଇଁ ରୋଜଗାରର ନିରାପତ୍ତା ସହିତ ସେମାନଙ୍କର ସୁରକ୍ଷା ପରିବାର ସୂତ୍ରରୁ ଉପଲବ୍ଧ ହେଉଥିଲା । ଏବେ ପରିବାରଗୁଡିକ ବିଘଟିତ ହୋଇ ଅଣୁ–ରୂପ ଗ୍ରହଣ କରିଥିବାରୁ ପୂର୍ବେ ଯେଉଁ କୌଟିମ୍ବିକ କାରଣରୁ ପରିବାରର ସଭ୍ୟମାନେ ପରସ୍ପର ସହିତ ନିବିଡ ସଂପର୍କରେ ବାନ୍ଧି ହୋଇ ଏକତ୍ର ବାସ କରୁଥିଲେ ତାହା ଦୁର୍ବଳ ହୋଇପଡିଛି ଏବଂ ତାହା ଫଳରେ ସାହାଯ୍ୟ–ସହଯୋଗ ମଧ୍ୟ କ୍ୱଚିତ୍ ମିଳିପାରୁଛି । ଏହାଛଡା କୃତଜ୍ଞତା ଏବଂ ପାରସ୍ପରିକତା ଭଳି ଗୁରୁତ୍ୱପୂର୍ଣ୍ଣ ମାନବୀୟ ମୂଲ୍ୟବୋଧଗୁଡିକ ମଧ୍ୟ ବିସ୍ମୃତ ହେବାକୁ ବସିଛି । ଆଜି ଅବାରିତ ଧନପୂଜା ଫଳରେ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ଉପେକ୍ଷିତ ହୋଇପଡିଛି । ଆଜି ଜୀବନର ରୁଗ୍ଣ, ତ୍ୱରିତ ଏବଂ ବହୁଧା–ବିଭକ୍ତ ଲକ୍ଷ୍ୟସମୂହ ମଣିଷର ସୂକ୍ଷ୍ମାନୁଭୂତି ଏବଂ ସଂବେଦନଶୀଳତାକୁ ପଦଦଳନ କରିଚାଲିଛି । ଯୁବ ଦମ୍ପତ୍ତିମାନେ

ବୟସ୍କ ପିତାମାତା ତଥା ପରିବାରର ବୟସ୍କ ସଭ୍ୟସଭ୍ୟାଙ୍କ ପ୍ରତି ସାଧାରଣତଃ ଧୈର୍ଯ୍ୟହୀନ, ଅସ୍ଥିର ଏବଂ ବେପରୁଆ ମନୋଭାବ ପ୍ରଦର୍ଶନ କରୁଛନ୍ତି ।

ସୁତରାଂ ବର୍ତ୍ତମାନ ପାରମ୍ପରିକ ପରିବାର ବ୍ୟବସ୍ଥାଗୁଡିକୁ ବିକଳ୍ପ ଯୌଥ ଏବଂ ସାମାଜିକ ସହାୟତା ବ୍ୟବସ୍ଥାମାନ ସହିତ ଯୋଡିବାର ଏକ ଜରୁରୀ ଏବଂ ଅପରିହାର୍ଯ୍ୟ ଆବଶ୍ୟକତା ଦେଖାଦେଇଛି ଏବଂ ଆବଶ୍ୟକ ମତେ ଏଥିପାଇଁ ଆଇନ୍ ପ୍ରଣୟନ କରିବାର ଆବଶ୍ୟକତା ରହିଛି । ଯେପରି ଦିଲ୍ଲୀର ହେଲ୍ପ୍ ଏଜ୍ ଇଣ୍ଡିଆ ଏବଂ ଅନ୍ୟ କେତୋଟି ସ୍ୱୟଂସେବୀ ସଂସ୍ଥା ଜରାନିବାସମାନ ପରିଚାଳନା କରୁଛନ୍ତି, ସେହିପରି ଓଡିଶା ରାଜ୍ୟ ଶାଖା ଉପଯୁକ୍ତ ସହାୟତା ବ୍ୟବସ୍ଥାର ନିର୍ମାଣ ଦିଗରେ ପ୍ରୟାସ କରିବା ଉଚିତ୍ । ଅକ୍ଷମତା ଦୁଇ ଧରଣର, ଜନ୍ମଜାତ ଏବଂ ଦୁର୍ଘଟଣା ଜନିତ । ଅକ୍ଷମତାର ଏହି ମୌଳିକ ପ୍ରକାରଭେଦ ଥିବା ସତ୍ତ୍ୱେ ତଥା ଏହାର କାରଣ ଯାହା ହୋଇଥାଉନା କାହିଁକି, ଶାରିରୀକ, ଅସ୍ଥିଗତ ଏବଂ ଦୃଷ୍ଟିଶକ୍ତି ସଂବନ୍ଧିତ ଅକ୍ଷମତା ଭୋଗୁଥିବା ଲୋକମାନଙ୍କୁ ସାମାଜିକ ସୁରକ୍ଷା ଓ ପ୍ରଯତ୍ନ ଯୋଗାଇ ଦେବାର ଆବଶ୍ୟକତା ରହିଛି । ସେମାନଙ୍କ ଭିତରୁ ଅନେକ ବ୍ୟକ୍ତି ବୁଦ୍ଧିମତ୍ତା ଓ ପ୍ରଖର ବିଚକ୍ଷଣତାର ଅଧିକାରୀ; ସୃଜନଶୀଳତା ପାଇଁ ସେମାନଙ୍କର ଏକ ସ୍ୱାଭାବିକ ପ୍ରବୃତି (ଉନ୍ନ ପ୍ରତିଭା) ଥାଏ; ଯଦି ସେମାନଙ୍କୁ ପ୍ରୋତ୍ସାହନ ଓ ସହାୟତାର ବାତାବରଣ ମିଳେ, ତେବେ ସମାଜରେ ସେମାନଙ୍କୁ ମଧ୍ୟ ଉପଯୁକ୍ତ ମର୍ଯ୍ୟାଦାର ସ୍ଥାନ ମିଳିପାରେ । ଅକ୍ଷମ ବ୍ୟକ୍ତିମାନଙ୍କର ଶାରିରୀକ, ସାମାଜିକ ଏବଂ ଆର୍ଥିକ ଥଇଥାନ କାର୍ଯ୍ୟକ୍ରମରେ ବର୍ତ୍ତମାନ ବହୁ ସଂଖ୍ୟକ ସ୍ୱୟଂସେବୀ ସଂସ୍ଥା (୩୦୦ରୁ ଉର୍ଦ୍ଧ୍ୱ) ନିୟୋଜିତ ଅଛନ୍ତି । ସେମାନଙ୍କ ଭିତରୁ ଅନେକ ସ୍ୱୟଂସେବୀ ସଂସ୍ଥା ପଥ-ପ୍ରଦର୍ଶକର ଭୂମିକା ଅବଲମ୍ବନ କରିପାରିଛନ୍ତି; ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ମାନଦଣ୍ଡ ଅନ୍ୟମାନଙ୍କ ପାଇଁ ଅନୁସରଣୀୟ ଦୃଷ୍ଟାନ୍ତ ହୋଇପଡିଛି ।

ଓଡିଶା ରାଜ୍ୟ ଶାଖା ଏହିସବୁ ସ୍ୱୟଂସେବୀ ସଂସ୍ଥା ମାନଙ୍କ ଦ୍ୱାରା ସଂପାଦିତ କାର୍ଯ୍ୟାବଳୀ ବିଷୟରେ ନିଜକୁ ଅବହିତ କରାଇବା ଆବଶ୍ୟକ, ତଥା ଅକ୍ଷମତା ପ୍ରସଙ୍ଗରେ ବର୍ତ୍ତମାନ ରାଜ୍ୟର ସାମଗ୍ରୀକ ଦୃଶ୍ୟପଟ ଓ ବିଶେଷକରି ଏହି ସମସ୍ୟାକୁ ବଞ୍ଚାଇ ରଖିଥିବା କାରଣଗୁଡିକୁ ଅଧ୍ୟୟନ କରିବା, ଓ ଅଭାବଗୁଡିକୁ ଚିହ୍ନଟ କରିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂପୃକ୍ତ ସଂସ୍ଥାମାନଙ୍କୁ ଅବଶିଷ୍ଟ ଅକ୍ଷମ ବ୍ୟକ୍ତିମାନଙ୍କୁ ସଂପୂର୍ଣ୍ଣ ଥଇଥାନ ପାଇଁ ଆବଶ୍ୟକ ହେଉଥିବା ଯଥୋଚିତ ପଦକ୍ଷେପ ଗ୍ରହଣ ପାଇଁ ସୁପାରିସ୍ କରିବା ଉଚିତ୍ । ସଂସ୍ଥା-ନିର୍ମାଣ ଓ ସମ୍ବଳ ଯୋଗାଡ କ୍ଷେତ୍ରରେ ରାଜ୍ୟ ନିଜେ ଅଗ୍ରଗତି ଲାଭ କରିବା ପରେ ଅକ୍ଷମ ବ୍ୟକ୍ତିମାନଙ୍କର ଥଇଥାନ ଉଦ୍ଦେଶ୍ୟରେ ଏକ ଉପଯୁକ୍ତ ସ୍ଥାନ ବାଛି ସେଠାରେ ଏକ ଆଦର୍ଶ ଥଇଥାନ ଗୃହ ପ୍ରତିଷ୍ଠା କରିପାରନ୍ତି । ତିନି ଶ୍ରେଣୀର ନିସହାୟ ଗୋଷ୍ଠୀ (ବୃଦ୍ଧବୃଦ୍ଧା, ଅକ୍ଷମ

ଓ ଦୁର୍ଘଟଣାରୁ ବର୍ତ୍ତିଥିବା ବ୍ୟକ୍ତି)ଙ୍କ ଭିତରୁ ତୃତୀୟ ଶ୍ରେଣୀର ଲୋକମାନଙ୍କ ପ୍ରୟୋଜନସମୂହ ସବୁଠୁଁ ଜରୁରୀ ଏବଂ ସେଗୁଡ଼ିକର ପରିପୂରଣ ପାଇଁ ତୁରନ୍ତ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଗୋଟିଏ ପରିବାରରେ ଏଭଳି ଲୋକମାନେ ବେଶୀ ସଂଖ୍ୟାରେ ଥାଇପାରନ୍ତି, ଯେଉଁମାନେ କି ହୋଇଥିବେ ଅନାଥ,  ନିସଙ୍ଗ, ବିଧବା ବା ବିପତ୍ନୀକ ଏବଂ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା ବ୍ୟକ୍ତି ଏବଂ ସେହି ପରିବାରର ଅନ୍ୟ ସଭ୍ୟ/ସଭ୍ୟା ମାନେ ବିଭିନ୍ନ ବିପର୍ଯ୍ୟୟ କାରଣରୁ ଅକାଳ ମୃତ୍ୟୁବରଣ କରିସାରିଛନ୍ତି; ସେହି ବିପର୍ଯ୍ୟୟଗୁଡ଼ିକ ହୋଇପାରେ ଯୁଦ୍ଧ, ସଶସ୍ତ୍ର ବିଦ୍ରୋହ, ସନ୍ତ୍ରାସବାଦୀ ହିଂସା, ସାଂପ୍ରଦାୟିକ ଦଙ୍ଗା, ବନ୍ୟା, ବାତ୍ୟା, ମହାବାତ୍ୟା, ଭୂମିକମ୍ପ ବା ଏହିଭଳି ଆଉ କୌଣସି ବିଭୀଷିକା । ଏକଥା ସତ, ଏହିସବୁ ବ୍ୟକ୍ତିମାନଙ୍କୁ ଶାରିରୀକ ଓ ଆର୍ଥିକ ଦୃଷ୍ଟିରୁ ଥଇଥାନ କରିବା ହେଉଛି ସବୁଠୁଁ ଜରୁରୀ ପ୍ରୟୋଜନ, କିନ୍ତୁ ଏହାକୁ ବାଦ୍ ଦେଲେ ଥଇଥାନ ପ୍ରକ୍ରିୟାକୁ କାର୍ଯ୍ୟରୂପ ଦେବା କ୍ଷେତ୍ରରେ ଯାହା ହେଉଛି ଅତୀବ ଗୁରୁତ୍ୱପୂର୍ଣ୍ଣ, ତାହା ହେଲା ଏକ ମାନବୀୟ ସ୍ପର୍ଶ, ଦୟାଭାବ, ଅନୁକମ୍ପା ଏବଂ ସହାନୁଭୂତି । ଥଇଥାନ ପାଇଁ ସରକାରଙ୍କର ନିର୍ଦ୍ଦିଷ୍ଟ ସ୍କିମ୍‌ମାନ କାର୍ଯ୍ୟକାରୀ ହେଉଛି, କିନ୍ତୁ ଉପରୋକ୍ତ ବିପର୍ଯ୍ୟୟଗୁଡ଼ିକ ଦ୍ୱାରା ପୀଡ଼ିତ ବ୍ୟକ୍ତିଗଣ, ଯେଉଁମାନେ କି ସବୁଠୁଁ ବେଶୀ ସହାୟତା ଓ ଭରସା ଲୋଡ଼ିଥା'ନ୍ତି, ସେମାନଙ୍କୁ ତାହା ପ୍ରଦାନ କରିବା କ୍ଷେତ୍ରରେ ଏନ୍.ଜି.ଓ. ସମୂହ (ରାଜ୍ୟ ଶାଖା ଭଳି) ସରକାରୀ ପ୍ରୟାସଗୁଡ଼ିକର ପରିପୂରକ ଓ ଅନୁପୂରକ ଭାବେ ନିଜର ଭୂମିକା ଅବଲମ୍ବନ କରିପାରିବେ ।

**୨. ଶିଶୁଶ୍ରମ ନିରାକରଣ :** ଅଗ୍ରାଧିକାର ଦୃଷ୍ଟିରୁ ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ, ଯାହା ଉପରେ ରାଜ୍ୟ ସରକାର ନିଜର ଧ୍ୟାନ ନିବଦ୍ଧ କରିବା ଆବଶ୍ୟକ, ତାହା ହେଲା, ଓଡ଼ିଶା ରାଜ୍ୟରେ ସମସ୍ତ ପ୍ରକାର କର୍ମନିଯୁକ୍ତି କ୍ଷେତ୍ରରେ ଓ ବିଶେଷ କରି  ବିପଜ୍ଜନକ କାର୍ଯ୍ୟଗୁଡ଼ିକରେ ଶିଶୁଶ୍ରମର ନିୟୋଜନକୁ ନିରାକରଣ କରିବା । ଯେଉଁସବୁ କ୍ଷେତ୍ରରେ ଶିଶୁଶ୍ରମକୁ ନିବାରଣ କରିବା ଜରୁରୀ, ସେଗୁଡ଼ିକ ହେଲା–

(କ) ବିଡ଼ିବୋଳିବା, ଲେବୁଲ୍ ଲଗାଇବା ଏବଂ ପ୍ୟାକିଂ କରିବା

(ଖ) ଚମଡ଼ା ଉତାରିବା ଏବଂ ଶୁଖାଇବା

(ଗ) ଅଟୋମୋବାଇଲ୍ ଯତ୍ନ ଓ ମରାମତି ପାଇଁ ଉଦ୍ଦିଷ୍ଟ ଗ୍ୟାରେଜ୍‌ରେ ଶ୍ରମ

(ଘ) ବାଉଁଶ ଜଙ୍ଗଲରେ ବାଉଁଶ କାଟିବା ଏବଂ ଏକତ୍ରୀତ କରିବା

(ଙ) କେନ୍ଦୁ ପତ୍ର ଏବଂ ଶାଳ ମଞ୍ଜି ଭଳି ଲଘୁ ବନଜାତ ସାମଗ୍ରୀ ସଂଗ୍ରହ

(ଚ) ନିର୍ମାଣ କାର୍ଯ୍ୟ

(ଛ) ଖଣିକାର୍ଯ୍ୟ

(ଜ) ରାସ୍ତାପାର୍ଶ୍ୱ ଢାବା ଏବଂ ଭୋଜନାଳୟରେ କାର୍ଯ୍ୟ

ଜଣେ ଶିଶୁ ଶ୍ରମରେ ନିୟୋଜିତ ହେବା ଅର୍ଥ ଶିକ୍ଷାରୁ ବଂଚିତ ରହିବା । ସେହି ନ୍ୟାୟରେ ଶିଶୁଶ୍ରମର ନିରାକରଣ ଏବଂ ମାଗଣା, ବାଧ୍ୟତାମୂଳକ ଏବଂ ସାର୍ବଜନୀନ ମୌଳିକ ଶିକ୍ଷା ହେଉଛି ସମାର୍ଥ-ବୋଧକ, ଏବଂ ଏହି ଦୁଇଟି ଲକ୍ଷ୍ୟ ଏକାବେଳେ ହିଁ ସାଧିତ ହେବା ଉଚିତ୍ । ଶିଶୁଶ୍ରମ ନିରାକରଣର ଅର୍ଥ, (୧) ସମସ୍ତ ପିଲାଙ୍କୁ ଶ୍ରମକ୍ଷେତ୍ରରୁ ମୁକ୍ତ କରିବା, (୨) ଏଭଳି ଏକ ଶିକ୍ଷଣ ପ୍ରକ୍ରିୟା ପ୍ରବର୍ତ୍ତନ କରିବା ଯାହାକି ଆନନ୍ଦପ୍ରଦ, ଉତ୍ସାହପ୍ରଦ, ପ୍ରାସଙ୍ଗିକ ତଥା ଅର୍ଥପୂର୍ଣ୍ଣ ହୋଇଥିବ ତଥା ଏପ୍ରକାର ଶିକ୍ଷଣ ପ୍ରକ୍ରିୟାରେ ପିଲାମାନଙ୍କ ପ୍ରବେଶ, ଲଗାତାର ଉପସ୍ଥିତି ଓ ଅଂଶଗ୍ରହଣ ପାଇଁ ବିବିଧ ପନ୍ଥା, ସୁବିଧା ଓ ସୁଯୋଗସମୂହ ସୃଷ୍ଟି କରିବା । ରାଜ୍ୟରେ ସମସ୍ତ ପ୍ରକାର ଶିଶୁଶ୍ରମର ନିରାକରଣ ପାଇଁ ରାଜ୍ୟ ଶାଖା ନିମ୍ନୋକ୍ତ ପ୍ରୟାସମାନ ଗ୍ରହଣ କରିପାରନ୍ତି (ଏହା ଭିତରେ ଅନ୍ତର୍ଭୁକ୍ତ ରହିବ ବିପଜ୍ଜନକ ଶ୍ରମକ୍ଷେତ୍ର ଗୁଡିକରେ ଶିଶୁଶ୍ରମର ନିରାକରଣ, ଯାହାକୁ ସର୍ବାଧିକ ଅଗ୍ରାଧିକାର ପ୍ରଦାନ କରିବାର ଆବଶ୍ୟକତା ରହିଛି) –

- ପଡୋଶୀ ଆନ୍ଧ୍ରପ୍ରଦେଶର ରଙ୍ଗାରେଡି ଜିଲ୍ଲାରେ **ଏମ୍.ଭି.ଆର୍.** ଫାଉଣ୍ଡେସନ୍ ନାମକ ସ୍ୱୟଂସେବୀ ସଂସ୍ଥା ଦ୍ୱାରା ସମ୍ପାଦିତ ପଦକ୍ଷେପକୁ ଅନୁଧ୍ୟାନ କରିବା ସହିତ ଆପଣେଇବାର ଆବଶ୍ୟକତା ରହିଛି, କାରଣ ସେପରି କରିବା ଦ୍ୱାରା (କ) ପିତାମାତା ଏବଂ ଶିକ୍ଷକମାନଙ୍କୁ ଜଡିତ କରିହେବ ଏବଂ କର୍ମଶାଳାମାନ ଆୟୋଜନ ମାଧ୍ୟମରେ ସେମାନଙ୍କୁ ସୁସଚେତନ ଏବଂ ଅନୁପ୍ରେରିତ କରିହେବ, ଯାହାଫଳରେ କି ସ୍କୁଲ୍ ଯିବା ବୟସର ସମସ୍ତ ପିଲାଙ୍କୁ ସ୍କୁଲ୍‌କୁ ପଠାଇବା ତଥା ଶିକ୍ଷଣ ପ୍ରକ୍ରିୟାକୁ ପ୍ରାସଙ୍ଗିକ ଏବଂ ଅର୍ଥପୂର୍ଣ୍ଣ କରିବା କ୍ଷେତ୍ରରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ଏବଂ ତହିଁର ପରିଣତି ସ୍ୱରୂପ ମଝିରେ ସ୍କୁଲ୍ ଛାଡୁଥିବା ପିଲାମାନଙ୍କ ସଂଖ୍ୟାକୁ ସର୍ବନିମ୍ନ ସ୍ତରକୁ ଆଣିହେବ, (ଖ) ଶ୍ରମକ୍ଷେତ୍ରରୁ ମୁକ୍ତ କରାଯାଉଥିବା ଶିଶୁଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଚାଲୁକରିବା, ଯାହାକି ସେହି ଶିଶୁମାନଙ୍କୁ ଆନୁଷ୍ଠାନିକ ଶିକ୍ଷାକ୍ରମର ସେହି ପର୍ଯ୍ୟାୟରେ ଭର୍ତ୍ତି କରିବା ପାଇଁ ସହାୟକ ହୋଇପାରିବ, ଯାହାକି ସେମାନଙ୍କ ସ୍ତର ଅନୁଯାୟୀ ଉପଯୁକ୍ତ ବିବେଚିତ ମନେ ହେଉଥିବ, (ଗ) ବ୍ୟାବାହାରିକ ସାକ୍ଷରତା ଓ ଗଣନା-କ୍ଷମତା ସହିତ ପିଲାମାନଙ୍କୁ ଶକ୍ତି, ସାହାସ ଏବଂ ଆତ୍ମବିଶ୍ୱାସର ଶିକ୍ଷା ଦେବାକୁ ପଡିବ, ଯାହା ଫଳରେ ସେମାନେ ଭବିଷ୍ୟତ ଜୀବନର ଆହ୍ୱାନ୍‌ଗୁଡିକୁ ମୁକାବିଲା ତଥା ଅତିକ୍ରମ କରିପାରିବେ ।
- ଉପଯୁକ୍ତ ସଫ୍ଟୱେୟାର୍ (ଗଣମାଧ୍ୟମ ଓ ପ୍ରସାରଣ ସେବାସମୂହ) ତଥା ଏକ ବଳିଷ୍ଠ

ଓ ଉତ୍ସର୍ଗୀକୃତ ଯୁବକର୍ମୀ ବାହିନୀ ସାହାଯ୍ୟରେ ଏକ ରାଜ୍ୟବ୍ୟାପୀ ଗଣ ଅଭିଯାନ ଆରମ୍ଭ କରିବାକୁ ପଡିବ, ଯାହାର ଉଦ୍ଦେଶ୍ୟ ହେବ ନିମ୍ନୋକ୍ତ ଆବଶ୍ୟକତାଗୁଡିକ ପ୍ରତି ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିବା, (କ) ଶିକ୍ଷା ହେଉଛି ସମସ୍ତ (୬ରୁ ୧୪ବର୍ଷ) ପିଲାମାନଙ୍କ ପାଇଁ ଏକ ମୌଳିକ ମାନବିକ ଅଧିକାର, (ଖ) ପିଲାମାନଙ୍କୁ ବିଦ୍ୟାଳୟ ପରିବର୍ତ୍ତେ ବିପଜ୍ଜନକ ଶ୍ରମକ୍ଷେତ୍ରକୁ ପଠାଇବାର ଅର୍ଥ ହେଉଛି ସେମାନଙ୍କ ଜୀବନକୁ ପ୍ରାୟତଃ ସମୂଳେ ନଷ୍ଟ କରିବା, (ଗ) ପିଲା ଅବସ୍ଥା ହେଉଛି ଗାଇବା, ନାଚିବା, ଖେଳିବା ଏବଂ ପଢିବାର ସମୟ, ଯାହାକୁ ଥରେ ନଷ୍ଟ ହୋଇଗଲେ ଆଉ ପୁନରୁଦ୍ଧାର କରିବା ସମ୍ଭବ ନୁହେଁ, ଏବଂ (ଘ) ଶିଶୁଶ୍ରମ ହିଁ ଦାରିଦ୍ର୍ୟକୁ ଦୀର୍ଘସ୍ଥାୟୀ କରିଥାଏ, ତେଣୁ ଦାରିଦ୍ର୍ୟର ଆଳ ଦେଖାଇ ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ଶ୍ରମକ୍ଷେତ୍ରକୁ ପଠାଇବା ନୈତିକତା କି ଆଦର୍ଶ ଦୃଷ୍ଟିରୁ କୌଣସି ମତେ ଗ୍ରହଣୀୟ ନୁହେଁ ।

**୩. ବୈଷୟିକ କାର୍ଯ୍ୟକୁଶଳତାର ବୃଦ୍ଧି ପାଇଁ ପ୍ରଶିକ୍ଷଣ:** ରାଜ୍ୟର ଯେଉଁସବୁ ବଛାବଛା କର୍ମକ୍ଷେତ୍ରରେ ନିଯୁକ୍ତି ପରିମାଣ ଏବଂ ଉତ୍ପାଦନଶୀଳତାର ବୃଦ୍ଧିର ସଂଭାବନା ରହିଛି, ତାହା ଉପରେ ବୈଷୟିକ କାର୍ଯ୍ୟକୁଶଳତାର ପ୍ରସାର ପାଇଁ ପ୍ରଶିକ୍ଷଣର ସୁଯୋଗ ସୃଷ୍ଟି କରାଯିବା ଅବଶ୍ୟକ ଏବଂ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯାହା ଉପରେ ରାଜ୍ୟ ଶାଖା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ବର୍ତ୍ତମାନର ଶିଳ୍ପ ତାଲିମ୍ ପ୍ରତିଷ୍ଠାନସମୂହ ଏବଂ ପଲିଟେକ୍‌ନିକ୍‌ଗୁଡିକ ମାଧ୍ୟମରେ ଏଭଳି କେତେକ ବୈଷୟିକ ଦକ୍ଷତା ଉପରେ ପ୍ରଶିକ୍ଷଣ ଦିଆଯାଉଛି, ଯାହାକି ପୁରୁଣାକାଳିଆ ହୋଇପଡିଲାଣି । ବିଶେଷଜ୍ଞଗଣଙ୍କ ସହାୟତା ନେଇ ରାଜ୍ୟଶାଖା ଏଭଳି ଦକ୍ଷତାଗୁଡିକୁ ଚିହ୍ନଟ କରିପାରନ୍ତି ଏବଂ ସେଗୁଡିକ ପରିବର୍ତ୍ତେ ବଜାରର ଚାହିଦା ପ୍ରତି ଅଧିକ ଅନୁକୂଳ ହେଉଥିବା ନୂତନ ବୈଷୟିକ କୌଶଳ ଉପରେ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ପାଇଁ ଜାତୀୟ କାରିଗର ଏବଂ ଶିକ୍ଷାନବୀଶ ପ୍ରଶିକ୍ଷଣ ପରିଷଦଙ୍କୁ ସୁପାରିସ୍ କରିପାରନ୍ତି । ବର୍ତ୍ତମାନ ବେକାର ହୋଇ ବସି ରହିଥିବା ତଥା ନିଯୁକ୍ତି ଅନ୍ୱେଷଣରେ ଥିବା ଶିକ୍ଷିତ ଯୁବ ବେକାର ଗୋଷ୍ଠୀଙ୍କର ଦକ୍ଷତା ସୃଷ୍ଟି ଏବଂ ଅଭିବୃଦ୍ଧି ପାଇଁ ରାଜ୍ୟଶାଖା ପରୀକ୍ଷାମୂଳକ ଭାବେ ଏକ ଆଦର୍ଶ ଆଇ.ଟି.ଆଇ. (ବୈଷୟିକ ଦକ୍ଷତା ପ୍ରଶିକ୍ଷଣ ପାଇଁ ପରିଚାଳିତ ହେଉଥିବା ଡନ୍ ବୋସ୍କୋ ସ୍କୁଲ୍ ରୀତିରେ) ଚାଲୁ କରିବା ଦିଗରେ ଯୋଜନା ପ୍ରସ୍ତୁତ କରିପାରନ୍ତି ।

**୪. ରାଜ୍ୟରେ ଶିଳ୍ପ ଓ ଖଣିକାର୍ଯ୍ୟରେ ଦୁର୍ଘଟଣାର ପ୍ରତିଷେଧ:** ରାଜ୍ୟରେ ପ୍ରତିବର୍ଷ ଶିଳ୍ପ ଓ ଖଣିକାର୍ଯ୍ୟରେ ଦୁର୍ଘଟଣାମାନ ଘଟିବା ଫଳରେ ବ୍ୟାପକ ସଂଖ୍ୟାରେ ପ୍ରାଣହାନି ଘଟିବା ସହିତ ବହୁ ସଂଖ୍ୟକ ବ୍ୟକ୍ତିଙ୍କର ଅଙ୍ଗହାନି ଘଟିଥାଏ । ସେଗୁଡିକ ଭିତରୁ କେତେକ

ମଣିଷକୃତ (ମାନବୀୟ ବିଫଳତା କାରଣରୁ), କିନ୍ତୁ ବେଶୀସଂଖ୍ୟକ ଦୁର୍ଘଟଣା ପଛରେ କାରଣମାନ ହେଲା, (କ) ଅପରିଷ୍କୃତ ଏବଂ ବିପଦସଙ୍କୁଳ କାର୍ଯ୍ୟ ପରିବେଶ, (ଖ) ବିଦେଶରୁ ଆମଦାନୀ ହୋଇଥିବା ପ୍ରଯୁକ୍ତି କୌଶଳକୁ ସ୍ଥାନୀୟ ସ୍ତରରେ ସୁଚାରୁ ଭାବେ ପ୍ରୟୋଗ କରିବାରେ ବିଫଳତା, ଏବଂ (ଗ) ଭାଗିଦାରିତା ଭିତ୍ତିରେ କ୍ଷତି ଭରଣା କରିବାର ପଦ୍ଧତିର ଅଭାବ । କାରଖାନା ଭିତରେ ଯେଉଁସବୁ କାରଣରୁ ଦୁର୍ଘଟଣାମାନ ଘଟିଥାଏ, ସେଗୁଡିକ ଭିତରୁ କେତୋଟି କାରଣ ବର୍ଷକୁ ବର୍ଷ ବାରମ୍ବାର ଘଟିଚାଲିଥାଏ । ଏପ୍ରକାର ଦୁର୍ଘଟଣାଗୁଡିକ ପଛରେ ଦାୟୀ କାରଣଗୁଡିକୁ ଚିହ୍ନଟ କରିବା ତଥା ସେଗୁଡିକୁ ନିବାରଣ/ ନ୍ୟୂନତମ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ସୁପାରିଶ୍ କରିବା ଦିଗରେ ରାଜ୍ୟ ଶାଖା ଭଳି ଏକ ପେଷାଦାର ସଂସ୍ଥା ଏକ ଅଗ୍ରଣୀ ଭୂମିକା ଅବଲମ୍ବନ କରିପାରିବ । ଜାତୀୟ ନିରାପତ୍ତା ପରିଷଦ ନାମକ ମୁମ୍ବାଇର ଏକ ଏନ୍.ଜି.ଓ. ଏବଂ ୧୯୭୭ରେ ସେଠାରେ ଉନ୍ମୋଚିତ ହୋଇଥିବା ପରିଷଦର ରାଜ୍ୟ ଶାଖା ସହିତ ଘନିଷ୍ଠ ସହଯୋଗିତାରେ ଏହି ପ୍ରୟୋଜନୀୟ କାର୍ଯ୍ୟକ୍ରମକୁ ଆଗେଇ ନିଆଯାଇପାରେ । ୧୯୭୫-୭୬ରେ ଯେତେବେଳେ କି ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଅଂଶଗ୍ରହଣ ବ୍ୟବସ୍ଥା ତଦାନୀନ୍ତନ ଜାତୀୟ ସରକାରଙ୍କ ପୁରୁଣା ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଙ୍ଗବିଶେଷ ଭାବେ ପ୍ରଚଳିତ ଥିଲା, ସେତେବେଳେ ଦୁର୍ଘଟଣାଗୁଡିକର କାରଣମାନ ଚିହ୍ନଟ ତଥା ସେଗୁଡିକର ନିବାରଣର ପନ୍ଥାସମୂହ ନିର୍ଣ୍ଣୟ ପାଇଁ ଉକ୍ତ କାର୍ଯ୍ୟକ୍ରମର ଅଂଶସ୍ୱରୂପ ରାଷ୍ଟ୍ରର ବୃହତ୍ ଶିଳ୍ପ ଓ ଖଣି ଉଦ୍ୟୋଗଗୁଡିକରେ ନିରାପତ୍ତା କମିଟିମାନ ଗଠିତ ହୋଇଥିଲା । ଜାତୀୟ ସ୍ତରରେ ସୁନାମ ଓ ପ୍ରତିଷ୍ଠା ଅର୍ଜନ କରିଥିବା 'ପ୍ରିୟା' (ଏସିଆରେ ସହଭାଗୀ ଗବେଷଣା) ନାମକ ଗୋଟିଏ ଏନ୍.ଜି.ଓ., ଫେବୃଆରୀ ୨୦୦୨ରେ ନିଜ ପ୍ରତିଷ୍ଠାର ୨୦ବର୍ଷ ପୂର୍ତ୍ତୀ କଲା; ସେହି ସଂଗଠନ ଅଳ୍ପ କେଇବର୍ଷ ତଳେ ଦେଶର ବିଭିନ୍ନ ଅଞ୍ଚଳରେ ନିରାପତ୍ତା କମିଟିଗୁଡିକର କାର୍ଯ୍ୟଧାରା ଉପରେ ଏକ ଅନୁଧ୍ୟାନ ପ୍ରସ୍ତୁତ କରିଥିଲା, ଏବଂ ପରବର୍ତ୍ତୀ ସମୟରେ ଆଇ.ଏଲ୍.ଓ.ର ସହାୟତା ଓ ସଂପୃକ୍ତି କ୍ରମେ କାର୍ଯ୍ୟଦକ୍ଷତା ବିଶାରଦ, ପରିବେଶ ବିଜ୍ଞାନୀ ଏବଂ ସମାଜ କର୍ମୀମାନଙ୍କର ଏକ କର୍ମଶାଳା ଆୟୋଜନ କରିଥିଲା, ଯେଉଁଥିରେ ଉକ୍ତ ଅନୁଧ୍ୟାନର ସିଦ୍ଧାନ୍ତଗୁଡିକୁ ଗ୍ରହଣ ଓ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା । ଓଡିଶାରେ ଉପରୋକ୍ତ ଧରଣର ଦୁର୍ଘଟଣାଗୁଡିକ ଯେପରି ମୋଟେ ନଘଟେ ଅଥବା ସେଗୁଡିକର ପୌନପୁନିକତାକୁ ନ୍ୟୂନତମ କରାଯାଇପାରେ, ସେହିଭଳି ଏକ ଚୂଡାନ୍ତ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଏଠାକାର ରାଜ୍ୟ ଶାଖା ଆଇ.ଏଲ୍.ଓ.ର ସହାୟତା କ୍ରମେ ଓଡିଶା ପରିପ୍ରେକ୍ଷୀରେ ଏକ ଅନୁରୂପ ଅଧ୍ୟୟନ ଆୟୋଜନ କରିପାରନ୍ତି ।

**୫. ଖାଦ୍ୟ ନିରାପତ୍ତା :** ସାମାଜିକ ସୁରକ୍ଷାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପାଂଶ ହେଉଛି ଖାଦ୍ୟ ନିରାପତ୍ତା । ବର୍ତ୍ତମାନ ଆମେ ଖାଦ୍ୟଶସ୍ୟ ଉତ୍ପାଦନର ସର୍ବୋଚ୍ଚ ସ୍ତର (୨୦୦କୋଟି ଟନ୍‌ରୁ ଅଧିକ)ରେ ପହଞ୍ଚିଛୁ ତଥା ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆମେ ମଧ୍ୟ ସଂପୂର୍ଣ୍ଣ ସ୍ୱାବଲମ୍ବିତା ହାସଲ କରିପାରିଛୁ । କିନ୍ତୁ ଏହା ଏକ ବିଡମ୍ବନା ଯେ, ଆମ ଦେଶରେ ହିଁ ପୃଥିବୀର ସବୁଠୁଁ ବେଶୀ ଲୋକ ଅଛନ୍ତି, ଯେଉଁମାନେ କି ପ୍ରତିଦିନ ଭୋକିଲା ଅବସ୍ଥାରେ ନିଦ୍ରା ଯାଆନ୍ତି ଏବଂ ଅନେକ ଲୋକ ଅନାହାରରେ ମୃତ୍ୟୁ ବରଣ କରିଥାନ୍ତି । ଯଦିଓ ଆପାତ ଦୃଷ୍ଟିରେ ଜାତୀୟ ସ୍ତରରେ ଖାଦ୍ୟ ନିରାପତ୍ତା ଆସିଯାଇଛି ଏବଂ ଅନାହାରର ଅବସାନ ଘଟିଛି, କିନ୍ତୁ ତୃଣମୂଳ ସ୍ତରରେ ଖାଦ୍ୟ ନିରାପତ୍ତା ଏକ ବିପନ୍ନ ସ୍ଥିତି ଭିତରେ ଗତିକରି ଚାଲିଛି ଏବଂ ଏକାବେଳେ ମରୁଡ଼ି ଓ ଦୁର୍ଭିକ୍ଷ ତଥା ଏହି ଦୁଇଟିର ଅପରିହାର୍ଯ୍ୟ ପରିଣତି ସ୍ୱରୂପ ଘଟି ଚାଲିଥିବା ଅନାହାରର ମିଳିତ କରାଳ ରୂପ ଆଜି ଲକ୍ଷଲକ୍ଷ ଲୋକଙ୍କୁ ସାମ୍‌ନା କରିବାକୁ ପଡୁଛି । କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଭଳି ଦକ୍ଷିଣ ଓଡିଶାର କେତେକ ଅଞ୍ଚଳ ପ୍ରତି ଏହି ସତ୍ୟ ବିଶେଷ ଭାବେ ପ୍ରଯୁଜ୍ୟ । ଶସ୍ୟ ବ୍ୟାଙ୍କ ଜରିଆରେ ଖାଦ୍ୟ ନିରାପତ୍ତାକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଅଗ୍ରଗାମୀ ନାମକ ଦକ୍ଷିଣ ଓଡିଶାର ଏକ ନାମଜାଦା ଏନ୍.ଜି.ଓ.ଙ୍କ ଦ୍ୱାରା ଏକ ସୁନ୍ଦର ଅଥଚ ନିରାଡମ୍ବର ପ୍ରୟାସ ଆରମ୍ଭ ହୋଇଛି । ଏହି ଏନ୍.ଜି.ଓ.ଙ୍କ ଅଭିଜ୍ଞତାକୁ ଆଧାର କରି ରାଜ୍ୟ ଶାଖା ରାଜ୍ୟର ଅନ୍ୟ ସେହି ସବୁ ଅଞ୍ଚଳରେ ଖାଦ୍ୟ ନିରାପତ୍ତା ପାଇଁ ସମଦୃଶ ପଦକ୍ଷେପ ଗ୍ରହଣ ପାଇଁ ଯୋଜନା କରିପାରନ୍ତି, ଯେଉଁଗୁଡିକ ବୃଷ୍ଟିଶୂନ୍ୟ ଓ ମରୁଡ଼ି ପ୍ରବଣ ତଥା ଯେଉଁଠି ଲୋକଙ୍କ ଭିତରେ ପଳାନ୍ତର ହେବାର ପ୍ରବଣତା ଥାଏ ତଥା ଯେଉଁଠି ବିଶାଳ ସଂଖ୍ୟକ ଲୋକେ କ୍ଷୁଧା ରାକ୍ଷସ ଦ୍ୱାରା କବଳିତ । ବର୍ତ୍ତମାନର ଜରୁରୀ ଦାୟିତ୍ୱ ହେଉଛି, ଲୋକମାନଙ୍କୁ ପ୍ରବର୍ତ୍ତାଇ ଶସ୍ୟ ବ୍ୟାଙ୍କ୍ ଗୁଡିକ ଗଢିତୋଳିବା, ଯାହାଫଳରେ ଜନଗୋଷ୍ଠୀମାନେ ସେମାନଙ୍କର ବଳକା ଖାଦ୍ୟଶସ୍ୟକୁ ସଂଚିତ କରିପାରିବେ ଏବଂ ତାହା ଅଭାବ ଓ ନିଅଣ୍ଟ ସମୟରେ ଲୋକମାନଙ୍କ କାମରେ ଆସିପାରିବ ।

**୬. ପର୍ଯ୍ୟାବରଣର ନିରାପତ୍ତା :** ଖାଦ୍ୟ ନିରାପତ୍ତା ଓ ପର୍ଯ୍ୟାବରଣର ନିରାପତ୍ତା ପରସ୍ପର ସହିତ ଓତଃପ୍ରୋତ ଭାବେ ସଂଶ୍ଳିଷ୍ଟ । ବାପୁଙ୍କର ଏକ ଯଥାର୍ଥ ଉକ୍ତି ରହିଛି, ପ୍ରକୃତି ଯାହାସବୁ ଦେଇଛି ତାହା ଆମର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଯଥେଷ୍ଟ, କିନ୍ତୁ ଆମର ଲୋଭକୁ ମେଣ୍ଟାଇବା ପାଇଁ ନୁହେଁ । ମଣିଷ ଜାତି ପାରସ୍ପରିକ ସଂଗଠନ କ୍ଷେତ୍ରରେ ଯେତେ ଯେତେ ଅସଂଯୋଜିତ ଏବଂ ଅନିୟନ୍ତ୍ରିତ ଭାବେ ଆଗକୁ ବଢୁଛି ଏବଂ ତାହା ସହିତ ଜନବହୁଳତା ଏବଂ ଜନଗହଳି ବଢିବଢି ଚାଲିଛି, ପରିବେଶ ଅବକ୍ଷୟର ସମସ୍ୟା ମଧ୍ୟ

ତଦନୁସାରେ ତୀବ୍ରତର ହେବାରେ ଲାଗିଛି । ଏହି ସମସ୍ୟା ଭୂତଳ ଜଳସ୍ତରର ଅବିଚାରିତ ଉପଯୋଗରେ ମଧ୍ୟ ପ୍ରତିଫଳିତ ହୋଇଛି । ବର୍ତ୍ତମାନ ପରିଣତି ଏପରି ହୋଇଛି ଯେ, ଜଳସ୍ତର ଏକ ଅଭାବନୀୟ ଗଭୀରତାକୁ ଖସି ଯାଇଛି, ପତିତ ଜମିର ଆୟତନ ଦିନକୁ ଦିନ ବୃଦ୍ଧି ପାଇଚାଲିଛି, ଶୁଦ୍ଧ ପାନୀୟ ଜଳ ମିଳିବା ଏକ ଉତ୍କଟ ସମସ୍ୟାରେ ପରିଣତ ହୋଇଛି ତଥା ଦୂଷିତ ଜଳ ଜନିତ ରୋଗର ପ୍ରକୋପ ମଧ୍ୟ ବଢ଼ିବାରେ ଲାଗିଛି । ଲୋକମାନଙ୍କର ଲୋଭପୂର୍ଣ୍ଣ ଆଚରଣ ଫଳରେ ପୃଥିବୀ ଯେଉଁ ବିଭୀଷିକାରେ ଆକ୍ରାନ୍ତ ହୋଇଛି, ତହିଁର ଏକମାତ୍ର ବିଚାରସଂଗତ, ବଳିଷ୍ଠ ତଥା ବିଜ୍ଞାନସମ୍ମତ ପ୍ରତିକାର ହେଲା, ସମନ୍ୱିତ ଢଙ୍ଗରେ ଜଳଛାୟା ପାଇଁ ଯୋଜନା ପ୍ରସ୍ତୁତ କରିବା ସହ ତାହାକୁ କାର୍ଯ୍ୟକାରୀ ଓ ପରିଚାଳନା କରିବା । ମହାରାଷ୍ଟ୍ରର ଅହମ୍ମଦନଗର ଜିଲ୍ଲାର ରାଲେଗାଓଁ ସିଦ୍ଧି ଠାରେ ବାର୍ଷିକ ବୃଷ୍ଟିର ପରିମାଣ ହାରାହାରି ମାତ୍ର ଚାରି ଇଞ୍ଚ, କିନ୍ତୁ ସେଠାରେ ବିଶିଷ୍ଟ ସାମାଜିକ କର୍ମୀ ଆନ୍ନା ହଜାରେ ନିଜର ପରିକଳ୍ପିତ ଏକ ସମନ୍ୱିତ ଜଳଛାୟାର ପ୍ରକଳ୍ପ ପରୀକ୍ଷା କଲାପରେ ଉପରୋକ୍ତ ଯୋଜନାର ଏକ ବଳିଷ୍ଠ ନିଦର୍ଶନ ସୁପ୍ରମାଣିତ ହୋଇସାରିଛି । ଆନ୍ନା ହଜାରିଙ୍କ ଏତାଦୃଶ ଦୃଷ୍ଟାନ୍ତଯୋଗ୍ୟ ପ୍ରୟାସ ଫଳରେ କେତେକ ସ୍ଥାନରେ ବସ୍ତୁତଃ ସବୁଜିମାରେ ଭରପୁର ଅତି ସୁନ୍ଦର କ୍ଷେତ୍ରମାନ ଗଢ଼ି ଉଠିଛି; ଆନ୍ନା ହଜାରେଙ୍କ ପ୍ରୟାସ ବ୍ୟତିରେକ ସେହିସବୁ ସ୍ଥାନ ହୁଏତ ପତିତ ଭୂମିରେ ପରିଣତ ହୋଇଥା'ନ୍ତା । ଜଳଛାୟା ଯୋଜନା ସେତେବେଳେ ଅର୍ଥପୂର୍ଣ୍ଣ ଓ ଫଳପ୍ରଦ ସାବ୍ୟସ୍ତ ହୋଇପାରିବ ଯେତେବେଳେ କି ସର୍ବୋଚ୍ଚ ଉତ୍ପାଦନଶୀଳତା ହାସଲ ପାଇଁ କୃଷି, ପଶୁପାଳନ ଓ ପଶୁଚିକିତ୍ସା, ଫଳଚାଷ, କୃଷି-ଜଙ୍ଗଲ, ଜୈବିକ ସାର ପ୍ରସ୍ତୁତି ଏବଂ କୃଷିକ୍ଷେତ୍ରର ବିଜ୍ଞାନସମ୍ମତ ପରିଚାଳନା ଇତ୍ୟାଦି କ୍ଷେତ୍ରସମୂହରେ ବିବିଧ କାର୍ଯ୍ୟଧାରାକୁ ସମନ୍ୱିତ କରାଯାଇପାରିବ । ରାଜ୍ୟ ଶାଖା ନୂଆ ନୂଆ ଅଭିଜ୍ଞତାରେ ସମୃଦ୍ଧ ହେବା ସହିତ ନିଜେ ନୂଆ ନୂଆ ପରୀକ୍ଷାନିରୀକ୍ଷା ପାଇଁ ଏକ ଉର୍ବର କ୍ଷେତ୍ରରେ ପରିଣତ ହୋଇଉଠିବ ।

**୭. ସାମାଜିକ ସୁରକ୍ଷା କ୍ଷେତ୍ରରେ ଲିଙ୍ଗୀୟ ସମାନତା :** ସାମାଜିକ ସୁରକ୍ଷା ଓ ଲିଙ୍ଗୀୟତା ଭିତରେ ଏକ ଗଭୀର ସଂପର୍କ ରହିଛି । ଶ୍ରମ ବଜାରରେ ମହିଳାମାନେ ବ୍ୟାପକ ଅସମାନତାର ଶୀକାର ହୋଇଥାନ୍ତି । ସେମାନଙ୍କ ସ୍ଥିତି ବୈଷମ୍ୟ ଉପରେ ଆଧାରିତ ଶ୍ରମ ବିଭାଜନ ଦ୍ୱାରା ପ୍ରଭାବିତ ହୋଇଥାଏ; ସେମାନେ ମାଗଣାରେ ଏବଂ ବିନା ପାଉଣାରେ ବହୁତ ଶ୍ରମ ସମ୍ପାଦନ କରିଥାନ୍ତି, କିନ୍ତୁ ସେଥିପ୍ରତି ସ୍ୱୀକୃତି କିମ୍ବା ପାରିଶ୍ରମିକ ମିଳିନଥାଏ । ମହିଳାମାନେ ହିଁ ପରିବାରର ବହୁ ଦାୟିତ୍ୱ ସମ୍ଭାଳିଥାନ୍ତି (କିନ୍ତୁ ସେବାଯତ୍ନ ପାଇଁ ପାରିଶ୍ରମିକ ମିଳିନଥାଏ) ଏବଂ ସେହି କାରଣରୁ ସେମାନେ ପୂର୍ଣ୍ଣାଙ୍ଗ କର୍ମନିଯୁକ୍ତି ଗ୍ରହଣ କରିପାରନ୍ତିନି

ବା ସେଥିରେ ତିଷ୍ଠି ରହିପାରନ୍ତିନି । ଶ୍ରମବଜାରର ଏହି ଅସମାନତା ମହିଳାମାନଙ୍କର ସାମାଜିକ ସୁରକ୍ଷାକୁ କେତେକ ଦୃଷ୍ଟିରୁ ବିପର୍ଯ୍ୟସ୍ତ କରିଥାଏ । ସାମାଜିକ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର ପରିସର ଭିତରେ ଅନ୍ତର୍ଭୁକ୍ତ ହେବାର ସୁଯୋଗରୁ ସେମାନେ ସାଧାରଣତଃ ବଞ୍ଚିତ ଥାଆନ୍ତି; ଏହା ପଛରେ ସମ୍ଭାବ୍ୟ କାରଣମାନ ହେଲା, ସେମାନେ ହୁଏତ ଅତ୍ୟନ୍ତ ନିମ୍ନ ଧରଣର କାର୍ଯ୍ୟରେ ନିଯୁକ୍ତ ହୋଇଥା'ନ୍ତି ଅଥବା ସେମାନେ ସ୍ୱଳ୍ପ ସମୟ ପାଇଁ କାର୍ଯ୍ୟ କରିଥା'ନ୍ତି ଅଥବା ସେମାନଙ୍କର କାର୍ଯ୍ୟ ଅଂଶକାଳୀନ ହୋଇଥାଏ । ଜମାରାଶି ଭିତ୍ତିକ ବୀମା ଯୋଜନାଗୁଡ଼ିକରେ ମହିଳାମାନଙ୍କୁ ସାଧାରଣତଃ ସାମାଜିକ ସୁରକ୍ଷାର ସୁବିଧା ମିଳିନଥାଏ । ରୋଜଗାର-ସଂଶ୍ଳିଷ୍ଟ ଜମାରାଶି ସ୍କିମ୍‌ଗୁଡ଼ିକରେ ମହିଳାମାନଙ୍କୁ ଯେଉଁ ଲାଭ ମିଳିଥାଏ ତାହା ମୋଟାମୋଟି ପୁରୁଷମାନଙ୍କ ପ୍ରାପ୍ୟ ତୁଳନାରେ କମ୍ ହୋଇଥାଏ । କେତେକ ନିର୍ଦ୍ଦିଷ୍ଟ ଧରଣର କର୍ମୀ ଗୋଷ୍ଠୀ (ଯଥା ଗୃହ କର୍ମୀ, ଘରୋଇ କର୍ମଚାରୀ, ଅନିୟମିତ ଏବଂ ଅଂଶକାଳୀନ କର୍ମଚାରୀ ସମୂହ) ହେଉଛନ୍ତି ପ୍ରାୟତଃ ମହିଳା; ସେମାନଙ୍କୁ ସାମାଜିକ ସୁରକ୍ଷା ସ୍କିମ୍‌ସମୂହର ପରିସରରୁ ଅଲଗା ରଖିବା ଦ୍ୱାରା ଉପରୋକ୍ତ ବୈଷମ୍ୟ ଅଧିକ ଦୃଢ଼ୀଭୂତ ହୋଇଥାଏ ।

ସାମାଜିକ ସୁରକ୍ଷା ଏବଂ ଲିଙ୍ଗୀୟତା ଭିତରେ ଥିବା ଯୋଗସୂତ୍ରର କେତୋଟି ଗୁରୁତ୍ୱପୂର୍ଣ୍ଣ ତାତ୍ପର୍ଯ୍ୟ ରହିଛି, ଯଥା-

- ଯେଉଁସବୁ କ୍ଷେତ୍ରରେ ମହିଳାମାନେ ବହୁଳ ସଂଖ୍ୟାରେ ନିଯୁକ୍ତ ଥାଆନ୍ତି, ସେଗୁଡ଼ିକ ସମେତ ସମସ୍ତ କ୍ଷେତ୍ରରେ ନିୟୋଜିତ ଥିବା କର୍ମୀମାନଙ୍କ ପାଇଁ ବାଧ୍ୟତାମୂଳକ ସାମାଜିକ ସୁରକ୍ଷାର ବ୍ୟବସ୍ଥା କରିବା;
- ମାଗଣା ସେବାଯତ୍ନ ପ୍ରଦାନ କରୁଥିବା ଯେଉଁ କର୍ମୀମାନଙ୍କୁ ସ୍ୱୀକୃତି କିମ୍ବା ପାରିଶ୍ରମିକ ମିଳିନଥାଏ, ସେମାନଙ୍କ ପାଇଁ ଅଂଶ-ଜମା ବୀମା ବ୍ୟବସ୍ଥାଗୁଡ଼ିକ ଅଧୀନରେ କୃତିତ୍ୱ ସାର୍ଟିଫିକେଟ୍ ପ୍ରଦାନ କରାଯିବା;
- ଯେଉଁସବୁ ଯୋଜନାରେ ମହିଳାମାନଙ୍କ ବିରୁଦ୍ଧରେ ପ୍ରତ୍ୟକ୍ଷ ବା ପରୋକ୍ଷରେ ବାଛବିଚାର କରାଯାଉଥିବ, ସେଗୁଡ଼ିକର ଉଚ୍ଛେଦ ।

ଉପରୋକ୍ତ ଯୋଗସୂତ୍ରକୁ ପ୍ରୋତ୍ସାହନ ଏବଂ ବଳିଷ୍ଠ ଭିତ୍ତିଭୂମି ପ୍ରଦାନ କରିବାର ଅନେକ ଦୃଷ୍ଟାନ୍ତ ରହିଛି; କିନ୍ତୁ ଏଭଳି ଗୋଟିଏ ପରୀକ୍ଷାର ଦୃଷ୍ଟାନ୍ତ ଅଛି, ଯାହାକି ସହସା ଆମ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ; ତାହା ହେଲା, ଅଣୁବୀମା ଜରିଆରେ ଅସଂଗଠିତ କ୍ଷେତ୍ରର ମହିଳାମାନଙ୍କ ପାଇଁ ସାମାଜିକ ସୁରକ୍ଷାର ବ୍ୟବସ୍ଥା କରିଥିବା 'ସେୱା' ସଂସ୍ଥାର ଅଭିଜ୍ଞତା । ତାହାର ପ୍ରୟୋଗ କଳା ହେଲା, ବୀମାଯୋଜନାର ମୂଳନୀତିକୁ ଆଧାର କରି ପାରସ୍ପରିକ

ସହାୟତା ଉଦ୍ଦେଶ୍ୟରେ ସମ୍ବଳସମୂହକୁ ଏକତ୍ରୀକୃତ କରାଯାଇଥାଏ ଏବଂ ସୁନିର୍ଦ୍ଦିଷ୍ଟ ନୀତିନିୟମ ଆଧାରରେ ସବୁଠୁଁ ବେଶୀ ଅଭାବୀ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯାଇଥାଏ ।

ସାରା ଭାରତର ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ମଧ୍ୟରେ 'ସେଓ୍ୱା' ପରିଚାଳିତ ସମନ୍ୱିତ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ହେଉଛି ସର୍ବବୃହତ୍ ଅଂଶ-ଜମା ସାମାଜିକ ନିରାପତ୍ତା ଯୋଜନା (ପ୍ରାୟ ୩୨ ହଜାର ଶ୍ରମିକ ଏହାର ପରିସରଭୁକ୍ତ) । ରାଜ୍ୟ ଶାଖା ପକ୍ଷେ 'ସେଓ୍ୱା' ଅଭିଜ୍ଞତାକୁ ଅଧ୍ୟୟନ କରିବା ତଥା ରାଜ୍ୟର କେତେକ ବଛାବଛା ଅସଂଗଠିତ ଶ୍ରମକ୍ଷେତ୍ର (ବିଡିବୋଳିବା, ବଡି/ପାମ୍ପଡ ପ୍ରସ୍ତୁତି, ପୋଷାକ ତିଆରି, ତଥା ଆଦିବାସୀ ମହିଳାମାନଙ୍କ ଦ୍ୱାରା ହଳଦୀ, ତେନ୍ତୁଳି ଓ ଝାଡୁ ଭଳି ଲଘୁ ବନଜାତ ସାମଗ୍ରୀର ପ୍ରସ୍ତୁତିକରଣ)ରେ ମହିଳାମାନଙ୍କୁ ଏକତ୍ର କରି ସଂଗଠିତ କରିବା ତଥା ଅଣୁ ବୀମା ଜରିଆରେ ସେମାନଙ୍କର ସାମାଜିକ ସୁରକ୍ଷାର ଆବଶ୍ୟକତାଗୁଡିକୁ ମେଣ୍ଟାଇବା ଜରୁରୀ ।

**୮. ଅସଂଗଠିତ କ୍ଷେତ୍ର ସଂବନ୍ଧରେ କମ୍ପୁଟରୀକୃତ ତଥ୍ୟଭଣ୍ଡାର ଗଢିତୋଳିବା :** ରାଜ୍ୟ ଅର୍ଥବ୍ୟବସ୍ଥାର ଅସଂଗଠିତ କ୍ଷେତ୍ର ଉପରେ ସଠିକ୍ ଏବଂ ଅଦ୍ୟତନ ତଥ୍ୟଭଣ୍ଡାରର ଘୋର ଅଭାବ ରହିଛି; ବିଶେଷ କରି କେତେ ପ୍ରକାର କାର୍ଯ୍ୟ ଚାଲୁଛି, କେତେ ସଂଖ୍ୟକ ଶ୍ରମିକ ନିଯୁକ୍ତ ଅଛନ୍ତି, ସେମାନଙ୍କର ସେବା ଓ ନିଯୁକ୍ତିର ସର୍ତ୍ତାବଳୀ କ'ଣ, କେତେ ସଂଖ୍ୟକ ଶ୍ରମିକ ସାମାଜିକ ସୁରକ୍ଷାର ପରିସରଭୁକ୍ତ ହୋଇପାରିଛନ୍ତି ତଥା ଶ୍ରମ-ସଂଶ୍ଳିଷ୍ଟ ସ୍ୱାସ୍ଥ୍ୟ ଓ ନିରାପତ୍ତାର ସ୍ଥିତି କ'ଣ, ଏସବୁ ବିଷୟରେ ତଥ୍ୟାବଳୀର ଅଭାବ ରହିଛି । ସୁତରାଂ ରାଜ୍ୟ ଶାଖା ଅସଂଗଠିତ କ୍ଷେତ୍ରଭଳି ଏକ ବୃହଦାକାର ନିଯୁକ୍ତିକ୍ଷେତ୍ରର ଗୋଟିଏ ଉପକ୍ଷେତ୍ର (ଯାହା କି ସ୍ୱଳ୍ପ ଦକ୍ଷତାଶ୍ରୟୀ, ସ୍ୱଳ୍ପ ମଜୁରି ଭିତ୍ତିକ ଏବଂ ନିମ୍ନ ଗୁଣାତ୍ମକତା ଭିତ୍ତିକ)କୁ ପ୍ରଥମେ ହାତକୁ ନେଇ ଏକ ଶୁଭାରମ୍ଭ କରିବା ଦରକାର ଏବଂ ସଂପୃକ୍ତ ଉପକ୍ଷେତ୍ରରେ ଆବଶ୍ୟକୀୟ ସର୍ଭେ କରିବା ପାଇଁ ଏକ ଯଥୋଚିତ ଅନ୍ୱେଷଣ- ପଦ୍ଧତି ନିର୍ଦ୍ଧାରଣ କରିବା ଦରକାର । କୋଲକାତା ସ୍ଥିତ ଭାରତୀୟ ପରିସଂଖ୍ୟାନ ପ୍ରତିଷ୍ଠାନର ସହଯୋଗିତା କ୍ରମେ ଏପ୍ରକାର ସର୍ଭେ ଆୟୋଜନ ହେବା ଉଚିତ୍ ତଥା କମ୍ପୁଟର୍ ପ୍ରୟୋଗ କରି ଆଇ.ଏଲ୍.ଓ. ସହାୟତାରେ ଏକ ଆଗୁଆ ସର୍ଭେ ପ୍ରଥମେ କରାଯବା ବାଂଛନୀୟ । ଏହାଫଳରେ ଭବିଷ୍ୟତ ପାଇଁ ଯୋଜନା ନିର୍ଦ୍ଧାରଣ କ୍ଷେତ୍ରରେ ଏହି ସର୍ଭେ ଏକ ନିର୍ଭରଯୋଗ୍ୟ ଆଧାର ରୂପେ କାର୍ଯ୍ୟ କରିବ । ନୂଆଦିଲ୍ଲୀସ୍ଥିତ (ନାମଜାଦା ଅନୀଲ୍ ଅଗ୍ରଓ୍ୱାଲ୍ଙ୍କ ଦ୍ୱାରା ପ୍ରତିଷ୍ଠିତ) ସେଣ୍ଟର୍ ଫର୍ ସାଇନ୍ସ ଏଣ୍ଡ୍ ଏନଭାଇରନ୍‌ମେଣ୍ଟ ନାମକ ଏକ ଏନ୍.ଜି.ଓ. ଏ କ୍ଷେତ୍ରରେ ଏକ ତଥ୍ୟଭଣ୍ଡାର ନିର୍ମାଣ କରିଛନ୍ତି, ଯାହାକି ଆମ ଦେଶ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ତଥ୍ୟଭଣ୍ଡାରକୁ ଲଗାତାର ବ୍ୟବହାର କରିବା ଆମ ପକ୍ଷେ

ଜରୁରୀ । ଯଦି ଏହାର ଉପଯୁକ୍ତ ବିଶ୍ଳେଷଣ କରାଯାଏ, ତେବେ ଏହା ଅର୍ଥବ୍ୟବସ୍ଥାର ସଂଗଠିତ ଏବଂ ଅସଂଗଠିତ କ୍ଷେତ୍ର ଭିତରେ ଏକ ଯଥୋଚିତ ସଂପର୍କ ଗଢିତୋଳିବାରେ ସହାୟକ ହୋଇପାରିବ । ଏହାଦ୍ୱାରା ଆମେ ମଧ୍ୟ ସେହିସବୁ କ୍ଷେତ୍ରଗୁଡିକୁ ଚିହ୍ନଟ କରିପାରିବା, ଯେଉଁଠାରେ ପ୍ରଚଳିତ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିହେବ ଏବଂ ତା' ସହିତ ନୂତନ କ୍ଷେତ୍ରଗୁଡିକରେ ସାମାଜିକ ସୁରକ୍ଷାର ପ୍ରବର୍ତ୍ତନ ସହଜସାଧ୍ୟ ହୋଇପାରିବ । ମର୍ଯ୍ୟାଦା, ଶାଳୀନତା, ସମାନତା ଏବଂ ନିରାପତ୍ତାର ବାତାବରଣ ଭିତରେ ସମ୍ମାନଜନକ ଶ୍ରମ କରିବାର ଲକ୍ଷ୍ୟ ହାସଲ ଦିଗରେ ଏହା ମଧ୍ୟ ପଥ ପରିଷ୍କାର କରିବ ।

ସଂସ୍ଥା ଗଢି ତୋଳିବା ଏକ କଷ୍ଟସାଧ୍ୟ କାର୍ଯ୍ୟ । ଏଥିପାଇଁ ସଂପୃକ୍ତ ବିଷୟ ସହିତ ଜଡିତ ଥିବା ବହୁସଂଖ୍ୟକ ସଂସ୍ଥାଙ୍କ ଭିତରେ ସଘନ ଯୋଗାଯୋଗ ଓ ସମନ୍ୱୟ ଗଢିତୋଳିବା ଜରୁରୀ । ଏଥିପାଇଁ ଅଭିନ୍ନ ଲକ୍ଷ୍ୟ ପୋଷଣ କରୁଥିବା ବିଭିନ୍ନ ସଂସ୍ଥାଙ୍କୁ ନେଇ ନେଟଓ୍ୱାର୍କ ଗଢିତୋଳିବା ମଧ୍ୟ ଜରୁରୀ । ଭାରତର ସାମାଜିକ ନିରାପତ୍ତା ସଂଗଠନର ରାଜ୍ୟ ଶାଖା ଭଳି ଏକ ନବଜାତ ସଂସ୍ଥା ପକ୍ଷେ ବର୍ତ୍ତମାନ ନିମ୍ନୋକ୍ତ ସଂସ୍ଥାମାନଙ୍କ ସହ ଯୋଗାଯୋଗ, ସଂଯୋଜନ ଓ ସମନ୍ୱୟ ସ୍ଥାପନା କରିବା ଆବଶ୍ୟକ ।

**ଯେଉଁ ସଂସ୍ଥାମାନଙ୍କ ସହ ନେଟ୍‌ଓ୍ୱାର୍କ ନିର୍ମାଣ ଜରୁରୀ**

- ଆନ୍ତର୍ଜାତିକ ସାମାଜିକ ସୁରକ୍ଷା ସଂଗଠନ (ଆଇ.ଏସ୍.ଏସ୍.ଏ.)
- ଭାରତର ସାମାଜିକ ସୁରକ୍ଷା ସଂଗଠନ **(ଏସ୍.ଏସ୍.ଏ.ଆଇ.)**
- ଯେଉଁଠି **ଏସ୍.ଏସ୍.ଏ.ଆଇ.**ର ରାଜ୍ୟ ଶାଖା ଖୋଲାଯାଇଥିବ

**ଯୋଗାଯୋଗ ଏବଂ ସଂଯୋଜନ**

**ଜାତୀୟ ସ୍ତରରେ :**

- ଶ୍ରମ ମନ୍ତ୍ରଣାଳୟ, ଶ୍ରମଶକ୍ତି ଭବନ, ନୂଆଦିଲ୍ଲୀ
- ଅର୍ଥ ମନ୍ତ୍ରଣାଳୟ, ନର୍ଥ ବ୍ଲକ୍, ନୂଆଦିଲ୍ଲୀ
- କୋଇଲା ବିଭାଗ, ଶାସ୍ତ୍ରୀ ଭବନ, ନୂଆଦିଲ୍ଲୀ
- କେନ୍ଦ୍ରୀୟ ଶ୍ରମିକ ଶିକ୍ଷା ପରିଷଦ, ନାଗପୁର
- ଭି.ଭି.ଗିରି ଜାତୀୟ ଶ୍ରମ ପ୍ରତିଷ୍ଠାନ, ସେକ୍ଟର-୨୪, ନଇଡା (ୟୁ.ପି.)
- ଜାତୀୟ ପେଷାଗତ ବ୍ୟାଧି ପ୍ରତିଷ୍ଠାନ, ଅହମଦାବାଦ
- ଜାତୀୟ ପର୍ଯ୍ୟାବରଣ ଇଞ୍ଜିନିଅରିଂ ପ୍ରତିଷ୍ଠାନ, ନାଗପୁର
- ମହା ନିର୍ଦ୍ଦେଶକ, କାରଖାନା ପରାମର୍ଶ ଓ ସେବା, ସିଓନ୍, ମୁମ୍ବାଇ

- ମହା ନିର୍ଦ୍ଦେଶକ, ଖଣି ନିରାପତ୍ତା, ଧାନବାଦ
- ଜାତୀୟ ନିରାପତ୍ତା ପରିଷଦ, ମୁମ୍ବାଇ
- ପ୍ରୋଭିଡେଣ୍ଟ ଫଣ୍ଡ୍‌ର ମହା ଆୟୁକ୍ତ, ନୂଆଦିଲ୍ଲୀ
- ରାଜ୍ୟ କର୍ମଚାରୀ ବୀମା କର୍ପୋରେସନ୍‌ର ମହା ନିର୍ଦ୍ଦେଶକ, ନୂଆଦିଲ୍ଲୀ
- କେନ୍ଦ୍ରୀୟ କୋଇଲା ଖଣି ପ୍ରୋଭିଡେଣ୍ଟ ଫଣ୍ଡ୍ କମିଶନର୍, ଧାନବାଦ

**ରାଜ୍ୟ ସ୍ତରରେ :**

- ଜାତୀୟ ନିରାପତ୍ତା ପରିଷଦର ରାଜ୍ୟ ଶାଖା
- ରାଜ୍ୟ ପ୍ରଦୂଷଣ ପ୍ରତିଷେଧ ଓ ନିୟନ୍ତ୍ରଣ ପରିଷଦ
- ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ
- କାରଖାନା ଓ ବୟଲର୍‌ସମୂହର ମୁଖ୍ୟ ନିରୀକ୍ଷକଙ୍କ କାର୍ଯ୍ୟାଳୟ
- ଆଞ୍ଚଳିକ ପ୍ରଭିଡେଣ୍ଟ ଫଣ୍ଡ୍ କମିଶନର୍
- **ଇ.ଏସ୍.ଆଇ.ସି.**, ଆଞ୍ଚଳିକ ନିର୍ଦ୍ଦେଶକ
- **ଇ.ଏସ୍.ଆଇ.** ସ୍କିମ୍ ନିର୍ଦ୍ଦେଶକ
- ଶ୍ରମକଲ୍ୟାଣ କମିଶନର୍
- କେନ୍ଦ୍ରୀୟ ସର୍ବସାଧାରଣ ଉଦ୍ୟୋଗ ସମୂହ (ନାଲ୍‌କୋ, ଏନ୍.ଟି.ପି.ସି., ସଇଁତଳା ସ୍ଥିତ ଗୋଳାବାରୁଦ କାରଖାନା, ତାଳଚେର ସ୍ଥିତ ଇଷ୍ଟର୍ଣ୍ଣ କୋଲ୍‌ଫିଲ୍ଡ, ଇବ୍ ଉପତ୍ୟକା ମହାନଦୀ କୋଲଫିଲ୍ଡ ଝାରସୁଗୁଡା ଇତ୍ୟାଦି), ଯେଉଁମାନଙ୍କର ଉତ୍ତମ ସଂରଚନାଗତ ସୁବିଧାମାନ ରହିଛି, ଯାହାକି ନିରାପତ୍ତା ଏବଂ ପେଷାଗତ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଯଥେଷ୍ଟ କାର୍ଯ୍ୟଦକ୍ଷ ।

ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ (ଯଥା ସେମିନାର୍, କର୍ମଶାଳା, ବିନିମୟ କାର୍ଯ୍ୟକ୍ରମ ଇତ୍ୟାଦି) କରିବା ପାଇଁ ଆବଶ୍ୟକ ହେଉଥିବା ସମ୍ବଳ ସଂଗ୍ରହ ଏବଂ ନିଜସ୍ୱ ସଂରଚନା ନିର୍ମାଣ ପାଇଁ ରାଜ୍ୟ ଶାଖା କିଛି ସମୟ ଲୋଡିପାରନ୍ତି । ସେପର୍ଯ୍ୟନ୍ତ ଉପରେ ସୂଚୀତ ହୋଇଥିବା ସଂସ୍ଥାଗୁଡିକ ଅଧୀନରେ ଉପଲବ୍ଧ ସଂରଚନା ଓ ସଂବଳକୁ ବ୍ୟବହାର କରାଯିବା ଉଚିତ୍ ମନେହୁଏ, କାରଣ ରାଜ୍ୟରେ ଏଭଳି କେତେକ ସଂସ୍ଥା ସୁପ୍ରତିଷ୍ଠିତ ହୋଇସାରିଛି । ପରିଶେଷ ଦୃଷ୍ଟିକୋଣରୁ ବିଚାର କଲେ, ପରିପକ୍ୱ ବୟସରେ ସୁରକ୍ଷିତ ତଥା ସମ୍ମାନଜନକ ଭାବେ ଜୀବନ ଅତିବାହିତ କରିବା କ୍ଷେତ୍ରରେ ଦାରିଦ୍ର୍ୟ ଓ ସାମାଜିକ ବଂଚନା ହେଉଛି ସବୁଠୁଁ ବଡ ପ୍ରତିବନ୍ଧକ ।

ସୁତରାଂ ବୟସ୍କ, ଅକ୍ଷମ ଓ ପଙ୍ଗୁ ବ୍ୟକ୍ତିମାନଙ୍କ ସମେତ ସେହି ସବୁ ଶ୍ରେଣୀର ଲୋକମାନଙ୍କ ପାଇଁ ସାମାଜିକ ସୁରକ୍ଷା ଆବଶ୍ୟକ ଏବଂ ବାଂଛନୀୟ, ଯେଉଁମାନେ କି ନିଜର ଆବଶ୍ୟକତା ନିଜେ ଯୋଗାଡ କରିପାରିବେନି ଏବଂ ଯେଉଁମାନେ ନିଜର ସର୍ବନିମ୍ନ ଆବଶ୍ୟକତାର ପୂରଣ ପାଇଁ ରାଷ୍ଟ୍ର ଉପରେ ନିର୍ଭର କରିଥାନ୍ତି । ଉକ୍ତ ସର୍ବନିମ୍ନ ଆବଶ୍ୟକତାର ସୁନିଶ୍ଚିତ ପରିପୂରଣ ପାଇଁ ସମ୍ବିଧାନ ମଧ୍ୟ ପ୍ରତି ନାଗରିକଙ୍କୁ ମୌଳିକ ଅଧିକାର ପ୍ରଦାନ କରିବା ଯଥୋଚିତ ହେବ ।। ସାମାଜିକ ବଞ୍ଚନା ହେଉଛି ବାଛବିଚାରର ଏକ ପରିଣତି ମାତ୍ର; ଏହା ମଧ୍ୟ ନିଯୁକ୍ତି-ରହିତ ଅଭିବୃଦ୍ଧିର ଏକ ଆନୁଷଙ୍ଗିକ ଫଳ; ଅଧିକରୁ ଅଧିକ ଯନ୍ତ୍ରକୌଶଳର ପ୍ରୟୋଗ, ଶ୍ରମିକ ଛଟେଇ ଏବଂ ଶ୍ରମିକ ବିସ୍ଥାପନ ଜରିଆରେ ଏପ୍ରକାର ଅଭିବୃଦ୍ଧି ଘଟିଚାଲିଛି ଏବଂ ତହିଁର ପରିଣତି ସ୍ୱରୂପ ବ୍ୟାପକ ସଂଖ୍ୟକ ଲୋକେ ରାସ୍ତାପାର୍ଶ୍ୱରେ ନିସହାୟ ଅବସ୍ଥାରେ ପଡିରହିଛନ୍ତି । ତଥାକଥିତ ଅଭିବୃଦ୍ଧି ଦ୍ୱାରା ଅବହେଳିତ ହୋଇପଡିଥିବା ଲୋକମାନଙ୍କ ପାଇଁ ସାମାଜିକ ସୁରକ୍ଷା ନିହାତି ଜରୁରୀ, କାରଣ ତାହା ବିନା ସେମାନେ ବର୍ତ୍ତମାନ ଭୋଗୁଥିବା ଚରମ ଦାରିଦ୍ର୍ୟ ଏବଂ ବଂଚନାର ଦୁଃସ୍ଥିତିରୁ ନିଜକୁ ମୁକୁଳାଇ ପାରିବେନି ।

ଏହା ସହିତ ଏକଥା ମନେ ରଖିବାକୁ ପଡିବ ଯେ, ଏକ ଉଚ୍ଚ-ହାର ବିଶିଷ୍ଟ ଅଭିବୃଦ୍ଧି ଯେତେ ଆକର୍ଷଣୀୟ ହେଲେ ବି ତଦ୍ୱାରା ଆପେ ଆପେ କର୍ମନିଯୁକ୍ତିର ସୁଯୋଗ ବୃଦ୍ଧି ପାଇବାର ନିଶ୍ଚୟତା ନାହିଁ । ଜି.ଡି.ପି. (ସମୁଦାୟ ଆଭ୍ୟନ୍ତରୀଣ ଉତ୍ପାଦ) ବୃଦ୍ଧିର ହାର ଏବଂ କର୍ମନିଯୁକ୍ତି ବୃଦ୍ଧିର ହାର ଭିତରେ ସର୍ବଦା ଏକ ବ୍ୟବଧାନ ରହିଥାଏ । ଏହି ବ୍ୟବଧାନକୁ ସର୍ବନିମ୍ନ ସ୍ତରରେ ରଖିବା ପାଇଁ (ଏହାର ସଂପୂର୍ଣ୍ଣ ନିରାକରଣ ସମ୍ଭବ ନୁହେଁ) ଜାତୀୟ ସରକାରମାନେ ଏକ ସମନ୍ୱିତ କାର୍ଯ୍ୟଧାରା ଅଧୀନରେ ସୁନିର୍ଦ୍ଦିଷ୍ଟ ଓ ଫଳପ୍ରଦ କାର୍ଯ୍ୟକୌଶଳ ମାନ ପ୍ରସ୍ତୁତ କରିବା ଆବଶ୍ୟକ, ଯାହାର ଉଦ୍ଦେଶ୍ୟ ହେବ ପୂର୍ଣ୍ଣ-କ୍ଷଣ, ସ୍ୱପସନ୍ଦ ଭିତ୍ତିକ, ମର୍ଯ୍ୟାଦାଜନକ ତଥା ଉତ୍ପାଦନଶୀଳ କର୍ମନିଯୁକ୍ତିର ସୃଷ୍ଟିକୁ ପ୍ରୋତ୍ସାହନ ଦେବା । ଏକ ସଙ୍ଗେ ଚାରୋଟି କାର୍ଯ୍ୟକୌଶଳକୁ ବଳିଷ୍ଠ ଭାବେ ସାକାର କରିବାକୁ ପଡିବ, ଯଥା (କ) କର୍ମସଂସ୍ଥାନ ସୃଷ୍ଟି, (ଖ) କର୍ମସଂସ୍ଥାନର ସୁରକ୍ଷା, (ଗ) କର୍ମସଂସ୍ଥାନର ମାନବୃଦ୍ଧି, ଏବଂ (ଘ) କର୍ମସଂସ୍ଥାନ ପ୍ରକ୍ରିୟାରେ ସହାୟତା । ଏଭଳି ଏକ ସାମଗ୍ରିକ କାର୍ଯ୍ୟକୌଶଳ ଦ୍ୱାରା ସଂଗଠିତ ବା ଅସଂଗଠିତ କ୍ଷେତ୍ର ଅଥବା ଘରୋଇ ବା ସର୍ବସାଧାରଣ କ୍ଷେତ୍ର ଅଥବା ଆଭ୍ୟନ୍ତରୀଣ ବା ଦରିଆପାରି ଶ୍ରମିକ- ସମସ୍ତ ଶ୍ରମିକମାନଙ୍କର ସ୍ୱାର୍ଥସମୂହ ସୁରକ୍ଷିତ ଓ ନିରାପଦ ରହିପାରିବ । ଏହି କାର୍ଯ୍ୟକୌଶଳ ଏକ ସାଙ୍ଗେ ବିବିଧ ସୁଫଳକୁ ସୁନିଶ୍ଚିତ

ଉପଲବ୍ଧ କରାଇ ପାରୁଥିବ, ଯଥା (କ) ଯଥେଷ୍ଟ ରୋଜଗାର ହାସଲ, (ଖ) ସାମାଜିକ ସୁରକ୍ଷା ପାଇଁ ବ୍ୟବସ୍ଥା, (ଗ) ସମସ୍ତ ଶ୍ରମିକମାନଙ୍କର ମୌଳିକ ଅଧିକାରସୂହର ସୁରକ୍ଷା, (ଡି) ତ୍ରିପକ୍ଷୀୟ ଏବଂ ସାମାଜିକ ସ୍ତରରେ ଆଳାପ-ଆଲୋଚନା ମାଧ୍ୟମରେ ବ୍ୟବସ୍ଥିତ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ, ଏବଂ (ଙ) ଯଦି କୌଣସି ସ୍ୱତନ୍ତ୍ର ଗୋଷ୍ଠୀର ସଭ୍ୟମାନେ ଉପଯୁକ୍ତ ଯୋଗ୍ୟତା ଓ ଦକ୍ଷତାର ଅଧିକାରୀ ହୋଇଥିବେ, ତେବେ ସେମାନଙ୍କ ବିରୁଦ୍ଧରେ କୌଣସି ବାଛବିଚାର କରାନଯିବା ।

ଏକଥା ମଧ୍ୟ ମନେ ରଖିବା ଉଚିତ୍ ଯେ, ଅନବରତ ଏବଂ ଜୀବନବ୍ୟାପୀ ଶିକ୍ଷା ସହିତ ନିର୍ବିକଳ୍ପ ଏବଂ ଶ୍ରେଷ୍ଠତମ ମାନବ ସମ୍ବଳର ବିକାଶ ଉଦ୍ଦେଶ୍ୟରେ ଏକ ଯଥୋଚିତ ନୀତି କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ ଉପରୋକ୍ତ କାର୍ଯ୍ୟଶୈଳୀକୁ ସାକାର ରୂପ ଦେବା ଅସମ୍ଭବ ।

***



କେବଳ ଜଣେ ଦକ୍ଷ ଓ ନିଷ୍ଠାବାନ ପ୍ରଶାସକ ଭାବେ ନୁହଁନ୍ତି, ବରଂ ଜଣେ ଗଭୀର ଅନ୍ତର୍ଦୃଷ୍ଟି ସମ୍ପନ୍ନ ଏବଂ ପ୍ରତିବଦ୍ଧିତାରେ ପରିପୂର୍ଣ୍ଣ, ଦରଦୀ ଓ ମାନବବାଦୀ ଦୂରଦଷ୍ଟା ଭାବେ ସାରା ଦେଶରେ ପରିଚିତ ଡ଼ଃ ଲକ୍ଷ୍ମୀଧର ମିଶ୍ର ନମ୍ର, ନିରଳସ ଓ ନିରହଙ୍କାର ଜୀବନଚର୍ଯ୍ୟାର ମୂର୍ତ୍ତୀମନ୍ତ ପ୍ରତୀକ  ସାମଗ୍ରିକ ସାମାଜିକ ପରିବର୍ତ୍ତନର ବିଚାରରେ ବିଶ୍ୱାସୀ ।

ସାମାଜିକ ନିରାପତ୍ତା ପାଇଁ ସଂଘର୍ଷରତ ଶ୍ରମଜୀବୀ ମଣିଷଙ୍କ ପ୍ରତି ସମ୍ବେଦନଶୀଳତାର ସହ କାର୍ଯ୍ୟକରି କେନ୍ଦ୍ର ଶ୍ରମ ସଚିବ ଭାବେ ସେ ପାଇଛନ୍ତି ପ୍ରଚୁର ପ୍ରସିଦ୍ଧି ଏବଂ ସେଥିପାଇଁ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇ.ଏଲ.ଓ)ର ବରିଷ୍ଠ ଉପଦେଷ୍ଟା ଭାବେ ବ୍ୟାଙ୍କକ୍‌ଠାରେ ମଧ୍ୟ ଅବସ୍ଥାପିତ ହୋଇଥିଲେ । ଅମାନବୀୟ ଗୋତି ଶ୍ରମିକ ପ୍ରଥାର ଉଚ୍ଛେଦ ଓ ସନ୍ତୁଳନ ଦିଗରେ କଡ଼ାକଡ଼ି ପଦକ୍ଷେପ ନେଇ ସେ ନିଜର ସଙ୍କଳ୍ପବଦ୍ଧ ବ୍ୟକ୍ତିତ୍ୱର ପରିଚୟ ସୃଷ୍ଟିକରି ପାରିଛନ୍ତି । ସେମାନଙ୍କ ଥଇଥାନ ଦିଗରେ ସର୍ବଦା ସଯତ୍ନ ଓ ସଚେତନ ଥିବା ଡ଼ଃ ମିଶ୍ରଙ୍କ ପ୍ରତ୍ୟୁତ୍ପନ୍ନମତିତା ପ୍ରଶଂସନୀୟ ନିଶ୍ଚୟ । ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବା ସହ ସେମାନଙ୍କୁ ଶିକ୍ଷାର ମୁଖ୍ୟ ପ୍ରବାହରେ ସାମିଲ କରିବାରେ ତାଙ୍କର ଆକାଂକ୍ଷା, ଆକ୍ସନ ପ୍ଲାନ୍ ଓ ଆନ୍ତରିକତା ଅବଶ୍ୟ ଅନନ୍ୟ ଓ ଅଦମ୍ୟ । ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ପାଇଁ ବିଧିବଦ୍ଧ ଆଇନ୍ ପ୍ରଣୟନ ଓ କଲ୍ୟାଣ ସାଧନରେ ତାଙ୍କ ଅବଦାନ ଅଦ୍ୱିତୀୟ ଓ ଅତୁଳନୀୟ ।

ଜଣେ ଉଚ୍ଚ ପଦସ୍ଥ ବରିଷ୍ଠ ପ୍ରଶାସକ ଭାବେ ସରକାରୀ ନୀତି ନିୟମ ଓ ଫାଇଲ ଚାପ ଭିତରେ ନିଜକୁ ଚାପି ନଦେଇ ସାଧାରଣ ମଣିଷର ସ୍ୱାର୍ଥରେ କାର୍ଯ୍ୟ କରିବା ଓ ବିକଳ୍ପ ଖସଡ଼ା ପ୍ରସ୍ତୁତ କରିବା ସହ ଅନେକ ଉଚ୍ଚମାନର, ସାରଗର୍ଭକ ଓ ବିଚାର ଉଦ୍ରେକକାରୀ ଉପାଦେୟ ଲେଖାଲେଖି ସେ ବୌଦ୍ଧିକ ବିଳାସର ରୁଦ୍ଧ କୋଠରୀରୁ ବାହାରି ଆସି ସାଧାରଣ ମଣିଷ ସହ ନିଜକୁ ସାମିଲ କରି ପାରିଛନ୍ତି । ‘ଦି ହ୍ୟୁମାନ୍ ବଣ୍ଡେଜ୍’ ତାଙ୍କର ଅନନ୍ୟ କୃତି ।